
ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୨୭ ନଭେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 27 November 2025
Vol.No. 36 ■ No.312 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ସାଗରିକା ପୂଜା ସଂଖ୍ୟା
ସାଗରିକା
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


### ନୂଆ ଇତିହାସର ସାକ୍ଷୀ ରହିବ ବିଧାନସଭା

## ଆଜି ବିଧାୟକଙ୍କୁ ମହାମନ୍ତ୍ର ଦେବେ ମହାମହିମ

ଭୁବନେଶ୍ୱର, ୨୬/୧୧ (ନି.ପ୍ର): ଆସନ୍ତାକାଲିଠୁ ବିଧାନସଭାର ଶୀତକାଳୀନ ଅଧିବେଶନ । ପ୍ରାୟ ଏକମାସ ଧରି ଚାଲିବାକୁ ଥିବା ଅଧିବେଶନ ଐତିହାସିକ ହେବାକୁ ଯାଉଛି । କାରଣ ଏଥର ରାଷ୍ଟ୍ରପତିଙ୍କ ଅଭିଭାଷଣରୁ ଆରମ୍ଭ ହେବ ଅଧିବେଶନ । ପାଖାପାଖି ଘଣ୍ଟାଏ ଧରି ଗୃହକୁ ସମ୍ବୋଧନ କରିବେ ମହାମହିମ । ପ୍ରଥମ ଥର ବିଧାନସଭାରୁ ରାଷ୍ଟ୍ରପତି କ'ଣ ବାର୍ତ୍ତା ଦେବେ ତାକୁ ନେଇ ଉତ୍କଣ୍ଠା । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଓଡ଼ିଶା ଗସ୍ତକୁ ନେଇ ଆରମ୍ଭ ହୋଇଗଲାଣି କାଉଣ୍ଟଡାଉନ୍ । ଆସନ୍ତାକାଲି ଦିନ ୨ଟା ୩୦ ମିନିଟ୍‌ରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ । ସେଠାରୁ ସିଧା ରାଜଭବନ ଯାଇ ଅପରାହ୍ଣ ୪ଟା ୨୦ରେ ବିଧାନସଭାରେ ପହଞ୍ଚିବେ । ସାଢେ



୪ଟାରୁ ସାଢେ ୫ଟା ପର୍ଯ୍ୟନ୍ତ ଘଣ୍ଟାଏ ଧରି ବିଧାନସଭାରେ ରହିବେ ମହାମହିମ । ଯେଉଁଠି ରାଜନୀତିର ନୂଆ ପରିଚୟ ମିଳିଥିଲା ସେହିଠାରୁ ରାଜବାସୀଙ୍କୁ ସମ୍ବୋଧିତ କରିବେ । କ'ଣ କହିବେ ମହାମହିମ ? ଯାହାକୁ ନେଇ ଜନପ୍ରତିନିଧିଙ୍କ ଠାରୁ ନେଇ ଜନତାଙ୍କ ଯାଏ ଉତ୍କଣ୍ଠା । ଏଥିପାଇଁ ବିଧାନସଭା ଓ ରାଜ୍ୟ ସରକାରଙ୍କ ପକ୍ଷରୁ ମେଗା ପ୍ରସ୍ତୁତି ଚାଲିଛି । ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ରାଜଧାନୀରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ବିଧାନସଭାକୁ କଡ଼ା ସୁରକ୍ଷା ବଳୟ ଭିତରେ ରଖାଯାଇଛି । ୩୩ ପ୍ଲାଟୁନ୍ ପୁଲିସ ଫୋର୍ସ, ଷ୍ଟ୍ରାଇକିଂ ଫୋର୍ସ ବୋମା ନିଷ୍କ୍ରିୟକାରୀ ଦଳ ସଜାଗ ରହିଛନ୍ତି । ଭୁବନେଶ୍ୱର ବିମାନବନ୍ଦରରୁ ରାଜଭବନ ଏବଂ ରାଜଭବନରୁ ବିଧାନସଭା ପର୍ଯ୍ୟନ୍ତ କାରେକେଡ୍ ରିହରସାଲ କରାଯାଇଛି ।

## ଏଣିକି ଗୁଣ୍ଡିଚା ମନ୍ଦିର ଗଲେ ପଡ଼ିବ ଟିକେଟ୍: ଦାମ୍ ରହିଛି ୧୦ ଟଙ୍କା

ପୁରୀ, ୨୬/୧୧ (ନି.ପ୍ର): ଆଉ ଚାରି ଦିନ ପରେ ଅର୍ଥାତ୍ ଡିସେମ୍ବର ୧ ତାରିଖରୁ ପରୀକ୍ଷାମୂଳକ ଭାବେ ଖୋଲିବ ଗୁଣ୍ଡିଚା ମନ୍ଦିର । ତେବେ ମନ୍ଦିର ଭିତରେ ପ୍ରବେଶ କରିବାକୁ କରାଯାଇଛି ଟିକେଟ୍ ବ୍ୟବସ୍ଥା । ପ୍ରତିଟି ଟିକେଟ୍‌ର ମୂଲ୍ୟ ୧୦ ଟଙ୍କା ରଖାଯାଇଛି । ବୁଧବାର ଗୁଣ୍ଡିଚା ମନ୍ଦିରରେ ଚାଲିଥିବା ଉନ୍ନତିକରଣ କାର୍ଯ୍ୟର ଅଗ୍ରଗତି ଅନୁଧ୍ୟାନ କରିବା ପରେ ଏହି ସୂଚନା ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ । ସେ କହିଛନ୍ତି, ୧ ତାରିଖରୁ ପରୀକ୍ଷାମୂଳକ ଭାବେ ଗୁଣ୍ଡିଚା ମନ୍ଦିରକୁ ଶ୍ରଦ୍ଧାଳୁଙ୍କ ନିମନ୍ତେ ଖୋଲାଯିବ । ଶ୍ରଦ୍ଧାଳୁଙ୍କ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଉଛି । ମନ୍ଦିର ପରିସରରେ ଉନ୍ନତିକରଣ କାର୍ଯ୍ୟ ଏବେ ବି ଜାରି ରହିଛି । ଶ୍ରଦ୍ଧାଳୁଙ୍କ ସୁରକ୍ଷାକୁ ସବୁଠୁ ଅଧିକ ଗୁରୁତ୍ୱ ଦିଆଯାଉଛି । ୧ ତାରିଖରୁ ପରୀକ୍ଷାମୂଳକ ଭାବେ



ଖୋଲାଯିବା ପରେ ଯେଉଁ ସବୁ ତ୍ରୁଟି ବା ସମସ୍ୟା ସାମ୍ନାକୁ ଆସିବ, ସେହି ଅନୁସାରେ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ବ୍ୟବସ୍ଥା କରାଯିବ । ଶ୍ରୀ ପାଢ଼ୀ କହିଛନ୍ତି ଯେ ଶ୍ରୀଗୁଣ୍ଡିଚା ମନ୍ଦିରରେ ପ୍ରବେଶ କରିବା ପାଇଁ ଟିକେଟ ବ୍ୟବସ୍ଥା କରାଯାଇଛି । ଟିକେଟର ମୂଲ୍ୟ ୧୦ ଟଙ୍କା ରଖାଯାଇଛି । ତେବେ ୫ ବର୍ଷରୁ କମ୍ ଶିଶୁ, ୮୦ ବର୍ଷରୁ ଅଧିକ ବୟସର ବ୍ୟକ୍ତି ଓ ଦିବ୍ୟାଙ୍ଗମାନଙ୍କ ପାଇଁ ଟିକେଟ ବ୍ୟବସ୍ଥା କରାଯାଇନାହିଁ । ଦିବ୍ୟାଙ୍ଗମାନଙ୍କ ପାଇଁ କାଠ ରାମ୍ପର ବ୍ୟବସ୍ଥା କରାଯାଇଛି । ମନ୍ଦିର ବାହାରେ ସିଂହଦ୍ୱାର ସାମ୍ନାରେ ନିଃଶୁଳ୍କ ମୋବାଇଲ ଓ ଜୋତା ଷ୍ଟାଣ୍ଡର ବ୍ୟବସ୍ଥା କରାଯିବ । ଶ୍ରୀ ମନ୍ଦିର ପ୍ରଶାସନ ପକ୍ଷରୁ ଏହି ବ୍ୟବସ୍ଥା କରାଯିବ । ଶ୍ରୀଗୁଣ୍ଡିଚା ମନ୍ଦିର ପ୍ରତ୍ୟେକ ଦିନ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭକ୍ତଙ୍କ ପାଇଁ ଖୋଲା ରହିବ ।

▶▶ପୃଷ୍ଠା ୭

## ଖଣି ଓ ବାଲି ମାଫିଆଙ୍କୁ ମିଳିବନି ମାଫ୍: ବଡ଼ ଆକ୍ସନ୍ ନେବେ ରାଜ୍ୟ ସରକାର

ଭୁବନେଶ୍ୱର, ୨୬/୧୧ (ନି.ପ୍ର):ବାଲି ଚୋରିକୁ ନେଇ ଆକ୍ସନ ମୋଡ୍‌ରେ ସରକାର । ବେତନଟୀରେ ତହସିଲଦାରଙ୍କୁ ଆକ୍ରମଣ ଓ ଜଗତସିଂହପୁରରେ ବେଆଇନ ବାଲି ଗାଡ଼ି ଜବତ ପରେ ବିଭାଗୀୟ ମନ୍ତ୍ରୀଙ୍କ କଡ଼ା ଚେତାବନୀ । ବାଲି ମାଫିଆଙ୍କୁ ସଂପୂର୍ଣ୍ଣ ନିଶ୍ଚିହ୍ନ କରିବା ଯାଏଁ କାର୍ଯ୍ୟାନୁଷ୍ଠାନ ଜାରି ରହିବ । ସେପଟେ ଜଗତସିଂହପୁରରେ ଅପରେସନ୍ 'ବାଲୁବଜ୍ର' ଜରିଆରେ ବେଆଇନ ବାଲି ବୋଝେଇ ହାଇଓ୍ୱା ଜବତ ହୋଇଛି । ବାଲି ମାଫିଆଙ୍କୁ ଦମନ କରିବାକୁ ତହସିଲଦାର, ଉପଜିଲ୍ଲାପାଳ, ଜିଲ୍ଲାପାଳ ଓ ପୁଲିସ ମିଳିତ ଭାବେ କାମ କରୁଛନ୍ତି । କେହି ସରକାରଙ୍କ ନଜରରୁ ବର୍ତ୍ତି ପାରିବେ ନାହିଁ । ରାଜ୍ୟରେ ବାଲି ଚୋରି ଘଟଣା ସାମ୍ନାକୁ ଆସୁଥିବା ବେଳେ ଏପରି କଡ଼ା ଚେତାବନୀ ଦେଇଛନ୍ତି ଖଣି ମନ୍ତ୍ରୀ ବିଭୂତି ଜେନା । ମନ୍ତ୍ରୀ କହିଛନ୍ତି, ଆଗକୁ ଆହୁରି ବଡ଼ ଧରଣର ଆକ୍ସନ ହେବ । ଲଘୁ ଖଣିଜ ଚୋର, ଖଣି ମାଫିଆ ଓ ବାଲି ମାଫିଆଙ୍କୁ ସମ୍ପୂର୍ଣ୍ଣ ନିଶ୍ଚିହ୍ନ କରିବା ଯାଏଁ କାର୍ଯ୍ୟାନୁଷ୍ଠାନ ଜାରି ରହିବ । ୫୦ରୁ ଅଧିକ ବେଆଇନ ବାଲି ବୋଝେଇ ହାଇଓ୍ୱା ଜବତ କରାଯିବା ସହ ୬ ଜଣ ହାଇଓ୍ୱା ଚାଳକଙ୍କୁ ଗିରଫ କରାଯାଇଛି । ଟେଣ୍ଡର ନେଇଥିବା ଠିକାଦାର ସରକାରୀ ନିୟମକୁ ଉଲଂଘନ କରି ବେଆଇନ ଭାବେ ନିର୍ଦ୍ଧାରିତ ସ୍ତରଠାରୁ ଅଧିକ ପରିମାଣର ବାଲି ଉଠାଉଥିଲେ । ଅଭିଯୋଗ ପାଇବା ପରେ ଚଢ଼ାଉ କରିଥିଲା ପୋଲିସ । ସେପଟେ ବେତନଟୀ ତହସିଲଦାରଙ୍କୁ ବାଲି ମାଫିଆଙ୍କ ଆକ୍ରମଣ ଘଟଣାରେ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ଏସ୍‌ଡିପିଓଙ୍କ ନେତୃତ୍ୱରେ ଚଢାଉ କରାଯାଉଛି । ବାଲି ଚୋରା ଚାଲାଣ ରୋକିବା ପାଇଁ ପଦକ୍ଷେପ ଗ୍ରହଣ କରୁଛନ୍ତି ସରକାର । ବାଲି ପାଇଁ ଏମ୍‌ଏସ୍‌ପି ମଧ୍ୟ ଲାଗୁ କରାଯିବ । ଏହା ପରେ ବି ସରକାରଙ୍କ ନିୟମକୁ ଖାତିର ନକରି ବାଲି ଚୋରି କରିବାରେ ଲାଗିଛନ୍ତି ମାଫିଆ ।

## ବାଣ ମାରିଲେ ଜୟନାରାୟଣ: ପାର୍ଟି ଥିଲେ ତ ସୁଜାତା ଦାୟିତ୍ୱ ନେବେ

ଭୁବନେଶ୍ୱର, ୨୬/୧୧ (ନି.ପ୍ର): ଆସନ୍ତା ଡିସେମ୍ବର ୨୬ରେ ବିଜେଡିର ପ୍ରତିଷ୍ଠା ଦିବସ ପାଳନ ପୂର୍ବରୁ ଦଳରେ ସାମିଲ ହୋଇପାରନ୍ତି ସୁଜାତା କାର୍ତ୍ତିକେୟନ । ଏମିତିକି ବିଜେଡିର ଅଘୋଷିତ ସର୍ବେସର୍ବା ଭି. କେ ପାଣ୍ଡିଆନଙ୍କ ପତ୍ନୀ ସୁଜାତାଙ୍କୁ ନବୀନଙ୍କ ଉତ୍ତରାଧିକାରୀ ଘୋଷଣା କରାଯାଇପାରେ ବୋଲି ଆଲୋଚନା ଜୋର ଧରିଛି । ଏହାକୁ ନେଇ ଗତ ଦୁଇ ଦିନରେ ବିଜେଡିର କିଛି ନେତା ପ୍ରତିକୂଳ ମନ୍ତବ୍ୟ ଦେଇଥିବା ବେଳେ ବିଜେପିର ବରିଷ୍ଠ ବିଧାୟକ



ଜୟନାରାୟଣ ମିଶ୍ର କହିଛନ୍ତି କଡ଼ା କଥା । ସେ କହିଛନ୍ତି ଯେ ପାର୍ଟି ଥିଲେ ତ ସୁଜାତା ଦାୟିତ୍ୱ ନେବେ । ଜୟନାରାୟଣ କହିଛନ୍ତି, ବିଜେପି ଯେଉଁ ଦିନ ହ୍ୱିସିଲ ଫୁଙ୍କିବ, ସେହି ଦିନ ବିଜେଡି ୧୨ ଖଣ୍ଡ ହୋଇଯିବ । ପାର୍ଟି କୁଆଡ଼େ ଯିବ ଯେ ଜଣାପଡ଼ିବନି । ଯେଉଁ ପାର୍ଟି ଓଡ଼ିଶାକୁ ୨୪ ବର୍ଷ ଶାସନ କଲା ପରେ ଏକ ନିର୍ବାଚନରେ (ନୂଆପଡ଼ା ଉପ-ନିର୍ବାଚନରେ) ତୃତୀୟ ସ୍ଥାନ ଅଧିକାର କରିଛି, ସେହି ପାର୍ଟି ବିଷୟରେ ଆମେ କାହିଁକି ଅଧିକ ଆଲୋଚନା କରିବା । ସେ ଆହୁରି କହିଛନ୍ତି, ସୁଜାତା ହୁଅନ୍ତୁ କି ଆଉ ଯେ କେହି, ପାର୍ଟି ଥିଲେ ତ ଦାୟିତ୍ୱ ନେବେ । ସୁଜାତା କ'ଣ ନେତା ଯେ ଲୋକଙ୍କ ଆସ୍ଥାଭାଜନ ହୋଇଯିବେ । ସେ ଜଣେ ସରକାରୀ କର୍ମଚାରୀ ଥିଲେ । ସିଏ ଆସନ୍ତୁ କି ଆଉ ଯିଏ ଆସନ୍ତୁ, ବିଜେଡିର କ'ଣ ହୋଇଯିବ ? ବିଜେଡିର ଆଉ ଭବିଷ୍ୟତ ନାହିଁ । ବିଜେଡିର ବିଧାୟକ ସଂଖ୍ୟା ୫୦କୁ ଖସି ଯାଇଛି । ଆଉ ବର୍ଷେ କି ଦୁଇ ବର୍ଷ ପରେ ସେମାନେ ୪ ବା ୫ଟି

▶▶ପୃଷ୍ଠା ୭

## ଓଡ଼ିଶାରୁ ଅଧିକ ୮ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ କିଣିବ ଏଫସିଆଇ

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୬/୧୧ : କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅନୁରୋଧ କ୍ରମେ ଭାରତୀୟ ଖାଦ୍ୟ ନିଗମ ବା ଏଫସିଆଇ ଓଡ଼ିଶାରୁ ଅତିରିକ୍ତ ୮ ଲକ୍ଷ ମେଟ୍ରିକ୍ ଟନ୍ ତଥା ମୋଟ ୫୮ ଲକ୍ଷ ଧାନ(ଚାଉଳ ଆକାରରେ) କିଣିବ ବୋଲି କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରୀ ଶ୍ରୀ ପ୍ରହ୍ଲାଦ ଯୋଶୀ ସୂଚନା ଦେଇଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ପତ୍ରର ଉତର ଦେଇ ଶ୍ରୀ ଯୋଶୀ କହିଛନ୍ତି ଯେ ଓଡ଼ିଶାର ଚାଷୀ ଭାଇ ଭଉଣୀଙ୍କ ସ୍ୱାର୍ଥକୁ ରକ୍ଷା କରି ଖରିଫ ଫସଲ ପାଇଁ ଧାନ କିଣିବା ଲକ୍ଷ୍ୟକୁ ୪୦ ଲକ୍ଷ ମେଟ୍ରିକ୍ ଟନରୁ ବୃଦ୍ଧି କରି ୪୭

▶▶ପୃଷ୍ଠା ୭

## ପୋଲିସ ଏସଆଇ ସ୍କାମ୍: ୩ ଦିନିଆ ରିମାଣ୍ଡରେ ଯିବେ ୪ ଅଭିଯୁକ୍ତ

ଭୁବନେଶ୍ୱର, ୨୬/୧୧ (ନି.ପ୍ର): ପୋଲିସ ଏସଆଇ ପରୀକ୍ଷା ସ୍କାମ୍ ମାମଲାରେ ରିମାଣ୍ଡରେ ଯିବେ ୪ ଅଭିଯୁକ୍ତ । ୪ ଅଭିଯୁକ୍ତଙ୍କୁ ୩ ଦିନିଆ ରିମାଣ୍ଡରେ ନେବା ଲାଗି ଅନୁମତି ମିଳିଛି । ସିବିଆଇ ସେମାନଙ୍କୁ ୪ ଦିନିଆ ରିମାଣ୍ଡରେ ନେବାକୁ ଆବେଦନ କରିଥିଲା । ୪ ଅଭିଯୁକ୍ତ ହେଲେ ଲୋକନାଥ ସାହୁ, ତଫିମ୍ ଅହମ୍ମଦ ଖାନ୍, ବିଶ୍ୱ ରଞ୍ଜନ ବେହେରା ଓ ବିଶ୍ୱରଞ୍ଜନ ହରିଚନ୍ଦନ ।

## କବିତା କବିତାରେ ପୁଣି ଶ୍ରୀମୟୀ ମାରିଲେ ଶର

### ଅନ୍ୟ ମୁଣ୍ଡରେ ଅଠା ବୋଳ, ଏହା ହେଉଛି ତାମିଲ୍ ଖେଳ

ଭୁବନେଶ୍ୱର, ୨୬/୧୧ (ନି.ପ୍ର): ଗତକାଲି ଶ୍ରୀମୟୀଙ୍କ ନିଶାନାରେ ଥିଲା ବିଜେଡି । ଯଦିଓ ସିଧା ସିଧା ନାଁ ନେଇ ଶ୍ରୀମୟୀ ଟାର୍ଗେଟ୍ କରି ନାହାନ୍ତି ମାତ୍ର ବିଜେଡିର ବରିଷ୍ଠ ନେତା ଏବଂ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ସିନିଅର ସିଟିଜେନ୍ ସେଲ୍ ଉପସଭାପତି ପଦରୁ ଇସ୍ତଫା ଦେବା ପରେ ଏବଂ ବିଜେଡିକୁ ନେଇ ବିସ୍ଫୋରଣ କରିବା ପରେ ପୁଣି ବିଜେଡିକୁ



ଘେରିବାକୁ ଶ୍ରୀମୟୀ ମାରିଛନ୍ତି ଶକ୍ତ ବାଣ । ଏଥର ବିଜେଡି ବିରୋଧରେ ବୁଲେଇ ବଙ୍କେଇ 'ବିପ୍ଳବ- ବିଦ୍ରୋହ-ବିନାଶ'ର ବାଣ ମାରିଛନ୍ତି । ଖାଲି ଆଜି ନୁହେଁ ଲଗାତାର କିଛି ମାସ ଧରି ଶ୍ରୀମୟୀଙ୍କ ଟାର୍ଗେଟରେ ବିଜେଡି ଓ ପାଣ୍ଡିଆନ ରହିଥିବା ବେଳେ ସେ ସବୁବେଳେ କିଛି ନା କିଛି ବିରୋଧୀ ପୋଷ୍ଟ କରୁଛନ୍ତି । ଗତକାଲି ଦେବାଶିଷ ସାମନ୍ତରାୟ ପଦବୀ ଛାଡିବା ଏବଂ ବିଜେଡିକୁ ବ୍ୟୁରୋକ୍ରାଟିକ୍ ଦଳ ବୋଲି ଦେବାଶିଷ କହିବା କଥାକୁ ଶ୍ରୀମୟୀ ବିଦ୍ରୋହର ବହ୍ନି ବୋଲି ଲେଖିଛନ୍ତି- ବିପ୍ଳବର ବହ୍ନି, ବିଦ୍ରୋହର ଆରମ୍ଭ, ବିନାଶର ଶଙ୍ଖନାଦ... କେତେବେଳେ ବିଜେଡିର ଟିମ୍ ଭାଇରସ ତ ପୁଣି କେତେବେଳେ ତାମିଲ୍ ଚାଟୁକାର୍ ଉପଖ୍ୟାନ ବଖାଣି ନିଶାନା କରୁଛନ୍ତି ଶ୍ରୀମୟୀ । ନଭେମ୍ବର ୧୯ ତାରିଖରେ ବିଜୁ ବାବୁଙ୍କ ଫଟୋ ସହ ଏକ ପୋଷ୍ଟ କରିଥିଲେ ଶ୍ରୀମୟୀ । ଯେଉଁ କଥା ଗତକାଲି ଦେବାଶିଷ କହିଥିଲେ ସେହି କଥା ପୂର୍ବରୁ କହିଥିଲେ ଶ୍ରୀମୟୀ । ପୋଷ୍ଟ କରି ଲେଖିଥିଲେ- 'ଯେଉଁ ନେତାମାନେ ଦିନେ ବିଜୁ ପଟ୍ଟନାୟକଙ୍କ ଆଦର୍ଶରେ

▶▶ପୃଷ୍ଠା ୭

## ତାମିଲନାଡୁ ନିର୍ବାଚନ ପୂର୍ବରୁ ଏଆଇଏଡିଏମକେକୁ ଝଟ୍‌କା: ଦଳ ଛାଡ଼ିଲେ ୯ ଥରର ବିଧାୟକ

ନୂଆଦିଲ୍ଲୀ,୨୬/୧୧ : ଆଗାମୀ ବର୍ଷ ହେବାକୁ ଥିବା ତାମିଲନାଡୁ ବିଧାନସଭା ନିର୍ବାଚନ ପାଇଁ ଏବେଠାରୁ ସେଠାରେ ରାଜନୈତିକ ଗତିବିଧି ବଢ଼ିବାରେ ଲାଗିଛି । ଏହି କ୍ରମରେ ଏଆଇଏଡିଏମକେରୁ ବହିଷ୍କୃତ ବରିଷ୍ଠ ନେତା ତଥା ବିଧାୟକ ସେନଗୋଥାୟନ ଅଭିନେତା ବିଜୟଙ୍କ ଟିଭିକେରେ ଯୋଗ ଦେଉଛନ୍ତି । ଉଭୟ ଏଆଇଏଡିଏମକେ ଓ ଡିଏମକେ



ମେଣ୍ଟଠାରୁ ନିଜକୁ ଦୂରରେ ରଖିଥିବା ଅଭିନେତା ବିଜୟଙ୍କ ଟିଭିକେ ପାଇଁ ଖୁସି ଖବର । ଏଆଇଏଡିଏମକେର ତୁଙ୍ଗ ନେତା ସେନଗୋଥାୟନଙ୍କ ଟିଭିକିରେ ଯୋଗ ଦେଇଛନ୍ତି । ପଶ୍ଚିମ ତାମିଲନାଡୁ ଗୋବିଚେଥି ପଲାୟମରୁ ୯ଥର ବିଧାୟକ ଥିବା ସେନଗୋଥାୟନଙ୍କ ଏଆଇଏଡିଏମକେରେ ଭଲ ପ୍ରଭାବ ଥିଲା । ମାତ୍ର ବିଧାନସଭା ନିର୍ବାଚନ ପୂର୍ବରୁ ଦଳରୁ ବହିଷ୍କୃତ ଓ ଛାଡିଥିବା ନେତାଙ୍କୁ ଫେରାଇ ଆଣିବାକୁ ଡାକରା ଦେଇ ସେ ପୂର୍ବତନ ମୁଖ୍ୟମନ୍ତ୍ରୀ ପଲାନିସ୍ୱାମୀଙ୍କ ଆକ୍ରୋଶର ଶିକାର ହୋଇଥିଲେ । ଏଆଇଏଡିଏମକେରୁ ବହିଷ୍କୃତ ପୂର୍ବତନ ମୁଖ୍ୟମନ୍ତ୍ରୀ ପନିରସେଲଭମ ଓ ଦିନାକରଣଙ୍କ ସହ ଏକ ବୈଠକରେ ଯୋଗ ଦେବା ପରେ ସେନଗୋଥାୟନଙ୍କୁ ପଲାନୀସ୍ୱାମୀ ଦଳରୁ ବହିଷ୍କାର କରିଥିଲେ ।

▶▶ପୃଷ୍ଠା ୭

## ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ପୁରସ୍କାର ବିତରଣ ସମାରୋହ: ଏକକାଳୀନ ୩ବର୍ଷର ପୁରସ୍କାର ପ୍ରଦାନ

ଭୁବନେଶ୍ୱର, ୨୬/୧୧ (ନି.ପ୍ର): କଳା,ସଂସ୍କୃତି, ନାଟକ ଓ ସଙ୍ଗୀତ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜ୍ୟର ବିଶିଷ୍ଟ ପ୍ରତିଭାମାନଙ୍କୁ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ପକ୍ଷରୁ ଆଜି ସମ୍ମାନିତ କରାଯାଇଛି । ଲୋକସେବା ଭବନର କନଭେନସନ ହଲରେ ଆୟୋଜିତ ଏକ ଭବ୍ୟ ସମାରୋହରେ ଏକକାଳୀନ ୩ବର୍ଷର ପୁରସ୍କାର ପ୍ରଦାନ କରାଯାଇଛି । ୨୦୨୩, ୨୦୨୪ ଓ ୨୦୨୫ ବର୍ଷ ପାଇଁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ, ଏକାଡେମୀ ପୁରସ୍କାର, ଉପାୟନ ଓ କବିଚନ୍ଦ୍ର କାଳୀଚରଣ ଯୁବ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଛି । ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟ ଅତିଥିମାନଙ୍କ ଉପସ୍ଥିତିରେ ଏହି ପୁରସ୍କାର ଉତ୍ସବ ପାଳନ ହୋଇଛି । ଏକାଡେମୀର ସର୍ବୋଚ୍ଚ ସମ୍ମାନ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ ତିନି ବର୍ଷ ପାଇଁ ଛଅ ଜଣ ବିଶିଷ୍ଟ ପ୍ରତିଭାଙ୍କୁ ପ୍ରଦାନ କରାଯାଇଛି । ୨୦୨୩ ବର୍ଷ ପାଇଁ ଡ. ପ୍ରଣବ କିଶୋର ପଟ୍ଟନାୟକ ଓ ବାଦଲ ଶିକ୍‌ଦାର



ଏହି ମର୍ଯ୍ୟାଦାଜନକ ସମ୍ମାନ ପ୍ରଦାନ କରାଯାଇଛି । ସେହିପରି ୨୦୨୪ ବର୍ଷ ନିମନ୍ତେ ମୋହିନୀ ମୋହନ ପଟ୍ଟନାୟକ ଓ ସୁଧାକର ସାହୁ ପୁରସ୍କୃତ ହୋଇଥିବାବେଳେ ୨୦୨୫ ବର୍ଷ ପାଇଁ ଘନଶ୍ୟାମ ପଣ୍ଡା ଓ ଭାଗବତ ପ୍ରଧାନଙ୍କୁ ଏହି ସମ୍ମାନ ଦିଆଯାଇଛି । ୨୦୨୫ ବର୍ଷ ପାଇଁ ଅଭିନୟ କ୍ଷେତ୍ରରେ ଶତ୍ରୁଘ୍ନ ମାଟି , ଲକ୍ଷ୍ମୀପ୍ରଭା ପତି ଓ ଦିଲ୍ଲୀପ କୁମାର ଦାଶଙ୍କୁ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଛି । ନାଟ୍ୟ ରଚନା ପାଇଁ ପଂଚାନନ ଦାଶ ଏବଂ ନିର୍ଦ୍ଦେଶନା ପାଇଁ ସୁଧାଂଶୁ ମୋହନ ଦ୍ୱିବେଦୀ ମନୋନୀତ ହୋଇଛନ୍ତି । ସଙ୍ଗୀତ କ୍ଷେତ୍ରରେ ସୁଗମ ସଙ୍ଗୀତ ପାଇଁ ମହାପ୍ରସାଦ କର , ସଙ୍ଗୀତ ନିର୍ଦ୍ଦେଶନା ପାଇଁ କୃପାସିନ୍ଧୁ ବେହେରା ଓ ନବୀନ କିଶୋର ପଟ୍ଟନାୟକ ଏବଂ ଓଡ଼ିଶୀ କଣ୍ଠ ସଙ୍ଗୀତ ପାଇଁ ନିମାକାନ୍ତ ରାଉତରାୟ ଙ୍କୁ ସମ୍ମାନିତ କରାଯାଇଛି । କବିଚନ୍ଦ୍ର କାଳିଚରଣ ଯୁବପ୍ରତିଭା ସମ୍ମାନ ୨୦୨୫ ଅନ୍ତର୍ଗତ ସଙ୍ଗୀତ ବିଭାଗରେ ବିଷ୍ଣୁମୋହନ କବି , ବାଦ୍ୟରେ ବୈଭବ ଦାଶ ଏବଂ ଓଡ଼ିଶୀ ନୃତ୍ୟରେ ଅରୂପା ଗାୟତ୍ରୀ ପଣ୍ଡାଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି । ୨୦୨୪ ବର୍ଷ ପାଇଁ ଅଭିନୟ ନିମନ୍ତେ ସତ୍ୟ ରଞ୍ଜନ ବେହେରା, ଅଶ୍ରୁମୋଚନ ମହାନ୍ତି ଓ ପ୍ରକାଶ ମହାରଣାଙ୍କୁ ପୁରସ୍କାର ମିଳିଛି । ନାଟ୍ୟ ରଚନାରେ ଡ. ସମର ମୁଦାଲି ଓ ପ୍ରଦୀପ ଭୌମିକ ଏବଂ ନିର୍ଦ୍ଦେଶନାରେ ମିହିର ମେହେର ସମ୍ମାନିତ ହୋଇଛନ୍ତି ।

▶▶ପୃଷ୍ଠା ୭

# ପୋଲ ତଳକୁ ଖସିଲା ବସ୍ : ୫ ଗୁରୁତର, ୧୪ ଆହତ

ସୁବର୍ଣ୍ଣପୁର,୨୬/୧୧ (ନି.ପ୍ର): ବିନିକା -ଏସ ରାମପୁର ମୁଖ୍ୟରାସ୍ତାର ସିଂଘିଯୁବା ବ୍ରିଜ ଉପରୁ ତଳକୁ ଖସିଲା ବସ। ଫଳରେ ୫ ଜଣ ଯାତ୍ରୀ ଗୁରୁତର ଆହତ ହୋଇଥିବା ବେଳେ ୧୪ ଜଣ ଯାତ୍ରୀ ଆହତ ହୋଇଛନ୍ତି। ସୂଚନା ଅନୁସାରେ, ଭୁବନେଶ୍ୱରରୁ ଦିପ୍ତୀପୁର (ପଦ୍ମପୁର) ଅଭିମୁଖେ ଯାଉଥିବା ଜୟଭୋଲେ ନାମକ ରାତ୍ରିକାଳୀନ ଘରୋଇ ବସ ନଂ (ଓଡି୩୧କେ୯୦୯୯ ) ଆଜି ପାହାନ୍ତିଆ ସମୟରେ ଭାରସାମ୍ୟ ହରାଇ ସିଂଘିଯୁବା ପୋଲ ଉପରୁ ତଳକୁ ଖସି ପଡି ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ସ୍ଥାନୀୟ ଲୋକେ ତୁରନ୍ତ ଆହତ ଯାତ୍ରୀ ମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଏବଂ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ତୁରନ୍ତ ଅଗ୍ନିଶମ ବାହିନୀ ଏବଂ ଆମ୍ବୁଲାନ୍ସ ପହଂଚି ଆହତମାନଙ୍କୁ ବିନିକା ଡାକ୍ତରଖାନାକୁ ଆଣିଥିଲେ ।୧୪ ଜଣ ବିନିକା ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ଗୁରୁତର ଥିବା ଅନ୍ୟ ୫ ଜଣଙ୍କୁ ଅଧିକ ଚିକିତ୍ସା ନିମନ୍ତେ ବୁର୍ଲା ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି । ବିନିକା ଡାକ୍ତରଖାନାରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡଃ. ନୃପରାଜ ସାହୁ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ ପହଂଚି ଗୁରୁତର ମାନଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବା ସହିତ ସମସ୍ତଙ୍କୁ କିପରି ଉତମ ଚିକିତ୍ସା ଯୋଗାଇ ଦିଆଯିବ ସେନେଇ ଜିଲ୍ଲାପାଳ ଶ୍ରୀ ସାହୁ ଗୁରୁତ୍ୱାରୋପ କରିଛନ୍ତି ।

# ସିବିସି ଏବଂ ପିଆଇବି ଭୁବନେଶ୍ୱର ଦ୍ୱାରା ସଂବିଧାନ ଦିବସ ପାଳନ

ଭୁବନେଶ୍ୱର,୨୬/୧୧ (ନି.ପ୍ର): କେନ୍ଦ୍ରୀୟ ଯୋଗାଯୋଗ କାର୍ଯ୍ୟାଳୟ (ସିବିସି) ଏବଂ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି), ଭୁବନେଶ୍ୱର ପକ୍ଷରୁ ଆଜି, ଜାତୀୟ ସମ୍ବିଧାନ ଦିବସ ୨୦୨୫ ପାଳନ ଉପଲକ୍ଷେ ଏକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା, ଯାହାର ଉଦ୍ଦେଶ୍ୟ ଥିଲା ସାମ୍ବିଧାନିକ ସାକ୍ଷରତାକୁ ପ୍ରୋତ୍ସାହିତ କରିବା ଏବଂ ଭାରତର ସମ୍ବିଧାନରେ ପ୍ରଦତ୍ତ ମୂଲ୍ୟବୋଧକୁ ପୁନଃନିର୍ମାଣ କରିବା। ଅଖିଳ କୁମାର ମିଶ୍ର, ଅତିରିକ୍ତ ମହାନିର୍ଦ୍ଦେଶକ, ପିଆଇବି ଏବଂ ସିବିସି (ଓଡ଼ିଶା ଏବଂ ଝାଡ଼ଖଣ୍ଡ କ୍ଷେତ୍ର) ଏହି କାର୍ଯ୍ୟକ୍ରମର ଅଧକ୍ଷତା କରିବା ସହ ମୁଖ୍ୟ ଭାଷଣ ପ୍ରଦାନ କରିଥିଲେ। ଏହା ସହିତ ବରିଷ୍ଠ ସାମ୍ବାଦିକ ଅକ୍ଷୟ କୁମାର ସାହୁ ଏବଂ ଡକ୍ଟର ପ୍ରତିମା ସାରଙ୍ଗୀ, ସ୍ନାତକୋତ୍ତର ସାଧାରଣ ପ୍ରଶାସନ ଏବଂ ସାମ୍ବାଦିକତା ବିଭାଗର ମୁଖ୍ୟ, ବିଶିଷ୍ଟ ବକ୍ତା ଭାବରେ ଉପସ୍ଥିତ ଥିଲେ। ନିଜ ଅଭିଭାଷଣରେ, ଅଖିଳ କୁମାର ମିଶ୍ର କହିଥିଲେ ଯେ, ଏହି କାର୍ଯ୍ୟକ୍ରମ ସମ୍ବିଧାନ ଦିବସ ପାଳନର ଏକ ପ୍ରାରମ୍ଭିକ କାର୍ଯ୍ୟକ୍ରମ। ୨୬ ନଭେମ୍ବର ୧୯୪୯ରେ ସମ୍ବିଧାନ ଗ୍ରହଣକୁ ମନେ ପକାଇ ସେ ଏହାକୁ ଏକ ଅସାଧାରଣ, ଦୃଢ଼ ଏବଂ ବିକଶିତ ଦଲିଲ୍ ଭାବରେ ବର୍ଣ୍ଣନା କରିଥିଲେ। ଯାହା ୭୫ ବର୍ଷ ଧରି ଭାରତର ଗଣତାନ୍ତ୍ରିକ ଯାତ୍ରାକୁ ମାର୍ଗଦର୍ଶନ କରିଛି। ସେ କହିଥିଲେ ଯେ ସମ୍ବିଧାନ ସମାଜର ପରିବର୍ତ୍ତିତ ଆବଶ୍ୟକତା ସହିତ ଖାପ ଖୁଆଇଛି, ନାଗରିକଙ୍କ ଅଧିକାରକୁ ସୁରକ୍ଷିତ କରି ଦେଶକୁ ବିଭିନ୍ନ ସାମାଜିକ ଏବଂ ରାଜନୈତିକ ଆହ୍ୱାନର ମୁକାବିଲା କରିବାକୁ ସକ୍ଷମ କରିଛି। ଶ୍ରୀ ମିଶ୍ର ଆହୁରି ମଧ କହିଥିଲେ ଯେ, ସମ୍ବିଧାନ କେବଳ ଲୋକଙ୍କୁ ସୁରକ୍ଷା ଦିଏ ନାହିଁ ବରଂ ଭାରତର ଦୀର୍ଘକାଳୀନ ବିକାଶମୂଳକ ଆକାଂକ୍ଷାର ମୂଳଦୁଆ ମଧ ସ୍ଥାପନ କରେ। ବିକଶିତ ଭାରତ ୨୦୪୭ ଏବଂ ବିକଶିତ ଓଡ଼ିଶା ୨୦୩୬ର ଦୃଷ୍ଟିକୋଣକୁ ଉଲ୍ଲେଖ କରି ସେ କହିଥିଲେ, ଏହି ଜାତୀୟ ଲକ୍ଷ୍ୟଗୁଡ଼ିକ ସାମ୍ବିଧାନିକ ନୀତିରେ ଗଭୀର ଭାବରେ ନିହିତ। ସେ ଗୁରୁତ୍ୱାରୋପ କରିଥିଲେ ଯେ, ୨୦୨୫ରେ ସମ୍ବିଧାନ ଦିବସ ପାଳନ କେବଳ ସ୍ମରଣର କାର୍ଯ୍ୟ ନୁହେଁ ବରଂ ଏକ ଦଲିଲର ଉତ୍ସବ ଯାହା ଜାତୀୟ ପ୍ରଗତି ଏବଂ ସାମୂହିକ ଦାୟିତ୍ୱକୁ ପ୍ରେରଣା ଦେଇ ଚାଲିଛି। କାର୍ଯ୍ୟକ୍ରମରେ ନିଜର ମନ୍ତବ୍ୟ ରଖି ଶ୍ରୀ ଅକ୍ଷୟ କୁମାର ସାହୁ କହିଛନ୍ତି ଯେ, ପ୍ରସ୍ତାବନା ସମ୍ବିଧାନର ଆତ୍ମାକୁ ମୂର୍ତ୍ତିମନ୍ତ କରେ ଏବଂ ପ୍ରତ୍ୟେକ ନାଗରିକଙ୍କ ମଧରେ କର୍ତ୍ତବ୍ୟ, ଦାୟିତ୍ୱ ଏବଂ ନୈତିକ ଦାୟିତ୍ୱର ଭାବନା ସୃଷ୍ଟି କରେ। ସେ କହିଛନ୍ତି ଯେ ଯଦିଓ ସମ୍ବିଧାନ ଦଶନ୍ଧି ଧରି ଅନେକ ଆହ୍ୱାନର ସମ୍ମୁଖୀନ ହୋଇଛି, ଯେଉଁଥିରେ ମୌଳିକ ଅଧିକାରକୁ ଦୁର୍ବଳ କରିବାର ପ୍ରୟାସ ଏବଂ ଜରୁରୀକାଳୀନ ପରିସ୍ଥିତିର ଅଭିଜ୍ଞତା ଅନ୍ତର୍ଭୁକ୍ତ, ତଥାପି ମୌଳିକ ଗଠନ ତତ୍ତ୍ୱ ଏବଂ ନାଗରିକ ସତର୍କତା ଭଳି ନ୍ୟାୟିକ ସୁରକ୍ଷା ଯୋଗୁଁ ଏହା ଦୃଢ଼ ରହିଛି। 'ନିରନ୍ତର ସତର୍କତା ହେଉଛି ସ୍ୱାଧୀନତାର ମୂଲ୍ୟ' ଉପରେ ଗୁରୁତ୍ୱ ଦେଇ ଶ୍ରୀ ସାହୁ କହିଛନ୍ତି ଯେ, ଯେତେବେଳେ ଲୋକମାନେ ସୂଚନା ପ୍ରାପ୍ତ ହୁଅନ୍ତି, ବିକାଶକୁ ପ୍ରଶ୍ନ କରନ୍ତି ଏବଂ ସାମ୍ବିଧାନିକ ମୂଲ୍ୟବୋଧକୁ ବଜାୟ ରଖନ୍ତି, ସେତେବେଳେ ଗଣତନ୍ତ୍ର ବିକଶିତ ହୁଏ।

## ସ୍ୱାଧୀନତାର ୭୯ ବର୍ଷ ପରେ ମଧ ବିଜୁଳି ଅପହଂଚ ଅଙ୍ଗୁରଗୁଡା ଗାଁରେ

ମାଲକାନଗିରି, ୨୬/୧୧ (ନି.ପ୍ର): ଅନ୍ଧାରରେ ବିତୁଛି ୨୨ ପରିବାରର ଜୀବନ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ନାକମାମୁଡି ପଂଚାୟତ ଅଧିନସ୍ଥ ଅଙ୍ଗୁରଗୁଡା ଗାଁରେ । ପିଲାଙ୍କ ପାଠପଢା ବର୍ତମାନ ମଧ ଚାଲିଛି ମହମବତୀରେ । ଗାଁ ଆଖପାଖରେ ସମସ୍ତ ଗାଁକୁ ବିଜୁଳି ସଂଯୋଗ ହୋଇଛି କିନ୍ତୁ, ଅଙ୍ଗୁରଗୁଡା ଗାଁକୁ ସମ୍ପୂର୍ଣ୍ଣ ରୂପେ ଅଣଦେଖା କରିଛନ୍ତି ବିଜୁଳି ବିଭାଗ । ସୂଚନା ଅନୁଯାୟୀ, ଶ୍ରମଜୀବୀ ସଂଗଠନ ମାଲକାନଗିରି ଦ୍ୱାରା ପରମ୍ପରା ବିକାଶ ଯାତ୍ରା ଚାଲିଛି । ଏହି ଯାତ୍ରାରେ ସଂଗଠନ କର୍ମୀ ଗୋବର୍ଦ୍ଧନ ପାଙ୍ଗି, ଜିତେନ୍ଦ୍ର ଖିଲ, ଶୁକ୍ରା ଗୁରୁତେଲି, ମୁକୁନ୍ଦ ମାଝୀ, କୃଷ୍ଣ ଶିଶା ଏବଂ ସମାଜସେବୀ ସଦା ହନ୍ତଲା ଅଙ୍ଗୁରଗୁଡା ଗାଁରେ ପହଂଚିଥିଲେ । ଗାଁରେ ସଂଗଠନ ବୈଠକ ସମୟରେ ଗ୍ରାମବାସୀ ମାନେ ସମସ୍ୟାଭିତିକ ଆଲୋଚନା କରିବା ସମୟରେ ଏହି ସମସ୍ୟାକୁ ମୁଖ୍ୟ ସମସ୍ୟା ଭାବେ ବୈଠକରେ ଉପସ୍ଥାପନା କରିଥିଲେ । ବିଭିନ୍ନ ସରକାରୀ ଅଧିକାରୀ ଅନେକ ଥର ଗାଁରେ ପହଂଚିଛନ୍ତି କିନ୍ତୁ, ଏହି ସମସ୍ୟା ଶୁଣି ମଧ ସମ୍ପୂର୍ଣ୍ଣ ଅଣଦେଖା କରୁଥିବା ପ୍ରକାଶ କରିଛନ୍ତି ଗ୍ରାମବାସୀ । ଏହି ସମସ୍ୟାର ଗୋଟିଏ ଭିଡ଼ିଓ ଉତୋଳନ କରି ସୋସିଆଲ ମିଡ଼ିଆ(ଏକ୍ସ) ମାଧମରେ ମଧ ପ୍ରଚାର ପ୍ରସାର କରିଛନ୍ତି ସଂଗଠନ କର୍ମୀ ଜିତେନ୍ଦ୍ର ଖିଲ । ବର୍ତମାନ ଦେଖିବାକୁ ବାକି ରହିଲା କେବେ ହେବ ବିଜୁଳି ସଂଯୋଗ ଅଙ୍ଗୁରଗୁଡା ଗାଁରେ ।

## ୩ ନାବାଳିକାଙ୍କ ସହ ଦୁଷ୍କର୍ମ: ଅଭିଯୁକ୍ତ ପଡୋଶୀ ଫେରାର୍

ମାଲକାନଗିରି,୨୬/୧୧ (ନି.ପ୍ର): ଘରକୁ ଡାକି ନେଇ ଦୁଷ୍କର୍ମ କଲା ପଡ଼ୋଶୀ। ତାହା ପୁଣି କୋମଳମତି ୩ ଜଣ ନାବାଳିକା ଝିଅଙ୍କୁ। ଏକାଥରେ ୩ ଜଣ ଝିଅଙ୍କୁ ଘରକୁ ଡାକି ବନ୍ଦ କରି ଦୁଷ୍କର୍ମ ହୋଇଥିବା ଅଭିଯୋଗ ହୋଇଛି। ତେବେ ଏହି ନିନ୍ଦନୀୟ ଘଟଣାଟି ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଏମଭି ୭୯ ଥାନା ଅଂଚଳରେ।

ଏକା ସାଙ୍ଗରେ ୩ ଜଣ ନାବାଳିକା ଝିଅକୁ ନରେନ ରାୟ ନାମକ ଜଣେ ଅଭିଯୁକ୍ତ ଦୁଷ୍କର୍ମ କରିଥିବା ଖବର ସାମ୍ନାକୁ ଆସିଛି। ଯିଏକି ସେମାନଙ୍କର ପଡ଼ୋଶୀରେ ରହୁଥିଲା। ପଡ଼ୋଶୀ ହେବାର ଫାଇଦା ଉଠାଇ ନରେନ୍ ୩ ଜଣ ନାବାଳିକା ଯେଉଁମାନଙ୍କର ବୟସ ଅତିକମରେ ୫ରୁ ୮ବର୍ଷ ହେବ, ସେମାନଙ୍କୁ ଆସକ୍ରିମ ଦେବାର ଲୋଭ ଦେଖାଇ ଘରକୁ ଡ଼ାକି ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ପରେ ଘଟଣା ଜଣାପଡ଼ିବା ପରେ ଥାନାର ଦ୍ୱାରସ୍ଥ ହୋଇଛନ୍ତି ପୀଡିତାଙ୍କ ପରିବାର। ହେଲେ ଧରାପଡ଼ିବା ଭୟରେ ଅଭିଯୁକ୍ତ ନରେନ୍ ଫେରାର ହୋଇଯାଇଛି। ସେପଟେ ପୋଲିସ ତନାଘନା ଜାରି ରଖିଛି।

# କପାରେ ବଲାଙ୍ଗିରକୁ ୧୦୦ କୋଟିର କ୍ଷତି: ଜିଲ୍ଲା ପ୍ରଶାସନ ନିଦ୍ରାବିଷ୍ଟ

ବଲାଙ୍ଗିର,୨୬/୧୧ (ନି.ପ୍ର): ବଲାଙ୍ଗିର ଜିଲ୍ଲାରେ ନେତା, ମନ୍ତ୍ରୀ କାର୍ଯ୍ୟରେ ବ୍ୟସ୍ତ । ନେତା ବ୍ୟସ୍ତ ବୋଲି ଅଧିକାରୀ ବେଫିକର। ଉଭୟଙ୍କ ମଧରେ ସମନ୍ୱୟ ଅଭାବରୁ ନୀତି ନିର୍ଦ୍ଧାରଣ ବୈଠକ ହୋଇପାରୁନି । ଫଳସ୍ୱରୁପ ବଲାଙ୍ଗିର ଜିଲ୍ଲା ୧୦୦ କୋଟିରୁ ଅଧିକ ଟଙ୍କାର ରାଜସ୍ୱ ହରାଉଛି । ଚାଷୀ ଶୋଷଣର ଶିକାର ହେଉଛି, ପ୍ରଶାସନ ପାଖକୁ ଯାଉଥିବା ଫିଁ' ବାଟମାରଣା ହେଉଛି। ଏହାର ଲାଭ ଉଠାଉଛନ୍ତି ରାଜ୍ୟ ବାହାର ବେପାରୀ ଓ ଦଲାଲ । ପ୍ରଶାସନର ଭୁଲ୍ ନିଷ୍ପତି ପାଇଁ ଏଭଳି ଢଙ୍ଗରେ ଚଳିତବର୍ଷ କପା କ୍ରୟ କ୍ଷେତ୍ରରେ ବଲାଙ୍ଗିର ପ୍ରାୟ ୧୦୦ କୋଟି ଟଙ୍କାର କ୍ଷତି ସହିଛି। ଏଥିରୁ ୮୮ କୋଟି ଚାଷୀ ପକେଟରୁ ଯାଇଥାଆନ୍ତା। ବଳକା ୧୨ କୋଟି ଆରଏମସିକୁ ମିଳିଥାନ୍ତା। କିନ୍ତୁ, ନୂଆପଡ଼ା ଉପନିର୍ବାଚନ ପାଇଁ ବଲାଙ୍ଗିର ଜିଲ୍ଲାକୁ ଏଭଳି କ୍ଷତି ହୋଇଛି। ଜିଲ୍ଲା ସଂଲଗ୍ନ ସୋନପୁର, କଳାହାଣ୍ଡିକୁ ମିଶାଇଲେ କ୍ଷତି ପରିମାଣ ପ୍ରାୟ ଦେଢ଼ଶହ କୋଟି ଡେଇଁବ ବୋଲି ଅନୁମାନ କରାଯାଉଛି।

ଚଳିତବର୍ଷ ଜିଲ୍ଲାରେ ୭୧ ହଜାର ୨୭୦ ହେକ୍ଟର ଜମିରେ କପା ଚାଷ କରିବାକୁ ଟାର୍ଗେଟ ଥିଲା। ହେଲେ ଉପଯୁକ୍ତ ବର୍ଷା ଏବଂ ବିହନର ସୁଷମ ବଂଟନ ପାଇଁ ଟାର୍ଗେଟରୁ ଅଭିବୃଦ୍ଧି ଘଟି ୭୪ ହଜାର ୭୫୩ ହେକ୍ଟର ଜମିରେ ଚାଷ ହୋଇଛି । କୃଷି ବିଭାଗର ଆକଳନ କ୍ରମେ ହେକ୍ଟର ପ୍ରତି ହାରାହରି ୧୦ କ୍ୱିଂଟାଲ ଆଧାରରେ ଜିଲ୍ଲାରୁ ୭ ଲକ୍ଷ ୪୭ ହଜାର ୫୩୦ କ୍ୱିଂଟାଲ ଭିତରେ କପା ଅମଳ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ମୋଟାମୋଟି ଭାବରେ କପାକୁ ୩ରୁ ୪ଟି ପର୍ଯ୍ୟାୟରେ ତୋଳାଯାଉଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ସମ୍ପୂର୍ଣ ଅମଳର ୨୮ରୁ ୩୦ ପ୍ରତିଶତ ଅମଳ ଆସିଯାଏ। ସେହି କ୍ରମରେ ଅକ୍ଟୋବର ପ୍ରଥମ ସପ୍ତାହରୁ ନଭେମ୍ବର ଭିତରେ ଜିଲ୍ଲାରୁ ସମ୍ଭାବ୍ୟ ଅମଳ ଆକଳନର ୩୦ ପ୍ରତିଶତ କପା ଅର୍ଥାତ ପ୍ରାୟ ୨ ଲକ୍ଷ ୨୪ ହଜାର ୨୫୯ କ୍ୱିଣ୍ଟାଲ କପା ତୋଳା ସରିଲାଣି। କେତେକ ସ୍ଥାନରେ ଦ୍ୱିତୀୟ ପର୍ଯ୍ୟାୟ କପା ମଧ ତୋଳା ଆରମ୍ଭ ହୋଇଛି। ଫସଲର ପ୍ରଥମ ପର୍ଯ୍ୟାୟରେ ଉଭୟ ଗୁଣାତ୍ମକ ଏବଂ ପରିମାଣ ଅନୁଯାୟୀ ପ୍ରାୟତଃ ଭଲ ଅମଳ ଆସିଥାଏ। ହେଲେ ଉଦ୍‌ବେଗର ବିଷୟ, ସବୁତକ ଅମଳ ଦଲାଲ ଜରିଆରେ ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ଛତିଶଗଡ଼କୁ ଚାଲିଯାଉଛି । କାରଣ ପ୍ରଥମ ପର୍ଯ୍ୟାୟ କପାତୋଳା ସରିଥିବା ବେଳେ ଏ ପର୍ଯ୍ୟନ୍ତ ଜିଲ୍ଲାରେ କପାକ୍ରୟ କମିଟି ବୈଠକ ବସିନଥିବାରୁ ମଣ୍ଡି/ୟାର୍ଡ ଖୋଲିପାରିନାହିଁ। ଆଗକୁ ଅଧିକ ଶୀତ ଏବଂ ବର୍ଷା ଆଶଙ୍କା, ଦଲାଲ ଗାଁ ଗାଁରୁ କପା ସଂଗ୍ରହ କରି ରାଜ୍ୟ ବାହାରର ବେପାରୀକୁ ଟେକି ଦେବ। କେବଳ ଏତିକି ନୁହେଁ, କେନ୍ଦ୍ର କୃଷି ବିଭାଗ ପକ୍ଷରୁ କପା ପାଇଁ ଏମଏସପି ୮୧୧୦ ଟଙ୍କା ନିର୍ଦ୍ଧାରିତ ହୋଇଥିବା ବେଳେ ଗାଁ ଗାଁରେ ବେପାରୀ ୫୨ରୁ ୫୫ ଶହ ଟଙ୍କା ଦେଉଛନ୍ତି। ଯେଉଁଥିରୁ ଚାଷୀ ଶୋଷଣର ଶିକାର ହେଉଛି। ଏଯାବତ ମଣ୍ଡି ନ ଖୋଲିବାରୁ ପ୍ରଥମ ପର୍ଯ୍ୟାୟର ୩୦ ପ୍ରତିଶତ ଅମଳ ଅର୍ଥାତ ୨ଲକ୍ଷ ୨୪ ହଜାର ୨୫୯ କ୍ୱିଣ୍ଟାଲ କପା ଖୋଲା ମାର୍କେଟରେ ବିକ୍ରି ହୋଇଗଲା । ଯହାର ଏମଏସପି ୮୧୧୦ ଟଙ୍କା ଅନୁଯାୟୀ ବଜାର ଦର ୧,୮୧୮,୭୪୦,୪୯୦ ଟଙ୍କା ହେବା କଥା । ହେଲେ ବିକ୍ରି ବ୍ୟବସ୍ଥା ନ ଥିବାରୁ କମ ଦର ଅର୍ଥାତ ୫୫୦୦ ଅନୁଯାୟୀ ଚାଷୀଙ୍କୁ ୧,୨୩୩,୪୨୪,୫୦୦ ଟଙ୍କା ମିଳିଛି। ଅର୍ଥାତ୍ ବଲାଙ୍ଗିର ଜିଲ୍ଲାର ଚାଷୀ ୫୮ କୋଟି ୫୩ ଲକ୍ଷ ୧୫ ହଜାର ୯୯୦ ଟଙ୍କା କ୍ଷତି ସହିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଯେତିକି ଟଙ୍କାର କପା ମଣ୍ଡି ବା ୟାର୍ଡରେ ବିକ୍ରି ହୋଇଥାନ୍ତା, ତାହାର ୧ ପ୍ରତିଶତ ଫିଁ' ଆରଏମସିକୁ ଆସିଥାନ୍ତା। ସେହି ଅନୁଯାୟୀ ୧,୮୧,୮୭,୪୦୪ ଟଙ୍କା ଆରଏମସି ପାଇଥାନ୍ତା। ହେଲେ ନେତାଙ୍କ ଅନୁପସ୍ଥିତି ଏବଂ ଜିଲ୍ଲା ପ୍ରଶାସନର ଦୂରଦୃଷ୍ଟି ଅଭାବରୁ ବଲାଙ୍ଗିର ଜିଲ୍ଲା ଦ୍ୱିତୀୟ ପର୍ଯ୍ୟାୟ କପା ଅମଳରେ ପ୍ରାୟ ୯୦ କୋଟି ଟଙ୍କାର କ୍ଷତି ସହିଛି। ତେଣୁ ଆଉ ବିଳମ୍ବ ନ କରି କପାକ୍ରୟ କମିଟି ବୈଠକ କରି କପା ଚାଷୀଙ୍କୁ ନ୍ୟାୟ ଦିଅନ୍ତୁ ବୋଲି ଦାବି ହୋଇଛି। ଏ ସମ୍ପର୍କରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଧିରେନ୍ଦ୍ର ସିଂ ବରିହାଙ୍କୁ ପଚାରିବାରୁ ସେ ଅସହାୟତା ପ୍ରକାଶ କରିବା ସହ ଶୀଘ୍ର ତାରିଖ ଘୋଷଣା କରି କପା କିଣାଯିବ ବୋଲି କହିଛନ୍ତି ।

# ଜିଲ୍ଲା ସମନ୍ୱୟ ଓ ତଦାରଖ କମିଟି ବୈଠକ: ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱ

ମାଲକାନଗିରି,୨୬/୧୧ (ନି.ପ୍ର): ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ସମନ୍ୱୟ ଓ ତଦାରଖ କମିଟି ବୈଠକ ମଙ୍ଗଳବାର ଲୋକସଭା ସାଂସଦ ବଳଭଦ୍ର ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ବିକାଶ ପାଇଁ ନିର୍ବାଚିତ ପ୍ରତିନିଧି ଓ ବିଭିନ୍ନ ଅଧିକାରୀଙ୍କ ମଧରେ ସମନ୍ୱୟ ରହିବା ଜରୁରି ବୋଲି ସାଂସଦ ଶ୍ରୀ ମାଝୀ ମତ ପ୍ରକାଶ କରିଥିଲେ। ଏପରିକି ବିଭିନ୍ନ ଯୋଜନାର ସଫଳ ରୂପାୟନ ଉପରେ ସାଂସଦ ଶ୍ରୀ ମାଝୀ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା ଉପରେ ଗୁରୁତ୍ୱାରୋପ କରାଯାଇଛି। ଭୁବନେଶ୍ୱରରୁ ଆସିଥିବା ଏକ ବୈଜ୍ଞାନିକ ଦଳଙ୍କ ଉପସ୍ଥିତିରେ କିଭଳି କୃଷି କ୍ଷେତ୍ରରେ ଜିଲ୍ଲାର ଉନ୍ନତି କରାଯାଇପାରିବ, ସେଥି ନିମନ୍ତେ ବିଶଦ ଆଲୋଚନା କରାଯାଇଥିଲା। ବାଲିମେଲା ଡ୍ୟାମ୍ ଠାରେ ଅଧିକ ମାଛ ଉତ୍ପାଦନ କରିବାର କ୍ଷମତା ରହିଛି। ସେହିପରି ଜିଲ୍ଲାରେ ବାଦାମ ଚାଷ ଅଧିକ କରାଯାଉଛି । କ୍ଷୁଦ୍ର ତେଲ ମିଲ୍ ସ୍ଥାପନ ହେଲେ ଯୁବ ଉଦ୍ୟୋଗୀ ସୃଷ୍ଟି ହୋଇପାରିବେ ବୋଲି ସାଂସଦ କହିଥିଲେ। ପ୍ରଧାନମନ୍ତ୍ରୀ ଧନଧାନ୍ୟ ଯୋଜନାରେ କୃଷି ବିଶେଷଜ୍ଞଙ୍କ ସହାୟତା ନେଇ ଜିଲ୍ଲାର ସାମାଜିକ ଅର୍ଥନୈତିକ ଅଭିବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି। ସୂଚନାଯୋଗ୍ୟ ଏହି ଯୋଜନା ଓଡ଼ିଶାର ଚାରିଟି ଜିଲ୍ଲାରେ ଶୁଭାରମ୍ଭ କରାଯାଇଛି । ତନ୍ମଧରେ ମାଲକାନଗିରି ଜିଲ୍ଲା ରହିଛି। ଚାଷୀଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ ଜିଲ୍ଲାର ୧୧୧ଟି ଗ୍ରାମପଂଚାୟତରେ ମୃତିକା ପରୀକ୍ଷଣ କେନ୍ଦ୍ର ସ୍ଥାପନ କରିବାର ସ୍ୱପ୍ନ ରହିଛି ବୋଲି ସାଂସଦ କହିଛନ୍ତି। ଜିଲ୍ଲାରେ ମତ୍ସ୍ୟ, ମାଂସ ଓ ଦୁଗ୍ଧ ଉତ୍ପାଦନ ସ୍ଥିତି କ'ଣ ରହିଛି ବୋଲି ସାଂସଦ ବିଭାଗୀୟ ଅଧିକାରୀଙ୍କୁ ପଚାରି ବୁଝିଥିଲେ। ସେହିପରି ଚିତ୍ରକୋଣ୍ଡା ଓ କୋରକୁଣ୍ଡା ବ୍ଲକ୍ ରେ ଦୁଗ୍ଧ ପାଇଁ ବିଏମସି ସ୍ଥାପନ କରିବା ପାଇଁ କୃଷି ବିଭାଗଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅଗ୍ରାଧିକାର ଭିତିରେ ଚିତ୍ରକୋଣ୍ଡା ଠାରେ ସେତୁ ଯୋଜନାରେ ଏକ ବିଏମସି ସ୍ଥାପନ କରିବାକୁ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ କହିଛନ୍ତି।

ବୈଠକରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ନିର୍ମାଣ ହେଉଥିବା ରାସ୍ତା ଗୁଡିକର ସ୍ଥିତି ସମ୍ପର୍କରେ ସମୀକ୍ଷା କରି ଅସମ୍ପୂର୍ଣ୍ଣ ରାସ୍ତା ଗୁଡିକର ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ସଂପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଧାର୍ଯ୍ୟ ମାନଦଣ୍ଡକୁ ବଜାୟ ରଖି ଗୁଣବତାକୁ ସୁନିଶ୍ଚିତ କରିବା ପାଇଁ ଏକ କମିଟି ଗଠନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜନସାଧାରଣଙ୍କ ଅବଗତି ନିମନ୍ତେ ରାସ୍ତା ସମ୍ପର୍କିତ ସଠିକ୍ ସୂଚନା ଫଳକ ଲଗାଇବା ପାଇଁ ସାଂସଦ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସ୍ୱାସ୍ଥ୍ୟ ବିଭାଗକୁ ଟିବି ରୋଗ ସମ୍ପର୍କରେ ଅଧିକରୁ ଅଧିକ ଜନ ସଚେତନତା ସୃଷ୍ଟି କରିବା ପାଇଁ ମଧ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାରେ ରେଳପଥ ସମ୍ପ୍ରସାରଣ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ମଧ ସାଂସଦ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସେହିପରି ମନରେଗା ଯୋଜନାରେ ପର୍ଯ୍ୟଟନସ୍ଥଳର ବିକାଶ କରିବା ପାଇଁ ଚିତ୍ରକୋଣ୍ଡା ବିଧାୟକ ଗୁରୁତ୍ୱାରୋପ କରିଥିଲେ।

# ଉତ୍କଳ ମହିଳା ସମିତିର ନିଶାମୁକ୍ତ ଓଡିଶା ଦାବିରେ ପୁରୀ ଜିଲ୍ଲାପାଳ ଅଫିସ ଘେରାଉ

ପୁରୀ,୨୬/୧୧ (ନି.ପ୍ର): ଭାରତୀୟ ମହିଳାଙ୍କ ଜାତୀୟ ଫେଡେରେସନ ସହବନ୍ଧିତ ଉତ୍କଳ ମହିଳା ସମିତି ପକ୍ଷରୁ ନିଶାମୁକ୍ତ ଓଡିଶା ଦାବିରେ ଆଜି ପୁରୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଓଡ଼ିଶାକୁ ନିଶାମୁକ୍ତ କରିବା ପାଇଁ କଠୋରରୁ କଠୋର ଆଇନ ପ୍ରଣୟନ କରିବା, ସମସ୍ତ ମହିଳାଙ୍କୁ ସ୍ୱାବଲମ୍ବୀ କରିବାକୁ ଆଇନ ବ୍ୟବସ୍ଥା କରିବା, ପ୍ରତିଟି ନିଯୁକ୍ତି କ୍ଷେତ୍ରରେ ମହିଳାଙ୍କ ପାଇଁ ୫୦ ପ୍ରତିଶତ ଭାଗ ସ୍ଥାନ ସଂରକ୍ଷଣ, କର୍ମ କ୍ଷେତ୍ରରେ ରାତ୍ରିକାଳୀନ ପାଳି କାମରେ ମହିଳା ନିଯୁକ୍ତିର ଯେଉଁ କଳା ଆଇନ କରାଯାଇଛି ତାହାକୁ ପ୍ରତ୍ୟାହାର କରିବା ପ୍ରଭୃତି ଦାବୀ କରି ପୁରୀ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ମହିଳାମାନଙ୍କର ଏକ ଶୋଭାଯାତ୍ରା, ମୋଚିସାହି ଛକରୁ ବାହାରି ଜିଲ୍ଲାପଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା।

ପ୍ରତିବାଦ ସଭାରେ ଉତ୍କଳ ମହିଳା ସମତିର ଜିଲ୍ଲା ସଭାନେତ୍ରୀ ବିଦୁଲତା ପୃଷ୍ଟି, ରାଜ୍ୟ ସାଧାରଣ ସମ୍ପାଦିକା ଜିନ୍ମୟୀ ସାହାଣି, ମାଗୁଣି ପ୍ରଧାନ, ସରୋଜିନୀ ଜେନା, ପ୍ରତିଭା ମହାପାତ୍ର, ସସ୍ମିତା ନାୟକ, ସଞ୍ଜୁଲତା ବେହେରା ପ୍ରମୁଖ ଅଭିଯୋଗ କରିଥିଲେ ଯେ, ଗତ ବିଧାନସଭା ଓ ସଂସଦ ନିର୍ବାଚନ ସମୟରେ ବିଜେପି ମହିଳାଙ୍କ ସାମାଜିକ ସୁରକ୍ଷା ପାଇଁ ଦେଇଥିବା ବହୁ ପ୍ରତିଶୃତି ପୂରଣ କରିବାରେ ବିଫଳ ହୋଇଛି । ମହିଳା ସ୍ୱାବଲମ୍ବୀ ପାଇଁ ଚାଲିଥିବା ସୁଭଦ୍ରା ଯୋଜନା ପ୍ରହସନରେ ପରିଣତ ହୋଇଛି । ରାଜ୍ୟରେ ଦିନକୁଦିନ ବଢି ଚାଲିଥିବା ନାରୀ ନିର୍ଯ୍ୟାତନା ରୋକିବାରେ ବିଫଳ ହୋଇଛନ୍ତି ସରକାର । ସାମାଜିକ ଅଶାନ୍ତି ଓ ପରିବାରଗୁଡିକ ଭାଙ୍ଗି ପଡିବା ପାଇଁ ମଦ ମୁଖ୍ୟ ଭୂମିକା ନେଉଥିବାରୁ ତୁରନ୍ତ ମଦମୁକ୍ତ ଓଡିଶା କରିବା ପାଇଁ ସରକାର ଦୃତ ପଦକ୍ଷେପ ନେବାକୁ ଦାବୀ କରିଥିଲେ ।

ମହିଳାମାନଙ୍କ ନିଶାମୁକ୍ତ ଓଡିଶା ଆନ୍ଦୋଳନ ବ୍ୟାପକ ହେବ ବୋଲି ଚେତାବନୀ ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ପୁରୀ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା ।

# ଜିଲ୍ଲାସ୍ତରୀୟ ଖରିଫ ଧାନ କ୍ରୟ କମିଟି ବୈଠକ : ଡିସେମ୍ବର ୩ରୁ ଧାନ କ୍ରୟ ଆରମ୍ଭ ନେଇ ନିଷ୍ପତ୍ତି

ନୂଆପଡ଼ା,୨୬/୧୧ (ନି.ପ୍ର): ନୂଆପଡ଼ା ଜିଲ୍ଲାରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ଜିଲ୍ଲା ସ୍ତରୀୟ ଖରିଫ ଧାନ କ୍ରୟ କମିଟି ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ସଦଭାବନା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ବିଧାୟକ ଖଡିଆଳ ଅଧିରାଜ ମୋହନ ପାଣିଗ୍ରାହୀ, ବିଧାୟକ ନୂଆପଡା ଜୟ ଢୋଲକିଆ, ଜିଲ୍ଲା ପରିଷଦ ଅଧକ୍ଷା ଡଲି ମାଝୀ, ସାଂସଦଙ୍କ ପ୍ରତିନିଧି ପ୍ରେମ୍ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଇତ, ଅତିରିକ୍ତ ଜିଲ୍ଲାପାଳ ପ୍ରଫୁଲ୍ଲ କୁଜୁର, ଉପ ଜିଲ୍ଲାପାଳ ସୁର୍ମି ସୋରେନ୍, ଅତିରିକ୍ତ ଜିଲ୍ଲା ଉନ୍ନୟନ ଅଧିକାରୀ କ୍ଷମାନିଧି ଭୋଇ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଣଜିତ୍ ନାୟକ, ଡି ଆର୍ ସି ଏସ୍ ଶିବ ପ୍ରସାଦ ସ୍ୱାଇଁ, ଜିଲ୍ଲା ଯୋଗାଣ ଅଧିକାରୀ ତ୍ରିନାଥ ଭୋଇ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ନାୟକ, ସମସ୍ତ ବିଡ଼ିଓ, ତହସିଲଦାର, ଆରଏମସି ସମ୍ପାଦକ, ମିଲର ପ୍ରତିନିଧି, ବିଭିନ୍ନ ପ୍ରାଥମିକ କୃଷି ସମବାୟ ସମିତି ସମ୍ପାଦକ, କୃଷକ ପ୍ରତିନିଧି ପ୍ରମୁଖ ଯୋଗଦାନ କରିଥିଲେ । କିଭଳି ଭାବରେ ସୁରୁଖୁରୁରେ ଜିଲ୍ଲାରେ ଖରିଫ ଧାନ ସଂଗ୍ରହ ହୋଇପାରିବ ତା' ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ । ଡିସେମ୍ବର ୩ ତାରିଖରୁ ଜିଲ୍ଲାରେ ପ୍ରଥମ ଧାନ କିଣା ଆରମ୍ଭ ହେବ ବୋଲି କମିଟିରେ ସ୍ଥିର କରାଗଲା । ଉଭୟ ବିଧାୟକ ଧାନ କ୍ରୟ ପ୍ରକ୍ରିୟାରେ ଯେମିତି କୃଷକ ମାନେ କୌଣସି ସମସ୍ୟାର ସମ୍ମୁଖୀନ ନ ହେବେ ଏବଂ କଟନି ଛଟନି ହେବ ନାହିଁ, ସେଥିପାଇଁ ପ୍ରଶାସନ ବିହୀତ ପଦକ୍ଷେପ ଗ୍ରହଣ କରିବା ପାଇଁ ମତ ରଖିଥିଲେ । ଜିଲ୍ଲା ଯୋଗାଣ ଅଧିକାରୀ ତ୍ରିନାଥ ଭୋଇ ବିବରଣୀ ପାଠ କରିଥିଲେ । ଏଥର ଜିଲ୍ଲାରେ ୫୧୩୪୧ ଜଣ ଚାଷୀ ଧାନ ବିକ୍ରି ପାଇଁ ପଂଜିକରଣ କରିଛନ୍ତି । ୬୮ଟି ପ୍ରାଥମିକ କୃଷି ସମବାୟ କେନ୍ଦ୍ର ଓ ୧୦ଟି ମହିଳା ସ୍ୱୟଂ ସହାୟକ ଦଳ ଦ୍ୱାରା ପ୍ରଥମ ପର୍ଯ୍ୟାୟରେ ୧୩,୭୪,୦୦୦ କୁଇଂଟାଲ ଧାନ କିଣା ଯିବା ଲକ୍ଷ୍ୟ ରଖା ଯାଇଛି । ଗତବର୍ଷ ଖରିଫ ଋତୁରେ ୨୩,୦୨,୩୯୭ କୁଇଂଟାଲ ଧାନ କ୍ରୟ ହୋଇଥିଲା । ଏଥର କୁଇଂଟାଲ ପ୍ରତି ସହାୟକ ମୂଲ୍ୟ ୨୩୬୯ ଟଙ୍କା ଥିବାବେଳେ ୮୦୦ ଟଙ୍କା ରାଜ୍ୟ ସରକାରଙ୍କ ଦ୍ୱାରା ବୋନସ୍ ପ୍ରଦାନ କରାଯିବ। ଗତ ବର୍ଷ ଧାର୍ଯ୍ୟ କଷ୍ଟମ ମିଲିଂ ଚାଉଳର ୮୨.୨୬ ପ୍ରତିଶତ ସରକାର କ୍ରୟ କରି ସାରିଛନ୍ତି । ଜିଲ୍ଲାପାଳ ଉଭୟ କୃଷକ ପ୍ରତିନିଧି ଏବଂ ମିଲର୍ ପ୍ରତିନିଧି ମାନଙ୍କ ଅଭିଯୋଗ ସହୃଦୟତାର ସହିତ ଶୁଣି ଏହାର ସମାଧାନର ରାସ୍ତା ବାହାର କରାଯିବ ବୋଲି ଆଶ୍ୱାସନା ଦେଇଥିଲେ । ଜିଲ୍ଲା ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ମୁକ୍ତ ଜିଲ୍ଲା ଘୋଷଣା ହୋଇଥିବାରୁ ମିଲର୍ ମାନେ ଅଖା ବସ୍ତା ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରିବେ ବୋଲି କହିଥିଲେ । ଜିଲ୍ଲାରେ ସୂଚାରୁ ରୂପେ ଖରିଫ୍ ଧାନ ସଂଗ୍ରହ ପାଇଁ ଜିଲ୍ଲାପାଳ ସମସ୍ତ ଚାଷୀ, ମିଲର ଏବଂ ସମ୍ପୃକ୍ତ ଅଧିକାରୀ ମାନଙ୍କ ସହଯୋଗ କାମନା କରିଥିଲେ ।

# ଉକୁଚାବେଡା ବଲାଣିପଶି - କାବେରୀ ପଶି ରାସ୍ତା ମରାମତି ଦାବି

କେନ୍ଦୁଝର,୨୬/୧୧ (ନି.ପ୍ର): ପାଂଚ ବର୍ଷ ତଳେ ମରାମତି ବଳ ହୋଇଥିବା ଉକୁଚାବେଡା ବଲାଣିପଶି - କାବେରୀ ପଶି ରାସ୍ତା ଇତିମଧ୍ୟରେ ଲୋକେ ଦାବି ବିଭିନ୍ନ ସ୍ଥାନରେ ଭାଙ୍ଗି ଯାଇଥିବାରୁ ରୁ ଏହାର ତୁରନ୍ତ ମରାମତି ସକାଶେ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ହରିଚନ୍ଦନପୁର ବ୍ଲକ୍ର ଜୁଙ୍ଗା ଗ୍ରାମ ପଂଚାୟତ ଓ ବାଂଶପାଳ ବ୍ଲକ୍ କୋଡିପଶା ଗ୍ରାମ ପଂଚାୟତର ଅନ୍ୟୁନ ଷୋହଳ ଗ୍ରାମର ପନ୍ଦର ହଜାର ଲୋକ ଉକୁଚା ବେଡା-ବଲାଣିପ ପଶି-କାବେରୀପଶି ରାସ୍ତା ଉପରେ ବଜାର କାମ, ଡ଼ାକ୍ତରଖାନାରେ ଚିକିତ୍ସା, କୋର୍ଟ କଚେରୀ ମାମଲା ପ୍ରଭୃତି କାମ ପାଇଁ ନିର୍ଭର କରିଥାନ୍ତି। ପିଲାମାନେ ଏଇ ରାସ୍ତା ଦେଇ କେନ୍ଦୁଝରଗଡକୁ ଅନ୍ୟାନ୍ୟ ପାଖ ମହାବିଦ୍ୟାଳୟରେ ଅଧ୍ୟୟନ ସକାଶେ ଯିବା ଆସିବା କରିଥାନ୍ତି। ଏଇ ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ରହିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଏଇ ଷୋହଳ ଗାଁ ବ୍ୟତୀତ, ନିକଟବର୍ତ୍ତୀ ପଂଚାୟତର ଅନେକ ଗ୍ରାମର ଲୋକେ ମଧ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ଏହା ଏ ଅଂଚଳର ଲୋକଙ୍କ ଜୀବନ ରେଖା କହିଲେ ଅତ୍ୟୁକ୍ତି ହେବ ନାହିଁ। ଗତ ୨୦୨୧ ମସିହାରେ ଏହି ରାସ୍ତାର ଉନ୍ନତିକରଣ କରାଯାଇଥିଲା। ଇତିମଧରେ ପାଂଚ ବର୍ଷ ବିତିଗଲାଣି। ରାସ୍ତାଟି ବିଭିନ୍ନ ସ୍ଥାନରେ ଭାଙ୍ଗି ଯାଇଛି। ଫଳତଃ ଲୋକ ମାନଙ୍କ ଯିବା ଆସିବା ରେ ଅସୁବିଧା ହେଉଛି। ଅଧ୍ୟୟନ ରତ ପିଲାଙ୍କ ପାଇଁ ଅଧିକ ସମସ୍ୟା ସୃଷ୍ଟି ହୋଇଛି। ରାତି ଅନ୍ଧାର ରେ ଯିବା ଆସିବା କରିବା ବିପଦପୂର୍ଣ୍ଣ ହୋଇଯାଇଛି । ଉକ୍ତ ରାସ୍ତାର ଅବସ୍ଥା, ଆବଶ୍ୟକ ଥିବା ଉନ୍ନୟନ ମୂଳକ କାର୍ଯ୍ୟ ଓ ଲୋକ ସମ୍ମୁଖୀନ ହେଉଥିବା ଅସୁବିଧାକୁ ବିଚାରକୁ ନେଇ ରାସ୍ତାର ଉନ୍ନ ଉନ୍ନତିକରଣ କାର୍ଯ୍ୟ ତୁରନ୍ତ ହାତକୁ ନେବାକୁ ସ୍ଥାନୀୟ ବ୍ୟକ୍ତିବିଶେଷ ସର୍ବଶ୍ରୀ ଇଂ. ରମେଶ ଚନ୍ଦ୍ର ନାଏକ, କୃଷ୍ଣ ଚନ୍ଦ୍ର ମହାନ୍ତି, ଇଂ. ଅଯୋଧ୍ୟା କୁମାର ଘଣା, ରାମଚନ୍ଦ୍ର ମହାନ୍ତ, ତୁଷାର ଭୁଷଣ ମହାନ୍ତି, ବିଜୟ କୁମାର ଘଣା, ସନ୍ତୋଷ କୁମାର ଘଣା, ମନୋଜ କୁମାର ପଟେଲ, ଲକ୍ଷ୍ମଣ କୁମାର ମହାନ୍ତ, ଯୁଧିଷ୍ଠିର ମହାନ୍ତ, ସତ୍ୟଭାମା ମହାନ୍ତି, ଶ୍ରୀମତୀ ମିନତୀ ମହାନ୍ତ, ଶ୍ରୀ ମତୀ ସୁଲୋଚନା ମହାନ୍ତ ଦାବି କରିଛନ୍ତି।

# ଟିଖାଲିରୁ ବଲାଙ୍ଗିର ଜିଲ୍ଲାକୁ ପ୍ରବେଶ କଲେ ୩୦ ଟିକିଆ ହାତୀପଲ: ସୂଚନା ଦେଲେ ବନଖଣ୍ଡ ଅଧିକାରୀ

ନୂଆପଡ଼ା,୨୬/୧୧ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକର ଟିଖାଲି ଠାରେ ଥିବା ୩୦ ଟିକିଆ ହାତୀପଲ ଆଜି ସୁରକ୍ଷିତ ଅବସ୍ଥାରେ ବଲାଙ୍ଗୀର ଜିଲ୍ଲାକୁ ପ୍ରବେଶ କରିଥିବା ଖଡିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ ସୂଚନା ଦେଇଛନ୍ତି। ଏହି ହାତୀପଲ ପଡୋଶୀ ରାଜ୍ୟ ଛତିଶଗଡ ରାଜ୍ୟରୁ ସୁନାବେଡ଼ା ଅଭୟାରଣ୍ୟ ଦେଇ ଖଡିଆଳ ବ୍ଲକ୍ ଟିଖାଲିକୁ ଆସିଥିଲେ। ସେଠାରେ ବନ ବିଭାଗ ପକ୍ଷରୁ ତୀକ୍ଷ୍ଣ ନଜର ରଖି ଅନେକ ସୁରକ୍ଷା ପଦକ୍ଷେପ ନେଇଥିଲେ। ଡ଼ାକବାଜି ଯନ୍ତ୍ର ସାହାଯ୍ୟରେ ସଚେତନ କରିଥିବା ବେଳେ ହାତୀ ପଲ ଆସୁଥିବା ପଥ ଦେଇ ଗ୍ରାମବାସୀଙ୍କୁ ସୁରକ୍ଷିତ ଘରେ ରହିବାକୁ ସତର୍କ କରିଥିଲେ। ଅନେକ ସ୍ଥାନରେ ଫସଲ କ୍ଷୟକ୍ଷତି ହୋଇଥିବା ବେଳେ ସରକାରୀ ନିୟମ ମୁତାବକ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ବ୍ୟବସ୍ଥା ଗ୍ରହଣ କରିଥିବା ବିଭାଗ ପକ୍ଷରୁ ସୂଚନା ଦେଇଛନ୍ତି। ଏହି ୩୦ ଟିକିଆ ହାତୀପଲରେ ୧୫ଟି ମାଈ ହାତୀ ଥିବାବେଳେ ୭ ଗୋଟି ପୁରୁଷ ହାତୀ ଏବଂ ୮ ଗୋଟି ଛୁଆ ହାତୀ ରହିଛନ୍ତି। ବର୍ତମାନ ପ୍ରଜନନ ସମୟ ହୋଇଥିବାରୁ ହାତୀ ସଂଖ୍ୟାରେ ବୃଦ୍ଧି ହୋଇପାରେ ବୋଲି ବନଖଣ୍ଡ ଅଧିକାରୀ ଅଜିଜ ଖାନ ପ୍ରକାଶ କରିଛନ୍ତି। ଡ୍ରୋନ ସାହାଯ୍ୟରେ ମଧ ହାତୀର ଗତିବିଧିକୁ ଅନୁଧ୍ୟାନ କରାଯାଇଥିଲା। ଏବେ ବଲାଙ୍ଗିର ଜିଲ୍ଲା ମୁହାଁ ହାତୀପଲ ହୋଇଥିବା ବେଳେ ବଲାଙ୍ଗିର ବନ ବିଭାଗକୁ ଖବର ଦିଆଯାଇଥିବା ଜଣାପଡିଛି।

**ଧାରାବାହିକ:** ଭାଗ-୨୩

# ସଂକ୍ଷିପ୍ତ ଭାଗବତ କଥାମୃତ

## ୧୦ମ ସ୍କନ୍ଧ, ଗୋପଲୀଳା




ଡ. ଶ୍ରୀହରି ପଣ୍ଡା




### ୫୨ ଅଧ୍ୟାୟ ( କୃଷ୍ଣ ବଳରାମଙ୍କ ଦ୍ୱାରିକା ଗମନ, ବଳରାମଙ୍କ ବିବାହ, ରୁକ୍ମଣୀଙ୍କ ସନ୍ଦେଶ ନେଇ ବ୍ରାହ୍ମଣଙ୍କର ଶ୍ରୀକୃଷ୍ଣ ନିକଟକୁ ଗମନ)

ଶ୍ରୀ ଶୁକଦେବ କହିଲେ, ହେ ରାଜା ପରୀକ୍ଷିତ ଭଗବାନ ଶ୍ରୀକୃଷ୍ଣଙ୍କର ଅନୁଗ୍ରହ ଲାଭକରି ରାଜା ମୁଚୁକୁନ୍ଦ ପରମାନନ୍ଦରେ ତାଙ୍କ ଶ୍ରୀଚରଣରେ ଭକ୍ତିପୂତ ପ୍ରଣାମ ନିବେଦନ କଲେ । ପ୍ରଭୁ ଶ୍ରୀକୃଷ୍ଣଙ୍କର ଅନ୍ତର୍ଦ୍ଧାନ ପରେ ସେ ଦେଖିଲେ ସାରା ଜଗତ ତାଙ୍କୁ କୃଷ୍ଣମୟ ଦେଖାଯାଉଛି । ତାଙ୍କ ଅନ୍ତରରେ ଦିବ୍ୟଜ୍ଞାନ ସ୍ଫୁରଣ ହେବାରୁ ଭଗବାନ ତୃଣଠାରୁ ବ୍ରହ୍ମ ପର୍ଯ୍ୟନ୍ତ ବ୍ୟାପ୍ତ ବୋଲି ଉପଲବ୍ଧ ହେଲା । ପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରଣାମ ପୂର୍ବକ ମନଧ୍ୟାନ ଅର୍ପଣ କରି ଗନ୍ଧମାର୍ଦ୍ଦନ ଗିରିପଥ ଦେଇ ଯାଇ ପବିତ୍ର ବଦ୍ରିକାଶ୍ରମରେ ଉପନୀତ ହେଲେ ଓ ଶୀତୋଷ୍ଣ ସହ୍ୟକରି ତପସ୍ୟାରେ ନିମଗ୍ନ ରହିଲେ । ଶ୍ରୀକୃଷ୍ଣ ମଥୁରାକୁ ପ୍ରତ୍ୟାବର୍ତ୍ତନ କରି ଦେଖିଲେ, କାଳଯବନର ସୈନିକମାନେ ସେପର୍ଯ୍ୟନ୍ତ ମଥୁରା ଅବରୋଧ କରି ରାଜାର ପ୍ରତ୍ୟାବର୍ତ୍ତକୁ ଅପେକ୍ଷା କରିଛନ୍ତି । କାଳଯବନର ନିଧନ କଥା ଶୁଣି ସେମାନେ ହୀନବଳ ହୋଇପଡିଲେ । ବଳରାମ ସେମାନଙ୍କୁ ସଂହାର କରି ସଂଗୃହୀତ ଧନସଂମ୍ପଦକୁ ଦ୍ୱାରିକା ନେଇଗଲେ । ଏହି ସମୟରେ ମଗଧ ରାଜା ଜରାସନ୍ଧ ପୁନର୍ବାର ମଥୁରା ଆକ୍ରମଣ କରିବାରୁ ରାମକୃଷ୍ଣ କପଟରେ ପଳାୟନ କରି ସର୍ବଦା ବର୍ଷା ହେଉଥିବା ପ୍ରବର୍ଷଣ ନାମକ ପର୍ବତ ଉପରେ ଚଢିଗଲେ ଓ ସମସ୍ତଙ୍କ ଚକ୍ଷୁ ସମ୍ମୁଖରୁ ଅନ୍ତର୍ଦ୍ଧାନ ହୋଇଗଲେ । ଜରାସନ୍ଧ ସେ ଦୁହିଁକୁ ପୋଡି ମାରିଦେବା ଉଦ୍ଦେଶ୍ୟରେ ବଣରେ ଅଗ୍ନି ସଂଯୋଗ କରିଦେଲା । ରାମକୃଷ୍ଣ ଏହା ଦେଖି ଶୂନ୍ୟକୁ ଲମ୍ଫ ପ୍ରଦାନ କରି ସମସ୍ତଙ୍କ ଅଗୋଚରରେ ଦ୍ୱାରକାକୁ ଚାଲିଗଲେ । ମୂର୍ଖ ଜରାସନ୍ଧ ସେମାନେ ଅଗ୍ନିରେ ପୋଡି ମରିଗଲେ ଜାଣି ଆନନ୍ଦିତ ହୋଇ ମଘଧ ପ୍ରତ୍ୟାବର୍ତ୍ତନ କଲା । ଶ୍ରୀ ଶୁକଦେବ କହିଲେ, ରାଜା ତୁମେ ପୁଣ୍ୟବାନ ହେତୁ କହୁଛି- ଆବର୍ତ୍ତ ଦେଶର ରାଜା ରେବତଙ୍କର ସର୍ବ ସୁଲକ୍ଷଣା କନ୍ୟା ରେବତୀଙ୍କର ବ୍ରହ୍ମାଙ୍କ ନିର୍ଦ୍ଦେଶରେ ବଳରାମଙ୍କ ସହିତ ବିବାହ ସମ୍ପନ୍ନ ହୋଇଥିଲା । ଶ୍ରୀକୃଷ୍ଣ ମଧ ସମସ୍ତଙ୍କ ଦେଖନ୍ତରେ ବିଦର୍ଭ ଦେଶର ରାଜା ଭୀଷ୍ମଙ୍କର କନ୍ୟା ରୁକ୍ମଣୀଙ୍କୁ ସ୍ୱୟମ୍ବର ସଭାରୁ ହରଣ କରିନେଇ ବିବାହ କଲେ ଓ ପଥ ମଧ୍ୟରେ ବାଧା ପ୍ରଦାନକାରୀ ଶାଲ୍ୱ ଶିଶୁପାଳ ଆଦି ରାଜାଙ୍କୁ ଭଳବାନ ପରାସ୍ତ କଲେ । ରାଜା ପରୀକ୍ଷିତ ଭଗବାନ ଶ୍ରୀକୃଷ୍ଣଙ୍କ ସହିତ ମାତା ରୁକ୍ମଣୀଙ୍କ ବିବାହ ବିସ୍ତୃତରେ ଶୁଣିବାକୁ ଚାହିଁବାରୁ ଶ୍ରୀଶୁକଦେବ କହିଲେ, ରାଜା ଭୀଷ୍ମକଙ୍କର ରୁକ୍ମ, ରୁକ୍ମରଥ, ରୁକ୍ମକେଶ, ରୁକ୍ମମାଳି ଏହିପରି ପାଞ୍ଚପୁତ୍ର ଓ ସର୍ବସୁଲକ୍ଷଣା କନ୍ୟା ରୁକ୍ମଣୀ ଥିଲେ । ଭଗବାନ ଶ୍ରୀକୃଷ୍ଣଙ୍କର ରୂପ, ଗୁଣ ସମ୍ପର୍କରେ ନିରନ୍ତର ନିଜ ସଖୀମାନଙ୍କଠାରୁ ଶୁଣି ରୁକ୍ମଣୀ ତାଙ୍କୁ ହିଁ ପତି ରୂପେ ବରଣ କରିସାରିଥିଲେ । ଶ୍ରୀକୃଷ୍ଣ ମଧ୍ୟ ମାତା ଲକ୍ଷ୍ମୀଙ୍କର ଅବତାର ରୁକ୍ମଣୀ ଜାଣି ହୃଦୟରେ ତାଙ୍କ ଆତ୍ମ ନିବେଦନକୁ ସ୍ୱୀକୃତି ପ୍ରଦାନ କରିସାରିଥିଲେ । ଭୀଷ୍ମକ ନିଜ କନ୍ୟାର ମନୋଭାବ ଜାଣି ଶ୍ରୀକୃଷ୍ଣଙ୍କୁ ଜାମାତା ଭାବରେ ବରଣ କରିଥିଲେ ହେଁ ନିଜ ଦୁଷ୍ଟ ସ୍ୱଭାବର ଜ୍ୟୋଷ୍ଠପୁତ୍ର ରୁକ୍ମ ଚେଦି ଦେଶର ରାଜା ଶିଶୁପାଳକୁ ବିବାହ ଦେବାର ସ୍ଥିର କରିଥିବାରୁ ଅଗତ୍ୟା ପୁତ୍ର କଥାରେ ସମ୍ମତି ଜଣାଇ ବିବାହ ଆୟୋଜନ ଆରମ୍ଭ କଲେ । ରୁକ୍ମଣୀ ତାହା ଜାଣି ହତାଶ ଓ ନିରୂପାୟ ହୋଇ ଜଣେ ବିଶ୍ୱସ୍ତ ବ୍ରାହ୍ମଣ ହାତରେ ମନର କଥାକୁ ଲେଖି ଶ୍ରୀକୃଷ୍ଣଙ୍କ ନିକଟକୁ ପ୍ରେରଣ କଲେ । ବ୍ରାହ୍ମଣ ଦ୍ୱାରିକାରେ ପହଞ୍ଚି ପ୍ରଭୁ ଶ୍ରୀକୃଷ୍ଣଙ୍କୁ ସାକ୍ଷାତ କରିବାରୁ ସେ ବ୍ରାହ୍ମଣର ଯଥାବିଧି ସତ୍କାର କଲେ ଏବଂ ପାନ ଭୋଜନରେ ଆପ୍ୟାୟିତ କରି ସାଷ୍ଟାମ କଲା ଉତ୍ତାରୁ ଆଗମନ ସମ୍ପର୍କରେ ପ୍ରଶ୍ନ କଲେ । ବ୍ରାହ୍ମଣ କହିଲେ, ହେ ପ୍ରଭୁ ଆପଣଙ୍କର ଗୁଣକର୍ମ, ଯଶଃ ଶ୍ରବଣ ଫଳରେ ଆଧ୍ୟାତ୍ମିକ, ଆଧିଭୌତିକ ଓ ଆଧିଦୈବିକ ଏହି ତ୍ରିତାପ ନଷ୍ଟ ହୋଇଯାଏ । ବିଦର୍ଭ ରାଜକନ୍ୟା ରୁକ୍ମଣୀ ଆପଣଙ୍କ ପ୍ରତି ଏକାନ୍ତ ଅନୁରକ୍ତ ହୋଇପଡି ଆପଣଙ୍କ ଶ୍ରୀଚରଣରେ ମନପ୍ରାଣ ଅର୍ପଣ କରିଛନ୍ତି । ମାତ୍ର ତାଙ୍କର ଦୁଷ୍ଟ ଭ୍ରାତା ରୁକ୍ମ ତାର ବନ୍ଧୁ ଚେଦି ଦେଶର ରାଜା ଶିଶୁପାଳକୁ ଭଗିନୀକୁ ଅର୍ପଣ କରିବାକୁ ଯାଉଛି । ପିତା ଭୀଷ୍ମକ ଘୋର ଦ୍ୱନ୍ଦ୍ୱରେ ପଡିଛନ୍ତି । ରୁକ୍ମଣୀ ଖୁବ୍ ଆଶା ଓ ଭରସାରେ ଏହି ଚିଠି ପଠାଇଛନ୍ତି ଯେ ଯଦି ସେ ମନପ୍ରାଣ ଭଗବାନଙ୍କୁ ଅର୍ପଣ କରିଥିବେ ତେବେ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ତାଙ୍କୁ ଏହି ସଂକଟରୁ ଉଦ୍ଧାର କରିବେ । ରାତ୍ରି ପାହିଲେ ଅଧିବାସ । ଏଥର ଆପଣ ଯାହାହେଲେ କରନ୍ତୁ, ରାଜଜେମାଙ୍କର ଆକୁଳ ନିବେଦନ ଜଣାଇଲି । ସେ ଆକୁଳ ହୃଦୟରେ ଜଣାଇଛନ୍ତି ଯେ, କୁଳାଚାର ମତେ ସେ ବିବାହ ବେଦୀକୁ ଯିବା ପୂର୍ବରୁ ମାତା ଭବାନୀଙ୍କର ପୂଜା ନିମିତ୍ତ ରାଜଭବନରେ ପ୍ରାନ୍ତରେ ଅବସ୍ଥିତ ଦେବୀ ମନ୍ଦିରକୁ ସଖୀ ପରିବେଷ୍ଟିତା ହୋଇଯିବେ । ସେହି ସମୟରେ ପ୍ରଭୁ ସେଠାରେ ନନ୍ଦୀଘୋଷ ରଥରେ ଉପସ୍ଥିତ ହୋଇ ତାଙ୍କୁ ଘେନି ଆସନ୍ତୁ, ନଚେତ୍ ତାଙ୍କର ଆତ୍ମହତ୍ୟା ବ୍ୟତୀତ ଅନ୍ୟପନ୍ଥା ନାହିଁ ।

### ୫୩ ଅଧ୍ୟାୟ, ( ରୁକ୍ମଣୀ ହରଣ)

ବ୍ରାହ୍ମଣ ମୁଖରୁ ସମସ୍ତ ଶୁଣି ଭଗବାନ କହିଲେ ମୁଁ ପୂର୍ବରୁ ଏହା ଅବଗତ ଅଛି । ରୁକ୍ମଣୀଙ୍କ ନିବେଦନ ସେ ନିଶ୍ଚୟ ପୂରଣ କରିବେ । ଦାରୁକକୁ ପ୍ରଭୁ ରଥ ସଜାଡିବାକୁ କହିଲେ ଏବଂ ରଥ ସଜ୍ଜିତ ହେବାରୁ ବ୍ରାହ୍ମଣକୁ ସେଥିରେ ବସାଇ ଦ୍ରୁତଗତିରେ ଯାଇ କୁଣ୍ଡିନପୁର ସୀମାନ୍ତରେ ପହଞ୍ଚିଲେ । ରାଜଜେମାଙ୍କର ବିବାହ ନିମନ୍ତେ ନଗରୀ ସୁସଜ୍ଜିତ କରାଯାଇଥାଏ, ମଙ୍ଗଳ ବାଦ୍ୟ ଅହୋରାତ୍ର ବାଜୁଥାଏ, ବିପ୍ରମାନେ ବେଦପାଠରେ ଲାଗିଥାନ୍ତି, କୁଳ ବୋହୂମାନେ ରଙ୍ଗୀନ ପାଟ ଓ ଅଳଙ୍କାର ଭୂଷିତ ହୋଇ ମଙ୍ଗଳଗାନ କରୁଥାନ୍ତି । ପୁରୋହିତ ଗ୍ରହଶାନ୍ତି ପାଇଁ ଅଗ୍ନିରେ ଘୃତାହୂତି ପ୍ରଦାନ କରୁଥାନ୍ତି । ଭୀଷ୍ମକ କନ୍ୟାର ବିବାହ ନିମନ୍ତେ ସବତ୍ସ୍ୟାଧେନୁ ଦାନ କରୁଥାନ୍ତି । ବରବେଶରେ ସଜ୍ଜିତ ହୋଇ ଶିଶୁପାଳ ହସ୍ତରେ ମଙ୍ଗଳ ସୂତ୍ର ପରିଧାନ କରି ଉପସ୍ଥିତ ହୋଇଥାଏ ଏବଂ ତାକୁ ସହାୟତା ଦେବାକୁ ବଳବାନ ରାଜାମାନେ ମଧ ଅସ୍ତ୍ରଶସ୍ତ୍ର ସଜ୍ଜିତ ହୋଇ ରହିଥାନ୍ତି । ଦ୍ୱାରିକାରେ ବଳରାମ ଅନୁଜ କୃଷ୍ଣଙ୍କୁ ନପାଇ ସେ କୁଣ୍ଡୀନପୁର ଯାଇଥିବା ଜାଣି ବିରାଟ ସୈନ୍ୟବାହିନୀ ସହ ଯାତ୍ରା ଆରମ୍ଭ କରିଦେଲେ । ରାଜ ଅନ୍ତଃପୁରରେ ରୁକ୍ମଣୀ ପ୍ରଭୁ ଶ୍ରୀକୃଷ୍ଣଙ୍କର ଆଗମନକୁ ଚାତକୀ ପରି ଚାହିଁ ରହିଥାନ୍ତି । ବ୍ରାହ୍ମଣକୁ ଦେଖିବାକୁ ନପାଇ ତାଙ୍କ ଆଖିରୁ ଅବିରତ ଅଶ୍ରୁ ବୋହିଚାଲିଥାଏ । ମାତ୍ର ତାଙ୍କର ବାମ ଚକ୍ଷୁ ସ୍ଫୁରଣ ଓ କିଛି ଶୁଭ ସଙ୍କେତ ଦେଖା ଯାଉଥିବାରୁ ସେ ନିଜକୁ ସାନ୍ତ୍ୱନା ଦେଉଥାନ୍ତି । ଏହି ସମୟରେ ବ୍ରାହ୍ମଣ ପ୍ରଭୁଙ୍କର ଆଗମନୀର ଖବର ଦେବାକୁ ସେଠାରେ ଉପସ୍ଥିତ ହେଲେ । ବ୍ରାହ୍ମଣଙ୍କଠାରୁ ସମ୍ବାଦ ପାଇ ସେ ଆତ୍ମହରା ହୋଇପଡିବା ସହ ତାଙ୍କ ଉଦ୍ଦେଶ୍ୟରେ ହାତ ଯୋଡି ପ୍ରଣତି ନିବେଦନ କଲେ । ରାଜା ଭୀଷ୍ମକ ରାମକୃଷ୍ଣଙ୍କର ସେଠାକୁ ଆଗମନ ସମ୍ବାଦ ପାଇ ପାଛୋଟି ନେଲେ ଏବଂ ବିଭିନ୍ନ ଉପହାର ପ୍ରଦାନ ପୂର୍ବକ ସୁସଜ୍ଜିତ ଭବନରେ ରଖାଇଲେ । ପୁରବାସୀ ଶ୍ରୀକୃଷ୍ଣଙ୍କ ରୂପ ଦେଖି ଆମୋଦିତ ହେଲେ ଏବଂ ରୁକ୍ମଣୀ ପାଇଁ ସେ ହିଁ ଯୋଗ୍ୟ କୁହାକୁହି ହେଲେ । ରାଜଜେମା ରୁକ୍ମଣୀ ନିଜ ସଖୀମାନଙ୍କ ସହ ପରିବେଷ୍ଟିତା ହୋଇ ମହା ସମାରୋହରେ ଭବାନୀ ମନ୍ଦିରରେ ପୂଜାର୍ଚ୍ଚନା ପାଇଁ ଅନ୍ତଃପୁରରୁ ବହିର୍ଗତ ହେଲେ । ମାତା ଭବାନୀଙ୍କ ପାଦତଳେ ଲୋଟିଯାଇ ଶ୍ରୀକୃଷ୍ଣଙ୍କୁ ପତି ରୂପେ ପ୍ରାପ୍ତ ପାଇଁ ଆକୁଳ ନିବେଦନ କଲେ । ଦେବୀ ଭବାନୀ ପ୍ରସନ୍ନ ହେଲେ ଏବଂ ତାଙ୍କ ମସ୍ତକରୁ ପୁଷ୍ପଟିଏ ନିପତିତ ହେଲା । ରୁକ୍ମଣୀ ସେହି ଆଜ୍ଞାପୁଷ୍ପକୁ ମଥାରେ ଛୁଆଁଇ ଗଭାରେ ଧାରଣ କଲେ । ପୂଜା ଶେଷ କରି ପ୍ରତ୍ୟାବର୍ତ୍ତନ ସମୟରେ ସମବେତ ରାଜାମାନେ ତାଙ୍କୁ ଦର୍ଶନ କରି ଚକ୍ଷୁ ପିଛାଡି ପାରିଲେନାହିଁ । ମାତ୍ର ମାତା ରୁକ୍ମଣୀ ନିଜର ଇପ୍ସିତ ପୁରୁଷର ଦର୍ଶନ ଆଶାରେ ଚତୁର୍ଦ୍ଦିଗକୁ ଚାହୁଁଥାନ୍ତି । ହଠାତ୍ ଆକାଶ ମାର୍ଗରୁ ଭଗବାନ ଶ୍ରୀକୃଷ୍ଣଙ୍କୁ ରଥାରଢ ହୋଇ ଆସୁଥିବାର ଦେଖି ହାତ ଯୋଡି ପ୍ରଣତି ଜଣାଇଲେ ଏବଂ ହାତକୁ ଉର୍ଦ୍ଧ୍ୱକୁ ପ୍ରସାରିତ କରିବାରୁ ଭଗବାନ ଶ୍ରୀକୃଷ୍ଣ ହାତ ଧରିନେଇ ତାଙ୍କୁ ଉଠାଇ ଆଣି କୋଳରେ ବସାଇ ଦ୍ରୁତଗତିରେ ରଥ ବାହିନେଲେ । ଦାରୁକ ମଧ ପ୍ରଭୁ ନିର୍ଦ୍ଦେଶରେ ରଥକୁ ଶୂନ୍ୟରେ ଉଡାଇନେଲେ । ଏହି ଅପ୍ରତ୍ୟାଶିତ ଘଟଣା ପାଇଁ କେହି ପ୍ରସ୍ତୁତ ନଥିଲେ । ସମସ୍ତେ ହତବାକ ହୋଇପଡିଥିଲେ ପରେ ଚେତନା ଯୁକ୍ତ ହୋଇ ନେଲା ନେଲା ବୋଲି ଚିତ୍କାର କଲେ । ରୁକ୍ମଣୀ ହରଣ ହୋଇଯିବା କଥା ଜାଣି ବିରୋଧୀ ରାଜାମାନେ ଏକତ୍ରିତ ହୋଇ ପ୍ରତିଜ୍ଞା ପୂର୍ବକ ଶ୍ରୀକୃଷ୍ଣଙ୍କୁ ଯୁଦ୍ଧରେ ପରାସ୍ତ ଉଦ୍ଦେଶ୍ୟରେ ତାଙ୍କର ପଶ୍ଚାତଧାବନ କଲେ ।

### ୫୪ ଅଧ୍ୟାୟ, ( ରୁକ୍ମଣର ପରାଭବ ଓ ରୁକ୍ମଣୀ ବିବାହ)

ଶ୍ରୀ ଶୁକଦେବ କହିଲେ, ଦେବୀ ରୁକ୍ମିଣୀ ଭଗବାନଙ୍କ କୋଳରେ ଥାଇ ମଧ ଆକ୍ରମଣ ଓ ପ୍ରତ୍ୟାକ୍ରମଣ ଦେଖି ଶଙ୍କାଗ୍ରସ୍ତ ହୋଇପଡିବାରୁ ଶ୍ରୀକୃଷ୍ଣ ତାଙ୍କୁ ସାନ୍ତ୍ୱନା ଦେଇ କହିଲେ, ଦେବୀ ମୁଁ ଓ ମୋର ଯାଦବ ସୈନ୍ୟବାହିନୀ ଅଜେୟ ଏଣୁ ମନରୁ ସମସ୍ତ ଶଙ୍କା ଦୂର କର । ମୁଁ ଅବିଳମ୍ବେ ଏହି ରାଜାମାନଙ୍କୁ ପରାସ୍ତ କରିବି ଓ ସେମାନେ ପଳାୟନ କରିବେ କାରଣ ମୁଁ ଅଧିକ ସୈନ୍ୟ ସଂହାର ଚାହୁଁନାହିଁ । ସତକୁ ସତ କିଛି ସମୟ ଘୋର ଯୁଦ୍ଧପରେ ଜରାସନ୍ଧାଦି ଦୁଷ୍ଟ ରାଜାମାନଙ୍କର ପରାଜୟ ହେବାରୁ ସେମାନେ ପଳାୟନ କଲେ । ଜରାସନ୍ଧ ଯାଇ ଦେଖେ ତ ଏ ପର୍ଯ୍ୟନ୍ତ ଶିଶୁପାଳ ବେଦୀରେ ବିଷର୍ଣ୍ଣ ବଦନରେ ବସିରହିଛି । ବୋଧେ ସେ ମନ ମଧ୍ୟରେ ଆଶା ପୋଷଣ କରିଛି ଯେ ରାଜାମାନେ ନିଶ୍ଚିତ ରୁକ୍ମିଣୀକୁ ଫେରାଇ ଆଣିବେ । ଜରାସନ୍ଧ ତାଙ୍କର ଏ ଅବସ୍ଥା ଦେଖି ତାକୁ ବୁଝାଇବାକୁ ଯାଇ କହିଲା, ଦେଖ ଯୁଦ୍ଧରେ ଜୟ-ପରାଜୟ ଏକ ସାଧାରଣ କଥା ।


( କ୍ରମଶଃ )



+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮


**ସମ୍ପର୍କର ଗିଅଁ**

# ସ୍ୱାର୍ଥପର ମଣିଷ ଓ ଉଦାର ପକ୍ଷୀ




ଶ୍ୱେତା ରାଉତ୍


ଗୋଟେ ଟ୍ରକ୍ ଡ୍ରାଇଭର ଗହମ ବୋଝେଇ ଟ୍ରକ୍ ନେଇ ତାର ଗନ୍ତବ୍ୟକୁ ଯାଉଥିଲା । ହଠାତ୍ ସାମ୍ନାରୁ ଜଣେ ବାଇକ୍ ଚାଳକ ଦ୍ରୁତ ଗତିରେ ଆସିଯିବାରୁ ଟ୍ରକ୍ ଡ୍ରାଇଭର ବିଚଳିତ ହୋଇ ବ୍ରେକ୍ ମାରି ଦେବାରୁ ଟ୍ରକ୍ ଭାରସାମ୍ୟ ହରାଇ ଓଲଟି ପଡ଼ିଲା ଓ ଗହମ ସବୁ ଚାରିଆଡ଼େ ଗଦା ହୋଇଗଲା । କିଛି ସମୟ ଭିତରେ ଆଖପାଖରେ ଥିବା କାଉ, ପାରା ଆଦି ଅନେକ ପକ୍ଷୀ ଘେରି ଗଲେ, କିଛି ଖାଇଲେ ଓ ଆଉ କିଛି ନିଜ ନିଜର ଚଞ୍ଚୁରେ ଭରି ଉଡ଼ିଗଲେ ।ଗୋଟେ କାଉ ଏତେ ଗହମ ଦେଖି ଉଡ଼ି ଆସି ଗଦା ହୋଇଥିବା ଗହମ ଉପରେ ବସିଲା ଓ କା କା ରାବ ଦେଇ ଅନ୍ୟ କାଉମାନଙ୍କୁ ବି ଖାଇବାକୁ ଡାକ ପକାଇଲା । ଚାହୁଁ ଚାହୁଁ ଅନେକ କାଉ ଆସିବାକୁ ଲାଗିଲେ । ସେମାନେ ବି କିଛି ଖାଇଲେ ଓ ଆଉ କିଛି ନିଜ ଚଞ୍ଚୁରେ ନେଇ ଉଡିଗଲେ । ସେଇବାଟ ଦେଇ ଦୁଇଜଣ ଲୋକ ଯାଉଥିଲେ,ଏତେ ପକ୍ଷୀମାନଙ୍କ କାକଳି ଶୁଣି ପାଖକୁ ଆସି ଦେଖିଲେ ଓଲଟି ପଡ଼ିଥିବା ଟ୍ରକ୍ ପାଖରେ ଗହମ ବସ୍ତା ସବୁ ଗଦା ହୋଇଛି ଓ କିଛି ବସ୍ତା ଫାଟି ଗହମ ତଳେ ପଡ଼ିଛି । ପକ୍ଷୀମାନେ ସେଇ ଗହମକୁ ଆହାର କରୁଛନ୍ତି । ଦୁହେଁ କଥା ହେଲେ 'ଏଠି ତ କେହି ନାହାନ୍ତି ଚାଲ ଆମେ ଗାଡ଼ି ଆଣି ସବୁ ନେଇଯିବା' । ଦୁଇଜଣ ଗାଡ଼ି ଡାକିବାକୁ ଗଲେ କାଳେ ଆଉ କିଏ ନେଇଯିବ, ତେଣୁ ଜଣେ ଗହମ ଜଗିଲା ଓ ଆଉ ଜଣେ ଗାଡି ଡାକିବାକୁ ଗଲା । ସେତିକି ବେଳେ ସେଇ ପାଖ ଦେଇ ଆଉ ଗୋଟେ ଖାଲି ଟ୍ରକ୍ ଯାଉଥିଲା । ଜଗିଥିବା ଲୋକଟି ଟ୍ରକ୍ ଅଟକାଇ କହିଲା - ଭାଇ ମୋ ଗାଡ଼ିଟା ଓଲଟି ପଡ଼ିଛି, ମୋତେ ଠିକ୍ ସମୟରେ ନପାଇଲେ ମାଲିକ ଗାଳି କରିବେ, ତୁମେ ଟିକେ ଏଇ ଗହମ ମୋ ସାଥିରେ ନେଇଯିବ ? ଟ୍ରକ୍ ଡ୍ରାଇଭର ରାଜିହେଲା ଓ ଲୋକଟି ସବୁ ଗହମକୁ ଗାଡ଼ିରେ ଲଦି ନେଇଗଲା । ଅନ୍ୟ ଲୋକଟି ଆସି ଦେଖିବା ବେଳକୁ ସେଠି କିଛି ନାହିଁ । ଲୋକଟି ଡାକିଥିବା ଗାଡ଼ିବାଲାର ସମୟ ଓ ପେଟ୍ରୋଲ ନଷ୍ଟ ପାଇଁ ଅପତଣ୍ଡରେ ପଇସା ଗଣିଲା ।

ଗପଟି କହିବାର ଉଦ୍ଦେଶ୍ୟ ଏହା ଯେ, କାଉ ପକ୍ଷୀଟିଏ ହୋଇ ସ୍ୱାର୍ଥପର ଭାବେ ଏକା ନଖାଇ, ରାବ ଦେଇ ସବୁ କାଉଙ୍କୁ ଡାକୁଥିବା ବେଳେ ମଣିଷ, ଆଉ ଜଣେ ମଣିଷ ସହ ଧୋକା କରି କେମିତି ଏକା ସବୁ ଗହମ ବସ୍ତା ନେଇ ପାଳାଉଛି ! ପକ୍ଷୀମାନେ ନିଜର ଆବଶ୍ୟକ ଅନୁସାରେ ଚଞ୍ଚୁରେ ଅଳ୍ପ ଟିକେ ଦାନା ନେଉଥିବା ବେଳେ, ମଣିଷ ଲୋଭରେ କେମିତି ଅନ୍ୟର ସମ୍ପଦକୁ ଲୁଚେଇ ବୋହି ନେଇ ଯାଉଛି ! ଈଶ୍ୱର ମଣିଷକୁ ଶ୍ରେଷ୍ଠ ଯୋନିରେ ଜନ୍ମ ଦେଇ ବି ମଣିଷ କେତେ ନିକୃଷ୍ଟ ଚିନ୍ତାଧାରା ରଖୁଛି । ସାମାନ୍ୟ ପକ୍ଷୀ ଠାରୁ ବି ମଣିଷ କିଛି ଶିଖି ପାରୁନି । ଅନ୍ୟକୁ ଠକିବା, ଅନ୍ୟର ନିନ୍ଦା କରିବା, ଅନ୍ୟଠାରୁ ଲୁଟି ନେବା, ଅନ୍ୟକୁ ନିଚା ଦେଖାଇବା, ଅନ୍ୟକୁ ଅପମାନ କରିବାରେ ଏବେ ଆନନ୍ଦ ପାଉଛି ମଣିଷ । ତେବେ ମାନବିକତା ମରିଗଲେ ଶୃଙ୍ଖଳିତ ସମାଜଟିଏ କୋଉଠୁ ଆଶା କରିବା ? ଗହମ ଲୁଚେଇ ବୋହିନେବା ପୂର୍ବରୁ କ୍ଷତାକ୍ତ ଟ୍ରକ୍ ଚାଳକକୁ ଖୋଜିବା ବା ଉପଚାର କରିବା କଣ ମଣିଷର ଧର୍ମ ନୁହେଁ ? ସେବା, ସହଯୋଗର ଭାବନା ଆମ ସମ୍ପର୍କମାନଙ୍କ ବିଚାରରେ ଆଣିବା ଆମର ଦାୟିତ୍ୱ ।ନହେଲେ ଈଶ୍ୱର ଆମକୁ ବି କ୍ଷମା ଦେବେନାହିଁ ।


+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦




# ଫିଟ୍‌ନେସ୍‌ର ନୂତନ ପନ୍ଥା ଜୁମ୍ବା

ଶରୀରକୁ ସୁସ୍ଥ ରଖିବା ପାଇଁ ବ୍ୟାୟାମ ଅତ୍ୟନ୍ତ ଜରୁରୀ । କିନ୍ତୁ ବାସ୍ତବରେ ବ୍ୟସ୍ତବହୁଳ ସମାଜରେ ଏହା ସମସ୍ତଙ୍କ ପକ୍ଷରେ ସମ୍ଭବ ହୋଇପାରୁ ନାହିଁ । ଅର୍ଥ ଉପାର୍ଜନକୁ ଅଧିକ ଗୁରୁତ୍ୱ ପ୍ରଦାନ କରିବା ଦିଗରେ ଯୁବପିଢ଼ି ଦିନରାତି କାମ କରୁଛନ୍ତି । ଫଳରେ ଦିନକୁ ଦିନ ବଦଳୁଥିବା ଜୀବନଶୈଳୀରେ ନିଜ ପ୍ରତି ଧ୍ୟାନ ଦେଇପାରୁ ନଥିବାରୁ ଲୋକଙ୍କ ମଧ୍ୟରେ ଅବସାଦ, ଉଚ୍ଚ ରକ୍ତଚାପ, ମଧୁମେହ, ମେଦ ବହୁଳତା ଓ ନିଦ୍ରାହୀନତା ପରି ସମସ୍ୟା ବଢ଼ିବାରେ ଲାଗିଛି । ଏଥିରୁ ମୁକ୍ତି ପାଇବା ପାଇଁ ବ୍ୟାୟାମ ବ୍ୟତୀତ ଜୁମ୍ବା ଏକ ଭଲ ଉପାୟ ।

୧୯୯୦ ମସିହାରେ କଲମ୍ବୋର ଆଲବେଟୋ ନାମକ ଜଣେ ନୃତ୍ୟଶିଳ୍ପୀ ଫିଟ୍‌ନେସ୍ କାର୍ଯ୍ୟକ୍ରମ ଭାବେ ଆରମ୍ଭ କରିଥିଲେ 'ଜୁମ୍ବା ଡ୍ୟାନ୍ସ' । ଜୁମ୍ବା ଶବ୍ଦର କୌଣସି ନିର୍ଦ୍ଦିଷ୍ଟ ଅର୍ଥ ନଥିଲେ ମଧ ଜୁମ୍ବା ରିଦିମରୁ ଏହାର ସୃଷ୍ଟି । କାର୍ଡିଓ ଏବଂ ଲାର୍ଟିନ୍ ଡ୍ୟାନ୍ସର ଏକ ମିଳିତ ରୂପ ହେଉଛି ଜୁମ୍ବା । ବିଶ୍ୱ ସ୍ତରରେ ଏହାର ଲୋକପ୍ରିୟତା ବେଶ୍ ଅଧିକ ରହିଛି । ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଏହାର ଲୋକପ୍ରିୟତା ଅଧିକ ରହିଥିବା ବେଳେ ଓଡ଼ିଶାରେ ମଧ ଏହାର ଚାହିଦା ବଢ଼ିବାରେ ଲାଗିଛି । ସଂଗୀତ ଓ ନୃତ୍ୟ ପ୍ରତି ରୁଚି ରଖୁଥିବା ଯୁବପିଢ଼ି ଜୁମ୍ବା ଡ୍ୟାନ୍ସକୁ ବେଶ୍ ପସନ୍ଦ କରୁଛନ୍ତି । ଟ୍ରେନିଂ ସମୟରେ, ରିଦିମ୍, କାର୍ଡିଓ, ବିଭିନ୍ନ ଅନ୍ତର୍ଜାତୀୟ ନୃତ୍ୟ ଶୈଳୀ ସମ୍ପର୍କରେ ତାଲିମ୍ ନେବାକୁ ପଡ଼େ । ଏଥି ମଧ୍ୟରେ ସାଲସା, ସାମ୍ବା, ବେଲି, ଟାଙ୍ଗୋ, ଫ୍ଲେମିଂକୋ, ହିପ୍ ପପ୍ ନୃତ୍ୟ ଆଦିକୁ ସାମିଲ କରାଯାଇଛି । ବ୍ୟାୟାମ କଲେ ସାଧାରଣ ଭାବେ ୨୦୦ରୁ ୩୦୦ କ୍ୟାଲୋରୀ ଖର୍ଚ୍ଚ ହେଉଥିବା ବେଳେ ମାତ୍ର ଏକ ଘଣ୍ଟାରେ ଜୁମ୍ବା ଡ୍ୟାନ୍ସରେ ୫୦୦ରୁ ୭୦୦ କ୍ୟାଲୋରୀ ପର୍ଯ୍ୟନ୍ତ ଖର୍ଚ୍ଚ ହୋଇଥାଏ । ଏହାଦ୍ୱାରା ଶୀଘ୍ର ଓଜନ ହ୍ରାସ ହେବା ସହ ଅବସାଦ ଦୂର ହୁଏ ଏବଂ ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ ହୋଇପାରେ ।

## ଦିନକୁ ୪୫ ମିନିଟ୍ ଜୁମ୍ବା ଡ୍ୟାନ୍ସ

ଯୋଗ ମନୁଷ୍ୟ ଜୀବନ ପାଇଁ ଅପରିହାର୍ଯ୍ୟ । ଦିନକୁ ଆମେ ୪୫ ମିନିଟ୍ ଜୁମ୍ବା ଡ୍ୟାନ୍ସ କରିବା ଦ୍ୱାରା ଶରୀରକୁ ବହୁତ ଫାଇଦା ମିଳିଥାଏ । ଖାଦ୍ୟପେୟରେ ଅନିୟମିତତା ଓ କର୍ମକ୍ଷେତ୍ରରେ ଚାପ ଯୋଗୁଁ ଲୋକେ ନିଜ ଶରୀରର ଯତ୍ନ ନେବାକୁ ଭୁଲି ଯାଇଥାନ୍ତି । ତେଣୁ ଫିଟ୍ ରହିବା ପାଇଁ ଏବେ ଯୁବପିଢ଼ିଙ୍କ ଏକମାତ୍ର ମନ୍ତ୍ର ହେଉଛି ଜିମ୍ ଯାଇ ସୁସ୍ଥ ରହିବା । ଏହା ଶୀଘ୍ର ଓଜନ କମାଇବାରେ ସାହାଯ୍ୟ କରିଥାଏ ଏବଂ ଖାଦ୍ୟ ହଜମ କରିବାରେ ମଧ ସାହାଯ୍ୟ କରିଥାଏ । ଏହାଦ୍ୱାରା ଜଣେ ଯେ କେବଳ ଶାରୀରିକ ସ୍ତରରେ ସୁସ୍ଥ ରହେ ତାହା ନୁହେଁ ମାନସିକ ସ୍ତରରେ ଜଣେ ଖୁସି ଅନୁଭବ କରିଥାଏ । ଯଦି ଜଣେ ଜୁମ୍ବା ଶିଖିଛି ତା'ଙ୍କୁ ନାଚିବାରେ କୌଣସି ଅସୁବିଧା ହୁଏ ନାହିଁ ।

## ଏହି କ୍ଷେତ୍ରରେ ମିଳେ ଫାଇଦା......

ଅବସାଦ ଦୂର କରେ
ଖାଦ୍ୟ ହଜମ କରେ
ଶୀଘ୍ର ଓଜନ କମାଏ
ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ କରେ
ମନ ଖୁସି ରଖେ
ଶରୀର ଫୁଟ୍ ରହିଥାଏ

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଦୁବାଇରେ ତେଜସ୍ ଦୁର୍ଘଟଣା: ଗୁଣବତ୍ତାର ପ୍ରଶ୍ନଘେରରେ ଏଚ୍ଏଏଲ୍

ଦୁବାଇ ଏୟାର ଶୋ'ରେ ଭାରତୀୟ ବାୟୁସେନାର ଗର୍ବ ଓ ଗୌରବ ବୋଲାଉଥିବା 'ତେଜସ୍' ଯୁଦ୍ଧ ବିମାନର ଦୁର୍ଘଟଣା କେବଳ ଏକ ଯାନ୍ତ୍ରିକ ବିଫଳତା ନୁହେଁ, ବରଂ ଏହା ଭାରତର ସ୍ୱଦେଶୀ ପ୍ରତିରକ୍ଷା ଶିଳ୍ପ ପାଇଁ ଏକ ବଡ଼ ଧକ୍କା । ନଭେମ୍ବର ୨୦୨୫ ରେ ଘଟିଥିବା ଏହି ଦୁଃଖଦ ଘଟଣା ବିଶ୍ୱ ଦରବାରରେ ଭାରତର ବୈଷୟିକ ଦକ୍ଷତା ଉପରେ ଏକ କଳା ଦାଗ ଲଗାଇ ଦେଇଛି । ଯେତେବେଳେ ଭାରତ ବିଶ୍ୱର ବିଭିନ୍ନ ଦେଶକୁ ନିଜର ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଯୁଦ୍ଧ ବିମାନ ରପ୍ତାନି କରିବାକୁ ଲକ୍ଷ୍ୟ ରଖିଛି, ସେତେବେଳେ ଏକ ଅନ୍ତର୍ଜାତୀୟ ମଞ୍ଚରେ ଏଭଳି ଦୁର୍ଘଟଣା ଘଟିବା ନିଶ୍ଚିତ ଭାବରେ ଚିନ୍ତାର ବିଷୟ । ଏହି ଘଟଣାର ପ୍ରଭାବ କେବଳ ଗୋଟିଏ ବିମାନ ନଷ୍ଟ ହେବା କିମ୍ବା ଆର୍ଥିକ କ୍ଷତି ମଧ୍ୟରେ ସୀମିତ ନୁହେଁ, ବରଂ ଏହା ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ (ଏଚ୍ଏଏଲ୍) ର କାର୍ଯ୍ୟଦକ୍ଷତା, ଗୁଣବତ୍ତା ଏବଂ ବିଶ୍ୱ ବଜାରରେ ଏହାର ବିଶ୍ୱସନୀୟତା ଉପରେ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଏହି ଘଟଣାକୁ କେବଳ ଏକ ଦୁର୍ଭାଗ୍ୟଜନକ ସଂଯୋଗ ବୋଲି କହି ଏଡ଼ାଇ ଦିଆଯାଇପାରିବ ନାହିଁ । ଗତ ୨୦ ମାସ ମଧ୍ୟରେ ତେଜସ୍ ବିମାନ ଦୁର୍ଘଟଣାଗ୍ରସ୍ତ ହେବାର ଏହା ହେଉଛି ଦ୍ୱିତୀୟ ଘଟଣା । ଏହା ପୂର୍ବରୁ ମାର୍ଚ୍ଚ ୨୦୨୪ ରେ ରାଜସ୍ଥାନର ଜୈସଲମେରରେ ଏକ ତେଜସ୍ ବିମାନ ଦୁର୍ଘଟଣାର ଶିକାର ହୋଇଥିଲା । ଦୀର୍ଘ ଦୁଇ ଦଶକ ଧରି ତେଜସ୍ ନିଜର 'ଦୁର୍ଘଟଣାମୁକ୍ତ' ରେକର୍ଡ ପାଇଁ ଗର୍ବ କରୁଥିଲା, କିନ୍ତୁ ଅଳ୍ପ ସମୟ ବ୍ୟବଧାନରେ ଦୁଇଟି ଦୁର୍ଘଟଣା ସେହି ଗର୍ବକୁ ମାଟିରେ ମିଶାଇ ଦେଇଛି । ବିଶେଷକରି ଯେତେବେଳେ ଏକ ବିମାନ ଅନ୍ତର୍ଜାତୀୟ ଗ୍ରାହକଙ୍କ ଆଗରେ ନିଜର ଶକ୍ତି ପ୍ରଦର୍ଶନ କରୁଥାଏ, ସେତେବେଳେ ଏଭଳି ବିଫଳତା କେବଳ ପିଆର୍ ବିପର୍ଯ୍ୟୟ ନୁହେଁ, ବରଂ ଏହା ବ୍ୟବସାୟିକ ଦୃଷ୍ଟିକୋଣରୁ ଏକ ବିରାଟ କ୍ଷତି । ଏହା ଦର୍ଶାଉଛି ଯେ କେଉଁଠି ନା କେଉଁଠି ଗୁଣବତ୍ତା ନିୟନ୍ତ୍ରଣ ଏବଂ ରକ୍ଷଣାବେକ୍ଷଣରେ ଗୁରୁତର ତ୍ରୁଟି ରହିଛି, ଯାହାକୁ ତୁରନ୍ତ ସୁଧାରିବା ଆବଶ୍ୟକ ।

ଏଚ୍ଏଏଲ୍ ବର୍ତ୍ତମାନ ଏକ ଗୁରୁତର 'ବିଶ୍ୱସନୀୟତାର ସଙ୍କଟ' (**Credibility Gap**) ଦେଇ ଗତି କରୁଛି । ଆର୍ଜେଣ୍ଟିନା, ଫିଲିପାଇନ୍ସ, ଇଜିପ୍ଟ ଏବଂ ଆର୍ମେନିଆ ଭଳି ଦେଶଗୁଡ଼ିକ ଭାରତଠାରୁ ତେଜସ୍ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ । ଆର୍ମେନିଆ ସହିତ ପ୍ରାୟ ୧.୨ ବିଲିୟନ ଡଲାରର ଚୁକ୍ତି ଚୂଡ଼ାନ୍ତ ପର୍ଯ୍ୟାୟରେ ଥିବାବେଳେ ଏହି ଦୁର୍ଘଟଣା ସେହି ଆଲୋଚନାକୁ ପ୍ରଭାବିତ କରିବାର ଆଶଙ୍କା ରହିଛି । ଅନ୍ତର୍ଜାତୀୟ ପ୍ରତିରକ୍ଷା ବଜାର ଅତ୍ୟନ୍ତ ନିଷ୍ଠୁର ଏବଂ ପ୍ରତିଯୋଗିତାମୂଳକ । ଏଠାରେ ଭାବପ୍ରବଣତାର କୌଣସି ସ୍ଥାନ ନାହିଁ; ଗ୍ରାହକମାନେ କେବଳ ଦକ୍ଷତା, ନିରାପତ୍ତା ଏବଂ ନିର୍ଭରଯୋଗ୍ୟତା ଉପରେ ବିଶ୍ୱାସ କରନ୍ତି । ଯେତେବେଳେ ଚୀନ୍‌ର ଜେ-୧୦ କିମ୍ବା ଅନ୍ୟାନ୍ୟ ଦେଶର ଯୁଦ୍ଧ ବିମାନ ସହିତ ତେଜସ୍‌ର ପ୍ରତିଯୋଗିତା ହେଉଛି, ସେତେବେଳେ ଏଭଳି ଘଟଣା ପ୍ରତିଦ୍ୱନ୍ଦ୍ୱୀ ଦେଶଗୁଡ଼ିକୁ ଭାରତୀୟ ଉତ୍ପାଦର ଗୁଣବତ୍ତା ଉପରେ ପ୍ରଶ୍ନ ଉଠାଇବାକୁ ସୁଯୋଗ ଦେଇଥାଏ । ଏଚ୍ଏଏଲ୍‌ର ଅତୀତର ରେକର୍ଡ, ବିଶେଷକରି ଇକ୍ୱେଡରକୁ ଧ୍ରୁବ ହେଲିକପ୍ଟର ରପ୍ତାନି ପରେ ହୋଇଥିବା ଦୁର୍ଘଟଣା ଏବଂ ଚୁକ୍ତି ବାତିଲ ହେବାର ଇତିହାସ, ଏବେ ପୁଣିଥରେ ଚର୍ଚ୍ଚାକୁ ଆସିଛି । ତେଣୁ, ଦୁବାଇ ଦୁର୍ଘଟଣାକୁ କେବଳ ଏକ ଯାନ୍ତ୍ରିକ ତ୍ରୁଟି ବୋଲି କହି ଏଚ୍ଏଏଲ୍ ନିଜ ଦାୟିତ୍ୱରୁ ଖସି ଯାଇପାରିବ ନାହିଁ ।

ଏହି ସମସ୍ୟାର ମୂଳ କେବଳ ଦୁର୍ଘଟଣାରେ ସୀମିତ ନୁହେଁ, ବରଂ ଏହା ଏଚ୍ଏଏଲ୍‌ର ସାମଗ୍ରିକ କାର୍ଯ୍ୟଶୈଳୀକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ଏଚ୍ଏଏଲ୍‌ର ଉତ୍ପାଦନ କ୍ଷମତା ଏବଂ ସମୟାନୁବର୍ତ୍ତିତା ନେଇ ଭାରତୀୟ ବାୟୁସେନା ମଧ୍ୟ ଅନେକ ସମୟରେ ଅସନ୍ତୋଷ ବ୍ୟକ୍ତ କରିଛି । ତେଜସ୍ ମାର୍କ-୧ଏ (**Mk1A**) ବିମାନର ଯୋଗାଣରେ ବିଳମ୍ବ, ଇଞ୍ଜିନ୍ ସମସ୍ୟା ଏବଂ ଗୁଣବତ୍ତା ନିୟନ୍ତ୍ରଣରେ ଅବହେଳା ଭଳି ଅଭିଯୋଗ ବାରମ୍ବାର ଆସୁଛି । ବାୟୁସେନା ମୁଖ୍ୟ ନିକଟରେ ଏଚ୍ଏଏଲ୍‌ର କାର୍ଯ୍ୟଶୈଳୀ ଉପରେ ଅସନ୍ତୋଷ ପ୍ରକାଶ କରି କହିଥିଲେ ଯେ ସଂସ୍ଥାଟି 'ମିଶନ୍ ମୋଡ୍'ରେ କାମ କରୁନାହିଁ । ୨୦୨୪ ମସିହାରେ ଯେଉଁ ବିମାନ ଗୁଡ଼ିକ ବାୟୁସେନାରେ ସାମିଲ ହେବାର ଥିଲା, ତାହା ୨୦୨୫ ଶେଷ ହେବାକୁ ଯାଉଥିଲେ ମଧ୍ୟ ସମ୍ପୂର୍ଣ୍ଣ ହୋଇପାରି ନାହିଁ । ଜିଇ (**GE**) ଇଞ୍ଜିନ୍‌ର ଅଭାବ ଏକ କାରଣ ହୋଇପାରେ, କିନ୍ତୁ ଏହା ଏକମାତ୍ର କାରଣ ନୁହେଁ । ଏକ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଭାବରେ ଏଚ୍ଏଏଲ୍‌ର ଏକଚାଟିଆ ଅଧିକାର ରହିଛି ସତ, କିନ୍ତୁ ଏହାର ଅର୍ଥ ନୁହେଁ ଯେ ଏହା ଉତ୍ତରଦାୟିତ୍ୱରୁ ମୁକ୍ତ । ଯେତେବେଳେ ଦେଶର ସୁରକ୍ଷା ଏବଂ ସୈନିକଙ୍କ ଜୀବନର ପ୍ରଶ୍ନ ଆସେ, ସେତେବେଳେ 'ଚଲତା ହୈ' ମନୋଭାବ କେବେହେଲେ ଗ୍ରହଣୀୟ ନୁହେଁ । ଦୁବାଇରେ ଘଟିଥିବା ଘଟଣା ପ୍ରମାଣିତ କରୁଛି ଯେ ଆମର ଗୁଣବତ୍ତା ନିୟନ୍ତ୍ରଣ (**Quality Control**) ବ୍ୟବସ୍ଥାରେ ଗୁରୁତର ସଂସ୍କାରର ଆବଶ୍ୟକତା ରହିଛି ।

ଏହି ଘଟଣାରୁ ଶିକ୍ଷା ନେଇ ଭାରତ ସରକାର ଏବଂ ଏଚ୍ଏଏଲ୍‌କୁ ତୁରନ୍ତ କଠୋର ପଦକ୍ଷେପ ନେବାକୁ ପଡ଼ିବ । ପ୍ରଥମତଃ, ଦୁର୍ଘଟଣାର ଏକ ନିରପେକ୍ଷ ଏବଂ ତୁରନ୍ତ ତଦନ୍ତ କରାଯାଇ ପ୍ରକୃତ କାରଣ ଖୋଜି ବାହାର କରିବାକୁ ହେବ । ଯଦି ଏହା କୌଣସି ଉତ୍ପାଦନଗତ ତ୍ରୁଟି ହୋଇଥାଏ, ତେବେ ସମସ୍ତ ବିମାନର ପୁଙ୍ଖାନୁପୁଙ୍ଖ ଯାଞ୍ଚ ଜରୁରୀ । କେବଳ କମିଟି ଗଠନ କରି ରିପୋର୍ଟ ଦାଖଲ କରିଦେଲେ ସମସ୍ୟାର ସମାଧାନ ହେବ ନାହିଁ । ଦ୍ୱିତୀୟତଃ, ଏଚ୍ଏଏଲ୍‌କୁ ନିଜର ଉତ୍ପାଦନ ପ୍ରକ୍ରିୟା ଏବଂ ଗୁଣବତ୍ତା ମାନଦଣ୍ଡକୁ ଅନ୍ତର୍ଜାତୀୟ ସ୍ତରକୁ ଉନ୍ନୀତ କରିବାକୁ ପଡ଼ିବ । ଆମକୁ ମନେ ରଖିବାକୁ ହେବ ଯେ ବିଶ୍ୱ ବଜାରରେ କେବଳ କମ୍ ମୂଲ୍ୟରେ ବିମାନ ବିକ୍ରି କରିବା ଯଥେଷ୍ଟ ନୁହେଁ; ଗ୍ରାହକମାନେ ବିମାନର 'ଲାଇଫ୍ ସାଇକେଲ୍ ସପୋର୍ଟ' ଏବଂ ଦୁର୍ଘଟଣାମୁକ୍ତ ଉଡ଼ାଣର ଗ୍ୟାରେଣ୍ଟି ଚାହାନ୍ତି ।

ପରିଶେଷରେ, ଏଚ୍ଏଏଲ୍‌କୁ ବୁଝିବାକୁ ହେବ ଯେ ବିଶ୍ୱାସ ଅର୍ଜନ କରିବାକୁ ବର୍ଷ ବର୍ଷ ଲାଗିଯାଏ, କିନ୍ତୁ ତାହା ହରାଇବାକୁ ମାତ୍ର କିଛି ମୁହୂର୍ତ୍ତ ଯଥେଷ୍ଟ । ଦୁବାଇର ଆକାଶରେ ଯେଉଁ ବିଶ୍ୱାସର ଦୁର୍ଘଟଣା ଘଟିଛି, ତାହାକୁ ପୁନର୍ବାର ଗଢ଼ି ତୋଳିବା ପାଇଁ ଏଚ୍ଏଏଲ୍‌କୁ କଠିନ ପରିଶ୍ରମ ଓ ସ୍ୱଚ୍ଛତା ଅବଲମ୍ବନ କରିବାକୁ ପଡ଼ିବ । ସରକାର ମଧ୍ୟ ଏଚ୍ଏଏଲ୍‌କୁ ଉତ୍ତରଦାୟୀ କରିବା ସହିତ ଘରୋଇ କ୍ଷେତ୍ରର ଅଂଶଗ୍ରହଣକୁ ବୃଦ୍ଧି କରି ପ୍ରତିରକ୍ଷା ଉତ୍ପାଦନରେ ପ୍ରତିଯୋଗିତା ସୃଷ୍ଟି କରିବା ଉଚିତ ।

# 'ନମସ୍ତେ ନମସ୍ତେ ମାଆ ଗୋ ବିଷ୍ଣୁଙ୍କ ଘରଣୀ'



## ପ୍ରଫେସର ଡାକ୍ତର ହେମାମାଳିନୀ ରଥ



ଦାରିଦ୍ର୍ୟ ଭଞ୍ଜନୀ, ଦୁଃଖ ନାଶିନୀ, ଧନ ପ୍ରଦାୟିନୀ ମା' ମହାଲକ୍ଷ୍ମୀ ଜଗତର ମାତା। ଜୀବ ଜଗତ, କୀଟପତଙ୍ଗ ତାଙ୍କ କୃପାରୁ ସୁସ୍ଥେ କାଟନ୍ତି ଜୀବନ। ଅଭାବ, ଅନାଟନ, ନାନାଦି ସମସ୍ୟା ତାଙ୍କ ଦୟାରୁ ଦୂର ହୋଇଯାଏ। ତାଙ୍କ ପ୍ରସନ୍ନ କାରଣରୁ ପରିବାର ଓ ସମାଜରେ ସୁଖ, ଶାନ୍ତି ଓ ଧନସମ୍ପଦ ପୂର୍ଣ୍ଣ ରହିଥାଏ। ତାଙ୍କ ଠାରେ ଶ୍ରଦ୍ଧା ରଖୁଥିବା ବ୍ୟକ୍ତି ପାଖରେ ସେ ସର୍ବଦା ରହନ୍ତି। ବାର ମଧ୍ୟରେ ଗୁରୁବାର ତାଙ୍କର ଶ୍ରେଷ୍ଠ ବାର। ଏହି ଦିନରେ ଯେଉଁ ବ୍ୟକ୍ତି ତାଙ୍କୁ ନିଷ୍ଠାର ସହିତ ପୂଜାର୍ଚ୍ଚନା କରେ ସେ ତାଙ୍କ ଠାରେ ପ୍ରସନ୍ନ ହୋଇଥାନ୍ତି। ମାସ ମଧ୍ୟରେ ମାର୍ଗଶୀର ତାଙ୍କର ଶ୍ରେଷ୍ଠ ମାସ। ଏହି ମାସର ପ୍ରତି ଗୁରୁବାରରେ ଶୁକ୍ଳଶାଢ଼ି ଚିତା, ଝୋଟି ଓ ଧାନ ମାଣିକାରେ ମା'ଙ୍କୁ ଯିଏ ଶ୍ରଦ୍ଧା ଏବଂ ଭକ୍ତିର ସହିତ ପୂଜା କରିଥାନ୍ତି, ସେମାନଙ୍କ ଠାରେ ମା'କୃପା କରିଥାନ୍ତି। ଗୀତାରେ ଭଗବାନ ଅର୍ଜୁନଙ୍କୁ କହିଛନ୍ତି - ମୁଁ ମାସ ମଧ୍ୟରେ ସର୍ବଦା ରହନ୍ତି। ବାର ମଧ୍ୟରେ ଗୁରୁବାର ତାଙ୍କର ଶ୍ରେଷ୍ଠ ବାର। ଏହି ଦିନରେ ଯେଉଁ ବ୍ୟକ୍ତି ତାଙ୍କୁ ନିଷ୍ଠାର ସହିତ ପୂଜାର୍ଚ୍ଚନା କରେ ସେ ତାଙ୍କଠାରେ ପ୍ରସନ୍ନ ହୋଇଥାନ୍ତି। ମାସ ମଧ୍ୟରେ ମାର୍ଗଶୀର ତାଙ୍କର ଶ୍ରେଷ୍ଠ ମାସ। ଏହି ମାସର ପ୍ରତି ଗୁରୁବାରରେ ଶୁକ୍ଳଶାଢ଼ି ପିନ୍ଧି ଚିତା, ଝୋଟି ଓ ଧାନ ମାଣିକାରେ ମା'ଙ୍କୁ ଯିଏ ଶ୍ରଦ୍ଧା ଏବଂ ଭକ୍ତିର ସହିତ ପୂଜା କରିଥାନ୍ତି, ସେମାନଙ୍କ ଠାରେ ମା'କୃପା କରିଥାନ୍ତି। ଗୀତାରେ ଭଗବାନ ଅର୍ଜୁନଙ୍କୁ କହିଛନ୍ତି ମୁଁ ମାସ ମଧ୍ୟରେ ସର୍ବଶ୍ରେଷ୍ଠ ମାର୍ଗଶୀର। ଲକ୍ଷ୍ମୀ ନାରାୟଣଙ୍କ ପ୍ରିୟ ମାସ ହେଉଛି ମାର୍ଗଶୀର। ଶୀତ ଋତୁରେ ଏହି ମାସ ପଡୁଥିଲେ ମଧ୍ୟ ଶୀତର କୋପକୁ କେହି ଭୟ ନକରି ବଡ଼ି ଭୋରରୁ ଉଠି ବିଭିନ୍ନ କର୍ମରେ ଲାଗିପଡ଼ନ୍ତି। ବିଶେଷ କରି ଓଡ଼ିଆ ମାନେ ଗୁରୁବାର ଦିନ ଭୋରରୁ ଉଠି ଶୌଚ ହୋଇ ଝୋଟି ଚିତା କରି ଧାନ ମାଣିକା ବସାଇ ମହାଲକ୍ଷ୍ମୀଙ୍କୁ ପୂଜା କରନ୍ତି। ଏହାଦ୍ୱାରା ମା' ଲକ୍ଷ୍ମୀ ମଧ୍ୟ କୃପା କରନ୍ତି। ଏହି ପୂଜାକୁ ନେଇ ପୁରାଣରେ ଏକ ସୁନ୍ଦର ବର୍ଣ୍ଣନା ରହିଛି। ଯାହା ସମାଜକୁ ଏକ ଦିଗଦର୍ଶନ ଦିଏ।

ମାର୍ଗଶୀର ମାସ ଗୁରୁବାର। ମା'ଲକ୍ଷ୍ମୀଙ୍କ ପ୍ରିୟ ବାର। ଠାକୁରାଣୀ ରାତି ଦୁଇ ଘଡିରୁ ଉଠି ଜଗନ୍ନାଥଙ୍କୁ ମେଲାଣି ମାଗି ନଗର ବୁଲି ବାହାରିଲେ। ବୁଢ଼ୀ ବ୍ରାହ୍ମଣୀ ରୂପ ଧରି ସାଧବ ଦୁଆରରେ ପ୍ରବେଶ ହେଲେ। ଦେଖିଲେ, ସେ ଘରଦ୍ୱାରା ଲିପାପୋଛା ନକରି ଅଳସ ପଣରେ ଛିଡ଼ା ହୋଇଛି। ମା' ତାଙ୍କୁ କହିଲେ ଆଜି ପରା ମହାଲକ୍ଷ୍ମୀ ବ୍ରତ ଗୁରୁବାର। ହେଲେ ତୁ ବ୍ରତ କରୁନାହିଁ କାହିଁକି ? ସାଧବାଣୀ କହିଲା, ଏ କି ବ୍ରତ କିପରି ହୁଏ ବୁଝାଇ କୁହ ନାନୀ। ମନକୁ ପାଇଲେ କରିବି। ମା' ତାଙ୍କୁ ପୂଜାବିଧି ବିଷୟରେ ବୁଝାଇ ସେଠାରୁ ଚାଲିଗଲେ। ଘରେ ଘରେ ପୁରେ ପୁରେ ବୁଲିଲେ, ହେଲେ କେଉଁଠାରେ ପରିଷ୍କାର ପରିଚ୍ଛନ୍ନ ଦେଖିଲେ ନାହିଁ କି କେହି ବିଛଣା ଛାଡ଼ି ନାହାଁନ୍ତି। ଏହାପରେ ଚଣ୍ଡାଳ ସାହିରେ ପ୍ରବେଶ କଲେ। ଶେଷରେ ଲିପା ହୋଇଛି ତାର ଘରଦ୍ୱାର, ଚିତାରେ ଲେଖା ହୋଇଛି ଲକ୍ଷ୍ମୀଙ୍କ ପାଦ ପଦ୍ମ। ଧୂପଦୀପ ନଇବେଦ୍ୟ ଗନ୍ଧପୁଷ୍ପ ଦେଇ ଲକ୍ଷ୍ମୀନାରାୟଣ ବୋଲି ସୁମରଣା କରି ପୂଜାର୍ଚ୍ଚନା କଲା। ଚଣ୍ଡାଳୁଣୀର ଭକ୍ତିରେ ଅଧୀର ହୋଇ ମା'ଲକ୍ଷ୍ମୀ ବିଜେ କଲେ ପୂଜାସ୍ଥାନରେ। ଚଣ୍ଡାଳୁଣୀ ଉପରେ ପ୍ରସନ୍ନ ହୋଇ ତାର ଦୁଃଖ ଦୂର କଲେ। ଧନ-ସମ୍ପଦ ଓ ଐଶ୍ୱର୍ଯ୍ୟରେ ତା'ର ଘର ପୂର୍ଣ୍ଣ କଲେ।

ବୁଧବାର ଦିନ ଘରଦ୍ୱାର ଲିପାପୋଛା ସଫା ସୁତରା କରିବ। କାନ୍ଥବାଡ଼ି ସବୁ ଚିତା ଦବ। ଯେଉଁଘରେ ମହାଲକ୍ଷ୍ମୀ ସ୍ଥାପନା କରିବ ସେ ଘର ଲିପାପୋଛା କରି ଧାନ ଶିଷା ଝୋଟି କାନ୍ଥରେ ଛାଟିବ। କିଛି ଶୁକ୍ଳ ଧାନ ଆଣିବ। ସେଇ ଶୁକ୍ଳ ଧାନର ମେଣ୍ଟାଟିଏ ବାନ୍ଧିବ। ଧୂପ ଦୀପ ନୈବେଦ୍ୟ ଯୋଗାଡ଼ କରିବ। ଗୁରୁବାର ଦିନ ରାତି ନପାହୁ ଉଠି, ନିତ୍ୟକର୍ମ ସାରି ଧଳା ଓ ନାଲି ରଙ୍ଗ ମିଶା ଶାଢ଼ି ପିନ୍ଧି ଯେଉଁ ଘରେ ମାଣ ବସାଇବେ ସେ ଘରେ ଷୋଳ ପାଖୁଡ଼ାର ପଦ୍ମ ଲେଖିବ। ଲକ୍ଷ୍ମୀ ପାଦ ଚିତା ଧାଡ଼ି ଧାଡ଼ି ଲେଖିବ। ଷୋହଳ ପାଖୁଡା ପଦ୍ମ ଉପରେ ଲକ୍ଷ୍ମୀଙ୍କର ଆସ୍ଥାନ ପିଢ଼ା ବା ଖଟୁଲି ଯାହାକୁ ଯେପରି ମିଳିବ ଥୋଇବ। ପିଢ଼ା ବା ଖଟୁଲି ଲକ୍ଷ୍ମୀ ପାଦ ପଦ୍ମ ଚିତାରେ ମଣ୍ଡିବ। ଉପରେ ଚାନ୍ଦୁଆଟାଣିବ, ତଳେ ପୂର୍ଣ୍ଣକୁମ୍ଭ ସ୍ଥାପନା କରିବ। ଖଟୁଲି ଉପରେ କିଛି ଧାନ ରଖି ତା ଉପରେ ମାଣଟିଏ ରଖିବ। ମାଣ ପୂର୍ଣ୍ଣ କରି ଧାନ ଦେବ। ଧାନ ଉପରେ ହଳଦୀ ପାଣିରେ ଧୋଇ ତିନୋଟି ଗୁଆ ରଖିବ। ଗୁଆ ଉପରେ ଧାନ ମେଣ୍ଟାଟି ଥୋଇବ। ଆଖୁ, ମୂଳା, ଇତ୍ୟାଦିରେ ଚୂଳ ସଜାଇବ। ଶେଷରେ ପାଟ, ଛିଟ ବା ଯାହାକୁ ଯେପରି ମିଳିବ ନବବସ୍ତ୍ରରେ ବୋହୂଟିଏ ଭଳି ସେଇ ଧନପୂର୍ଣ୍ଣ ମାଣକୁ ସଜାଇବ। ଫୁଲମାଳ, ନୂଆ, ଚନ୍ଦନ, କର୍ପୂର, ସିନ୍ଦୂର, ଧୂପ, ଦୀପ ଦେଇ ମହାଲକ୍ଷ୍ମୀଙ୍କୁ ଆବାହନ କରିବ। ଦୁଧ, ଦହି, ଛେନା, ନଡ଼ିଆ, ଖଇ, କୋରା ନାନାପ୍ରକାର ନିସଙ୍ଖୁଡ଼ି ଦ୍ରବ୍ୟରେ ବାଳଧୂପ, ସନ୍ଧ୍ୟା ଧୂପ କରିବ। ମଝିରେ କ୍ଷୀରୀ, ଖେଚୁଡ଼ି, ଚିତଉ, ଦହିପଖାଳ, ଶାଗ ତରକାରୀ ନାନା ପ୍ରକାର ଅନ୍ନବ୍ୟଞ୍ଜନ କରି ମହାଲକ୍ଷ୍ମୀଙ୍କୁ ଭୋଗ କରିବ। ସନ୍ଧ୍ୟାରେ ଆଳତି କରି ଠାକୁରାଣୀଙ୍କୁ ଉଠାଇବ। ପ୍ରଥମାଷ୍ଟମୀ ଆଗରୁ ଯେଉଁ ଗୁରୁବାର ପଡ଼େ ତାହାକୁ ଅଲାଗି ପାଳି କୁହାଯାଏ। ସେହିଦିନ ମାଣ ବସେ ନାହିଁ। ପ୍ରଥମାଷ୍ଟମୀ ଯିବାପରେ ଯେଉଁ ଗୁରୁବାର ପଡ଼େ ସେହି ପାଳିମାନଙ୍କରେ ମାଣ ବସେ। ମହାଲକ୍ଷ୍ମୀଙ୍କ ଭୋଗ ଘରର ଝିଅ ପୁଅ ବୋହୂ ଖାଆନ୍ତି, କିନ୍ତୁ ପରଗୋତ୍ରୀ ହୋଇଥିବା ବିବାହିତା ଝିଅଙ୍କୁ ଦିଆଯାଏ ନାହିଁ। ମାର୍ଗଶୀର ମାସରେ ଗୁରୁବାର ବସି ସାରିଲେ ମାଘ କିମ୍ବା ବୈଶାଖ ମାସରେ ଗୁରୁବାର ଉଜୁଆଁ କରାଯାଏ। ଉଦ୍ଯାପନ ଦିନ ପୂର୍ବଭଳି ମହାଲକ୍ଷ୍ମୀଙ୍କୁ ବସାଇ ଭୋଗରାଗ କରିବ, କିନ୍ତୁ ସେଦିନ ଆରିଷା, କାକରା, ଖଜା, ଭୋଗ ହୁଏ। ଉଦ୍ଯାପନ ସରିଲେ ସେହି ଧାନକୁ କୁଟି କାଣ୍ଡି ରଖନ୍ତି। କୁଣ୍ଡାରୁ ଘର ଗାଈ ବଳଦଙ୍କୁ ଖାଇବାକୁ ଦିଅନ୍ତି। ଚାଉଳ ଜାଉ କିମ୍ବା କ୍ଷୀରି କରି ଘର ଲୋକମାନେ ଖାଆନ୍ତି।

+ଗଣିଆ (ବ୍ରାହ୍ମଣ ସାହି)
ନୟାଗଡ଼,
ମୋ: ୯୪୩୭୨୨୫୨୪୫

# ମାର୍ଗଶୀର ଗୁରୁବାର

## ତୁଷାର ରଞ୍ଜନ ସାହୁ



ଆଜି ମାର୍ଗଶୀର ମାସର ପୁଣ୍ୟତମ ଗୁରୁବାର। ଧନଦାତ୍ରୀ ମହାଲକ୍ଷ୍ମୀଙ୍କ ବାର। ଗୃହିଣୀମାନେ ବନମାଟି, ଗୋବରରେ ଘରଦ୍ୱାର ଲିପାପୋଛା କରି ସଫା ସୁତୁରା କରନ୍ତି। ଅରୁଆ ଚାଉଳ ବଟା ପିଠଉରେ ଛୋଟି, ଧାନଶିଶା, ଆଙ୍ଗୁଠି ଚିତା ପକାନ୍ତି। ମାର୍ଗଶୀରରେ ପଡୁଥିବା ଚାରି କିମ୍ବା ପାଞ୍ଚ ପାଳି ଗୁରୁବାରରେ ଲକ୍ଷ୍ମୀଙ୍କର ପ୍ରତୀକ ଭାବେ ଧାନମାଣଟିଏ ସ୍ଥାପନ କରି ବିଧି ଅନୁସାରେ ପୂଜା କରାଯାଏ। ମାଣବସା ଗୁରୁବାର ଓଷା, ଧାନ ମାଣିକା ଓଷା ଭାବେ ମଧ୍ୟ କଥିତ। ଓଡ଼ିଆ ମାନଙ୍କର ଏହା ନିଜସ୍ୱ ପର୍ବ। ବ୍ରତ ପାଳନରେ ଜାତି-ଅଜାତି, ଭେଦ-ଭାବ ନାହିଁ। ଲକ୍ଷ୍ମୀ ଠାକୁରାଣୀ ନିଷ୍ଠା, ପବିତ୍ରତା ଯେଉଁଠି ଦେଖନ୍ତି, ସନ୍ତୁଷ୍ଟ ହୋଇ ଆପେ ଯାଚି ବରଦାନ କରନ୍ତି। ନିଷ୍ଠାର ସହ ବ୍ରତ ପାଳି ଲକ୍ଷ୍ମୀ ଠାକୁରାଣୀଙ୍କ କୃପା ଲାଭ କରିଥିବା ଅଛୁଆଁ ଭକ୍ତ ଶ୍ରିୟା ଜଣେ ପ୍ରତୀକାତ୍ମକ ଦୃଷ୍ଟାନ୍ତ।

ଗୁରୁବାର ମାହାତ୍ମ୍ୟରେ ଉଲ୍ଲେଖ ରହିଛି ଜଗନ୍ନାଥ ଓ ବଳଭଦ୍ର ଅନେକ କଷ୍ଟ ପାଇ ଖାଦ୍ୟ ପ୍ରାପ୍ତ ହୋଇପାରି ନାହାଁନ୍ତି। ମହାଲକ୍ଷ୍ମୀ ପ୍ରଭୁଙ୍କ ଦୁଃଖ ଆଉ ସହିପାରିଲେ ନାହିଁ। କେତେ ଯେ ଆଉ ଯନ୍ତ୍ରଣା ଦେବେ। ହାତରେ ଧରିଲେ ସୁବର୍ଣ୍ଣର ଚଟୁ। କ୍ଷଣିକ ମଧ୍ୟରେ ପ୍ରସ୍ତୁତ କଲେ ନାନାଦି ବ୍ୟଞ୍ଜନ। ଦାସୀଙ୍କ ମାଧ୍ୟମରେ ଠାକୁରଙ୍କୁ ସାନ୍ନ କରିବାକୁ କହିଲେ। ଆସନ ପକାଇ ପ୍ରଭୁଙ୍କୁ ଡକାଇଲେ, ବିଭିନ୍ନ ପ୍ରକାର ଖାଦ୍ୟ ପରଷିଲେ, ଶେଷକୁ ରଖିଲେ ପୋଡ଼ପିଠା। ଠାକୁରମାନେ ଜାଣି ପାରିଲେ ଏହା ଲକ୍ଷ୍ମୀଙ୍କ ରାନ୍ଧଣା। ସେଠାରେ ସେମାନେ ହିଁ ଜାଣିଥିଲେ ଏହା ହେଉଛି ମହାଲକ୍ଷ୍ମୀଙ୍କ ଉଆସ। ପ୍ରଭୁ ବଳରାମ ଜଗନ୍ନାଥଙ୍କୁ କହିଲେ, ଆମ୍ଭେ ଦୋଷ କରିଛୁ ବୋଲି ଲକ୍ଷ୍ମୀଙ୍କୁ କହ, ଆମକୁ କ୍ଷମା କରି ଶ୍ରୀମନ୍ଦିର ଚାଲନ୍ତୁ ଏବେ। ପ୍ରଭୁ ଜଗନ୍ନାଥ ଲକ୍ଷ୍ମୀଙ୍କ ପାଖକୁ ଗଲେ। ମହାଲକ୍ଷ୍ମୀ ପ୍ରଭୁଙ୍କ ପାଦ ପଦ୍ମ ଧୋଇଦେଲେ। ଥୋକାଏ ପାଣି ମସ୍ତକରେ ଲଗାଇଲେ ଆଉ ଥୋକାଏ ପାଣି ପିଇଲେ। ମତେ ଚଣ୍ଡାଳୁଣୀ କହି ଘରୁ ଘୋଡାଇଇ ଦେଲେ, ଏବେ ଚଣ୍ଡାଳୁଣୀ ପରଷିବାରୁ ଭୁଞ୍ଜିଲ। ଏହା କହି ମହାଲକ୍ଷ୍ମୀ ଜଗନ୍ନାଥଙ୍କୁ ବହୁ ଧିକ୍କାରୀଲେ। ଜଗନ୍ନାଥ କହିଲେ, ମନୁ ମାନ ତେଜ ହେ ଜଗତର ମାତ। ଏବେ ଚାଲ ଶ୍ରୀମନ୍ଦିର। ଆମେ ବଡ଼ ହେଲେ କ'ଣ ହେଲା, ତୁମେ ଆମ ଗର୍ବ ଭାଙ୍ଗିଲ। ଯୁଗେ ଯୁଗେ ଯଶ ରଖିଲ। ଆମେ ଭିକ୍ଷା ମାଗିବାର ଜଗତ ଜାଣିଲା। ତୁମ ଜୟକୀର୍ତ୍ତି ଏବେ ରହିଲା, ଆମକୁ ଅନ୍ନ ଦେବାର ଜଗତ ଜାଣିଲା। ଆହୁରି ମଧ୍ୟ ଜଗନ୍ନାଥ ମହାଲକ୍ଷ୍ମୀଙ୍କୁ ଆଶୀର୍ବାଦ ସ୍ୱରୂପ କହିଲେ, ଗୁରୁବାର ଦିନ ଯିଏ ଏ ପୁରାଣ ଶୁଣିବ ଓ ଗାଇବ ତାର ଜନ୍ମ ଜନ୍ମାନ୍ତର ପାପ କ୍ଷର ହେବ। ଲକ୍ଷ୍ମୀପୂଜା ଦିନ ଯେଉଁ ନାରୀ ଏହାକୁ ଗାଇବ ପତିବ୍ରତା ହୋଇ



ବୈକୁଣ୍ଠକୁ ଯିବ। ଏହା କହି ଜଗତର ନାଥ ଜଗନ୍ନାଥ ଧରିଲେ ହସ୍ତ ମହାଲକ୍ଷ୍ମୀଙ୍କର। ଚାଲ ଏବେ ଯିବା ଶ୍ରୀମନ୍ଦିର। ଜଗତମାତା ଏବେ କହିଲେ, ସତ୍ୟ କର ତୁମେ ଚଣ୍ଡାଳୁ ବ୍ରାହ୍ମଣଯାଏ ଖିଆଖୋଇ ହେବେ, ହାଡ଼ିର ହାତୁ ବ୍ରାହ୍ମଣ ଛଡ଼ାଇ ଖାଇବେ, ଏତାପରେ ଯାଇ ମୁଁ ବଡ଼ଦେଉଳକୁ ଯିବି ଜଗନ୍ନାଥ। ହେଉ ହେଉ ବୋଲି ଆଜ୍ଞା ଦେଲେ ମହାବାହୁ। ଲକ୍ଷ୍ମୀଙ୍କ ହସ୍ତ ଧରି ନେଗଗଲେ ବଡ଼ଦେଉଳକୁ। ଗୁରୁବାର ଦିନ ଧାନ ଉଁଷେଇଲେ ଓ ଖଇ ଭାଜିଲେ ମା' ଲକ୍ଷ୍ମୀ ଅସନ୍ତୁଷ୍ଟ ହୁଅନ୍ତି। ଗୁରୁବାର ଦିନ ମୁଣ୍ଡ ନଧୋଇଲେ, ଦେହରେ ତେଲ ଲଗାଇଲେ ଓ ଆମିଷ ଖାଇଲେ ମା'ଙ୍କ କୋପ ଦୃଷ୍ଟି ପଡ଼େ। ଖଟ ଛାୟାରେ ଶୟନ କଲେ ମା'ଙ୍କ କୃପା ରହେ ନାହିଁ। ରାତ୍ରିରେ ଦଧି ଅନ୍ନ ଖାଇଲେ ପାଖରୁ ଲକ୍ଷ୍ମୀ ଛାଡ଼ି ଯାଆନ୍ତି। ଗୁରୁବାର ଦିନ କ୍ଷିଅର ହେଲେ ମା' ଅସନ୍ତୁଷ୍ଟ ହୁଅନ୍ତି। ଖାଇବା ସମୟରେ ଅନ୍ନ ଭୂମିରେ ପକାଇଲେ ଲକ୍ଷ୍ମୀ ପାଖୁ ଛାଡ଼ିଯାଆନ୍ତି। ଖାଇ ନପାରି ଅନ୍ନ ଫୋପାଡି ଦେଲେ ଗୃହରୁ ଲକ୍ଷ୍ମୀ ଛାଡ଼ି ଯାଆନ୍ତି। ଗୁରୁବାର ଦିନ ସକାଳୁ ନଉଠି ଚୂଲିରୁ ପାଉଁଶ ନ କାଢ଼ିଲେ, ଅଳସ ପଣରେ ଗୋମୟରେ ଦ୍ୱାର ନ ଲିପିଲେ ମା'ଅସନ୍ତୁଷ୍ଟ ହୁଅନ୍ତି। ଗୁରୁବାରରେ ନାରୀମାନେ ପିଲାଙ୍କୁ ମାରିଲେ ଓ ଭାତହାଣ୍ଡି ଧୋଇକି କଳା ନଛଡ଼ାଇଲେ ମା'କ୍ରୋଧ କରନ୍ତି। ସନ୍ଧ୍ୟା ଗଡ଼ିଗଲେ ସନ୍ଧ୍ୟା ଦେଲେ ଧନପୁତ୍ର ହାନି ହୁଏ। ଗୁରୁବାରରେ ନାରୀ ପୋଡ଼ା ଦ୍ରବ୍ୟ ଖାଇଲେ ଓ ଶୋଇବା ବିଛଣାକୁ ବଙ୍କା କରି ଶୋଇଲେ ମା'କୋପ କରନ୍ତି। ଶାଶୁ ଶ୍ୱଶୁରଙ୍କୁ ନମାନିଲେ ଓ ପାଦ ନଧୋଇ ଖାଇ ବସିଲେ ମା'ଙ୍କ କୃପା ରହେ ନାହିଁ। କୁଷ୍ମାଣ୍ଡ ଫଳକୁ ନାରୀ କାଟିଲେ ଓ ଋତୁମତା ନାରୀକୁ ରମଣ କଲେ ମା' ଅସନ୍ତୁଷ୍ଟ ହୁଅନ୍ତି। ସଭାରେ ବସି ବ୍ୟକ୍ତି ମିଛ କହିଲେ ଓ କନ୍ୟା ତୁଳା ମାସେ ପିତୃଶ୍ରାଦ୍ଧ ନକଲେ ମା'ଙ୍କ କୃପା ରହେ ନାହିଁ। କଥା କହୁ କହୁ ଯିଏ ହସେ ସର୍ବଦା ଦୁଃଖ କଷ୍ଟ ପାଏ, ଆୟୁ ହ୍ରାସ ହୁଏ ଓ ଅନ୍ନ ମିଳେ ନାହିଁ। ଗୁରୁବାର, ଅମାବାସ୍ୟା, ସଂକ୍ରାନ୍ତି ଦିନ ରାତିରେ ସ୍ତ୍ରୀ ଓ ପୁରୁଷ ଭୋଜନ କଲେ କିମ୍ବା ଏହି ତିନିଦିନ ସ୍ତ୍ରୀ ସଙ୍ଗ କଲେ ମହାଲକ୍ଷ୍ମୀ ଅତ୍ୟନ୍ତ କ୍ରୋଧ କରନ୍ତି। ସ୍ନାନ ପରେ ତେଲ ଲଗାଇଲେ ଓ ରାତ୍ର ଶେଷରେ ବାସି ଶେଯରେ ଶୋଇଲେ ମା'ଅସନ୍ତୁଷ୍ଟ କରନ୍ତି। ଆସନ ନପକାଇ ଯିଏ ଭୂମି ଉପରେ ଖାଏ କିମ୍ବା କୁମାରୀ ସଙ୍ଗେ କାମମୋହିଲେ ମା'ଙ୍କ କୃପା ରହେ ନାହିଁ। ଦକ୍ଷିଣ ପଶ୍ଚିମ ଦିଗେ ଖାଇ ବସିଲେ ଓ ସନ୍ଧ୍ୟାରେ କେଶ କୁଣ୍ଡାଇ ବାନ୍ଧିଲେ ମହାଲକ୍ଷ୍ମୀ କୋପ କରନ୍ତି। ପର ପୁରୁଷ ଓ ନାରୀ ସଙ୍ଗେ କାମ ମୋହ ହେଲେ ମା' କୋପ କରନ୍ତି।

ଏ ବାବଦରେ ବଳରାମ ଦାସ ରଚିତ ଲକ୍ଷ୍ମୀପୁରାଣରେ ବର୍ଣ୍ଣନା କରାଯାଇଛି। ଶ୍ରିୟା ଘରୁ ବୁଲିଆସି ବଡ଼ ଦେଉଳକୁ ପ୍ରବେଶ କରିବାରୁ, ମହାଲକ୍ଷ୍ମୀଙ୍କୁ ବଳରାମ ଭତ୍ସନା କରିଥିଲେ ଓ ଅପମାନିତା ହୋଇ ଲକ୍ଷ୍ମୀ ବଡ଼ଦେଉଳ ପରିତ୍ୟାଗ କରିଥିଲେ। ଲକ୍ଷ୍ମୀଙ୍କ କୋପରୁ ବଳରାମ ଓ ଜଗନ୍ନାଥଙ୍କୁ ବାର ବର୍ଷ ଧରି ଅନ୍ନ ଜଳ ମିଳିନଥିଲା। ଦୁଇ ଭାଇ ଲକ୍ଷ୍ମୀଛଡ଼ା ହୋଇବୁଲିଥିଲେ। ଶେଷରେ ସେମାନଙ୍କ ଭ୍ରାନ୍ତି ଦୂର ହୋଇଥିଲା ଏବଂ ମହାଲକ୍ଷ୍ମୀ ଶ୍ରୀମନ୍ଦିରକୁ ବାହୁଡ଼ିଥିଲେ। ସାମାଜିକ ଚଳଣି, ପରିବାରରେ ନାରୀର ଦାୟିତ୍ୱ ଓ ଆଦର୍ଶ ଆଚରଣ, ମନ୍ତ୍ରପାଠ ପରିବର୍ତ୍ତେ ବ୍ୟବହାର, ସୁରୁଚି, ପରିଚ୍ଛନ୍ନତା ଓ ଅନ୍ତରରେ ଭକ୍ତିର ପ୍ରାଧାନ୍ୟ ଆଦି ମାର୍ଗଶୀର ଗୁରୁବାର ମାହାତ୍ମ୍ୟ।

+ରିଲାକ୍ସ, ଏମ୍ପୋରିୟମ ଲେନ୍,
ରାଣୀହାଟ, କଟକ
ମୋ: ୯୮୬୧୦୪୭୫୭୫



## ମାର୍ଗଶିର ଗୁରୁବାର...

### ରାମଚନ୍ଦ୍ର ବେହେରା



ଜୟ ଅନ୍ନପୂର୍ଣ୍ଣା ସାଗର ତନୟା
ଆସ ଆସ ଅବତରି
ମାର୍ଗଶିର ପୂଣ୍ୟ ଗୁରୁବାର ଆଜି
ଢାଳିଦିଅ କୃପା ବାରି।

ପଦ୍ମଫୁଲ ଝୋଟି ଧାନକେଣ୍ଡା ଚିତା
ଆଂକିଛି ଅତି ଶ୍ରଦ୍ଧାରେ
ତୁମ ପାଦ ଚିହ୍ନ ଚମକୁଛି ଆଜି
ମୋ ଗୃହ ଦାଣ୍ଡ ଦୁଆରେ।

ଛୁପି ଛୁପି ତୁମେ ନଗର ବୁଲିବ
ପ୍ରବେଶିବ ଘରେ ଘରେ
ସ୍ୱଚ୍ଛତା ପରଖି ଭକ୍ତିଭାବ ଦେଖି
ବିରାଜିବ ମୋର ପୁରେ।

ଗେଣ୍ଡୁ ପଦୁଅଁର ଅପୂର୍ବ ସଜାରେ
ହେବ ତୁମ ଆଗମନୀ
ନୂଆ ବେତ ମାଣ ତୁମ ପ୍ରତୀକ୍ଷାରେ
ଆସ ଅଭୟ ଦାୟିନୀ।

ସମର୍ପଣ ଭାବ ହୃଦୟରେ ଭରି
ଆଶାର ପ୍ରଦୀପ ଜାଳି
ସୁଖ ଶାନ୍ତି ପାଇଁ ପୂଜିବି ତୁମକୁ
ବିନମ୍ର ପ୍ରଣତି ଢାଳି।

ଶୁକ୍ଳ ଧାନବେଣୀ ଗୁଆ ଓ କଦଳୀ
ଆଖୁ ମୂଳା ଆଦି ଥୋଇ
ଛିଟ କପଡାରେ ନବବଧୂ ରୂପେ
ତୁମକୁ ଦେବି ସଜେଇ।

ଶଂଖ ହୁଳହୁଳି ଶବ୍ଦର ଝଙ୍କାଂରେ
ପୂଜିବି ତୁମ ପୟର
ଧୂପ ନୈବେଦ୍ୟରେ ବନ୍ଦନା କରିବି
ମହକି ଉଠିବ ଘର।

ପ୍ରଭାତ ମଧ୍ୟାହ୍ନ ସଂନ୍ଧ୍ୟାକାଳ ବିଧି
ନୀତି ନିୟମେ ପାଳିବି
ମଣ୍ଡାପିଠା ଖିରି ଭୋଗ ମୁଁ ଲଗାଇ
ତୁମ ପୁରାଣ ଗାଇବି।

ଧନ ବୈଭବର ଲୋଡାନାହିଁ ମାତ
ମାଗୁଛି ସୁଦୟା ତବ
ସତ୍ୟ ନ୍ୟାୟ ଧର୍ମ ମୋ ପରାଣେ ହସୁ
ଲୀନ ହେଉ ଆତ୍ମଗର୍ବ।

+ ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୪୫୫୬୩୪୩୪୬

## ଶୀତୁଆ ସକାଳ

### ରମେଶ ଚନ୍ଦ୍ର ନାୟକ



ଶରତ ହେମନ୍ତ ଚାଲିଗଲା ପରେ
ମରତକୁ ଶୀତ ଆସିଲା ଧାଇଁ
ନାନା ପରକାର ଫୁଲର ସମ୍ଭାର
ଚଉଦିଗ ହସେ ରୂପ ସଜେଇ ।
କାଢିଲେ ଜେଜେମା' ସିନ୍ଦୁକ ଭିତରୁ
ରେଜେଇ କମ୍ବଳ କନ୍ଥା ଚାଦର
ସଂଜ ନଇଁଗଲେ ବିଛଣା ଉପରେ
ଘୋଡି ହୋଇ ଶୋଉ କରି ଆଦର ।
ଦେହେ ସୁଇଟର ମୁଣ୍ଡେ ଟୋପି ପିନ୍ଧି
ଇସ୍କୁଲ ଚାଲିଲେ ବାଳକେ ଗଣ
ଶୀତୁଆ ସକାଳେ ପ୍ରାର୍ଥନା ବୋଲିଲେ
ପଡୁଥିଲା ଦେହେ ସୂର୍ଯ୍ୟ କିରଣ ।
କ୍ଷେତେ ଖେଳେ ଦୋଳି ସୁନାର ଫସଲ
ଚାଷୀ ଭାଇ ବୋଲେ ଆନନ୍ଦେ ଗୀତ
କାକର କୁହୁଡି ଧିରେ ଯାଏ ଉଡି
ସକାଳ କିରଣ ଦେହକୁ ହିତ ।
ନିଆଁ ପାଖେ ବସି ହେଉଥାନ୍ତି ଖୁସି
ପିଲା ଛୁଆ ବୁଢ଼ା ବୁଢ଼ୀ ଅନେକ
ଦାଣ୍ଡ ଅଗଣାରେ ଉଷୁନା ଧାନକୁ
ବୁଢୀ ମା' ଖେଳାଏ ଗୋଡ଼ରେ ଦେଖ।
ଗାଧୁଆ ତୁଠରେ ହୋ'ହାଲ୍ଲା ହୁଏରେ
ଗାଧୋଇବା ବେଳ ହୁଏ ଉଛୁର
ଫୁଙ୍ଗୁଳା ଦେହରେ ପଡିଗଲେ ପାଣି
ଥରି ଉଠିଥାଏ ପୁରା ଶରୀର ।
ବାଡି ବଗିଚାରେ ପରିବା ହସେରେ
ତୋଳିବାକୁ ମାଆ ସକାଳେ ଯାଏ
ଶୀତୁଆ ସକାଳେ ଭ୍ରମଣ କରିଲେ
ଦେହ ମନ ସୁସ୍ଥ ସବଳ ରହେ ।

+ କେଶରପୁର,
ବକ୍ସି ବଜାର, କଟକ
ମୋ : ୭୯୭୮୧୫୧୭୧୦





ଧାରାବାହିକ ଉପନ୍ୟାସ

# ଦୁରନ୍ତ ଶିଖା

ଭାଗ-୮୮





ଡ. ସିନ୍ଧୁ ସେନ୍

ଇନ୍ଦ୍ରଜିତଙ୍କ ମୃତ୍ୟୁରେ ମୁଁ ଏକପ୍ରକାର ପାଗଳ ପ୍ରାୟ ହୋଇପଡ଼ିଥିଲି । ମନ୍ଦୋଦରୀ ମୋତେ ବହୁତ ବୁଝାଇଥିଲେ । ଲଙ୍କାର ଏ ଯୁଦ୍ଧର ଅନଳରେ ଗୋଟିଗୋଟି କରି ସମସ୍ତଙ୍କୁ ମୁଁ ବଳି ଚଢ଼ାଇ ପକାଉଛି ବୋଲି ମୋତେ ଅନେକ ଭର୍ତ୍ସନା ମଧ କରିଥିଲେ । ହେଲେ, ମୁଁ ରାବଣ କାହାରି ପାଖରେ ମୁଣ୍ଡ ନୁଆଁଇବା ମୋର ଧର୍ମବିରୁଦ୍ଧ । ମୁଁ କେବେ ପରାଜୟର ଗ୍ଲାନିରେ ଜର୍ଜରିତ ହେଇନି କି ଆଖିରୁ ଲୁହ ଗଡ଼ାଇ କାନ୍ଦିବାର ଶିଖିନାହିଁ । ସେଦିନ କିନ୍ତୁ ଇନ୍ଦ୍ରଜିତର ମୃତ ଶରୀରକୁ ଦେଖି ନିର୍ବାକ୍ ହୋଇ ଯାଇଥିଲା ମୋ ଚକ୍ଷୁର ଧାରଧାର ହୋଇ ଲୋତକ ଗଡ଼ି ପଡୁଥିଲା । ଏକ ପ୍ରକାର ପ୍ରଳାପ କରି ଚିତ୍କାର କରୁଥିଲି । ବିଶ୍ୱାସ କରିପାରୁ ନଥିଲି ଏସବୁ ଘଟଣାରାଜିକୁ । ମନ୍ତ୍ରୀ ଓ ଅନ୍ୟାନ୍ୟ ପାରିଷଦ ମାନେ ମୋତେ ସାନ୍ତ୍ୱନା ଦେଇଥିଲେ ହେଲେ ସେ ସାନ୍ତ୍ୱନାର ମୂଲ୍ୟ ମୋ ପାଖରେ ଥିଲା ନିରର୍ଥକ । ମୁଁ ଲଙ୍କାଧିପତି ରାବଣ । କିନ୍ତୁ ଇନ୍ଦ୍ରଜିତର ପିତା ହିସାବରେ ମୋତେ କ'ଣ କେହି ସମବେଦନା ଦେଇପାରିବେ ? ଯେଉଁ ପୁତ୍ରକୁ ନେଇ ମୋ ମନରେ ଏତେ ଗର୍ବ, ଅହଂକାର ଥିଲା। ସେ ପୁତ୍ରର ମରଶରୀରକୁ ଦେଖି ମୁଁ ସହିଥାନ୍ତି କେମିତି ?

ଦୂତ ମୁହଁରୁ ଇନ୍ଦ୍ରଜିତର ଯୁଦ୍ଧକୌଶଳ ସମ୍ବନ୍ଧରେ ଯେତେ ଯେତେ ଶୁଣୁଥିଲି । ସେତିକି ବିସ୍ମିତ ହୋଇ ପଡୁଥିଲି । ଭାବୁଥିଲି ସତରେ କଣ ଦେବୀ ନିକୁମ୍ଭିଳା ଏମିତି କୋପ କଲେ । ନିକୁମ୍ଭିଳା ଆମ ରାକ୍ଷସ ସମାଜ ପାଇଁ ପ୍ରତ୍ୟକ୍ଷ ଦେବୀ । ମୁଁ ନିଜେ ଦେବୀଙ୍କ ଉପରେ ଭରସା ରଖେ । ଯେକୌଣସି କ୍ଷେତ୍ରରେ ମୁଁ ତାଙ୍କର ପୂଜା କରି ଆଶୀର୍ବାଦ ନେଇଥାଏ । କେବେବି ମୁଁ ଦେବୀଙ୍କ କୃପାରୁ ବଞ୍ଚିତ ହୋଇନାହିଁ । ଅଥଚ, ଏଥର ଏମିତି ସବୁ ଘଟଣା କାହିଁକି ଘଟିଲା, ସବୁ ତ ସେଇ ବିଭୀଷଣଙ୍କ ପାଇଁ । ସେଦିନ ଇନ୍ଦ୍ରଜିତ ମୋତେ ଠିକ୍ କହିଥିଲେ । ଆଉ ମୁଁ ଯଦି ସେଇ ଲଙ୍କାରେ ହିଁ ବିଭୀଷଣଙ୍କୁ ବଧ କରିଦେଇଥାନ୍ତି ତେବେ ଏସବୁ ଘଟଣା ଘଟିବାର ସୁଯୋଗ ଦେଇନଥାନ୍ତି । ମାତ୍ର ସହୋଦର ଭାଇ ବୋଲି ବଧ ନକରି ତାକୁ ଦେଶାନ୍ତ ଦଣ୍ଡ ଦେଇଥିଲି । ତାହାରି ପରିଣାମ ଏବେ ମୋତେ ଭୋଗିବାକୁ ପଡୁଛି । ଦୂତ ଲକ୍ଷ୍ମଣର ସମର କୌଶଳର ବର୍ଣ୍ଣନା ମଧ କରୁଥିଲା । ବାରମ୍ବାର ବାଣବାରି ସେ ଇନ୍ଦ୍ରଜିତର ରଥଟିକୁ ଚୂର୍ଣ୍ଣବିଚୂର୍ଣ୍ଣ କରି ପକାଇଥିଲେ । ବାନରସେନା ମାନେ ମଧ ଆମ ରାକ୍ଷସ ସେନାଙ୍କ ସହ ଯୁଦ୍ଧ କରି ସେମାନଙ୍କୁ ବଧ କରିବାରେ ଲାଗିଥିଲେ । ଏମିତି ବହୁ ସମୟ ପର୍ଯ୍ୟନ୍ତ ଯୁଦ୍ଧ ଚାଲିବା ପରେ ଲକ୍ଷ୍ମଣ ଦିବ୍ୟାସ୍ତ୍ର ପ୍ରୟୋଗ କରନ୍ତି ଯେଉଁଥିରେ ଇନ୍ଦ୍ରଜିତ ବଧ ହୁଅନ୍ତି। ଇନ୍ଦ୍ରଜିତଙ୍କ ମୃତ୍ୟୁ ପରେ ଆମ ରାକ୍ଷସ ବାହିନୀରେ ହାହାକାର ଖେଳିଯାଏ । ଭୟରେ ସେମାନେ ଛତ୍ରଭଂଗ ଦିଅନ୍ତି । ଏପଟେ ବାନର ବାହିନୀରେ ବିଜୟ ଶଙ୍ଖ ବାଜିଉଠେ । ଦୂତ ମୁହଁରୁ ଏସବୁ ଶୁଣି ମୋ ସର୍ବାଙ୍ଗ ଥରି ଉଠୁଥିଲା । ମନେ ମନେ ଭାବୁଥିଲି ଏଥରକ ଯୁଦ୍ଧ ମୋତେ ହିଁ କରିବାକୁ ପଡ଼ିବ। ଇନ୍ଦ୍ରଜିତ ବଧର ପ୍ରତିଶୋଧ ନେବାକୁ ପଡ଼ିବ । ହଁ ହଁ ନିଶ୍ଚୟ ପ୍ରତିଶୋଧ ନେବି । ଲକ୍ଷ୍ମଣ ମୋର ପୁତ୍ରହନ୍ତା ଶତ୍ରୁ । ପୁଣି ବିଭୀଷଣ, ଯିଏକି ସବୁ ମୂଳର କାରଣ ।

ହଁ ଆଗାମୀ କାଲିର ଯୁଦ୍ଧ ମୋତେ ହିଁ କରିବାକୁ ପଡ଼ିବ । ଲକ୍ଷ୍ମଣ, ବିଭୀଷଣକୁ ହତ୍ୟା କରିବା ପରେ ରାମଙ୍କୁ ବଧ କରି ମୋ ଶରୀରରେ ପ୍ରତିଶୋଧର ଜ୍ୱାଳାକୁ ନିର୍ବାପିତ କରାଇବି । ସମସ୍ତ ଶତ୍ରୁଙ୍କୁ ବିନାଶ କରି ଲଙ୍କାକୁ ଶତ୍ରୁଶୂନ୍ୟ କରାଇବି। ଭାବୁଥିଲି ସବୁ ଶତ୍ରୁ ଯଦି ମୋର ଶୂନ୍ୟ ହୋଇଯିବେ ତେବେ ଏ ସୀତାକୁ ବା ଛାଡ଼ିବି କାହିଁକି ସେ ହିଁ ତ ମୋ ଜୀବନର ଏକ କଣ୍ଟକ । ସବୁ ଘଟଣାର ମୂଳରେ ତ ସେଇ ଦେବୀ । ଯାହାଙ୍କ ପାଇଁ ମୋତେ ଲାଞ୍ଛନା, ଭର୍ତ୍ସନା ଶୁଣିବାକୁ ପଡ଼ିଛି। ତାକୁ ତେଣୁ ବଞ୍ଚାଇ ରଖି ଲାଭ କ'ଣ ? ବରଂ ସେମାନଙ୍କୁ ହତ୍ୟା କରିବା ପୂର୍ବରୁ ସୀତାଙ୍କୁ ମାରିଦେବା ଶ୍ରେୟ। ସେଭଳି ନାରୀର ବଞ୍ଚି ରହିବାର ଅଧିକାର ନାହିଁ ମୁଁ ପୂରାପୂରି ଶତ୍ରୁଶୂନ୍ୟ ହୋଇଯିବି ।

ଶିବପ୍ରଦତ୍ତ ଚନ୍ଦ୍ରହାସ ଖଡ୍ଗ ଧରି ଅଶୋକବନ ଆଡ଼େ ଦୌଡ଼ିଲି । ମୋତେ ଆଗପଛ କିଛି ଦେଖାଯାଉ ନଥିଲା । ପ୍ରତିଶୋଧର ଜ୍ୱାଳାର ତୀବ୍ର ଦଂଶନରେ ସର୍ବାଙ୍ଗ ମୋର ଜଳୁଥିଲା । ରାମପତ୍ନୀ ସୀତାଙ୍କ ଉପରେ ଆକ୍ରୋଶ ତୀବ୍ରତର ହୋଇ ଉଠୁଥିଲା । ମୋ ଭିତରେ ରାକ୍ଷସତ୍ୱ ଆର୍ତ୍ତନାଦ କରୁଥିଲା । ରାବଣତ୍ୱ ମୋର ଚରମ ସୀମାରେ ପହଞ୍ଚି ଯାଇଥିଲା । ମୋ ହାତରେ ଚନ୍ଦ୍ରହାସ ଖଡ୍ଗ ଥରି ଉଠୁଥିଲା । ଲକ୍ଷ୍ୟ ମୋର ଅଶୋକବାଟିକାରେ ପହଞ୍ଚି ସୀତାଙ୍କ ଉପରେ ଖଡ୍ଗ ପ୍ରହାର । ଅତ୍ୟଧିକ ଉତ୍ତେଜନାରେ ଦୌଡୁଥିବା ବେଳେ ମୋର ପଥ ଓଗାଳି ଠିଆ ହୋଇପଡ଼ିଲେ ସୁପାର୍ଶ୍ୱ । ମୋର ଭୟଙ୍କର ମୂର୍ତ୍ତି ଦେଖି ସେ କ'ଣ କିଛି ଜାଣିପାରିଲେ ବୋଧହୁଏ କହିଲେ ରହିଯାନ୍ତୁ ମହାରାଜ, ଆପଣ କ'ଣ କରିବାକୁ ଯାଉଛନ୍ତି । ଥରେ ଭାବିଛନ୍ତି କି, ଏହାର ପରିଣତି କେତେ ଭୟଙ୍କର । ରାଜନ୍, ଆପଣ ଅଶୋକବାଟିକା ଆଡ଼କୁ ଯାଉଛନ୍ତି କ'ଣ ସୀତାବଧ ପାଇଁ? ଥରେ ଭାବିଛନ୍ତି କି? ସୀତା ଅପହରଣ କରି ଯାହା ତ ପାପ ଅର୍ଜି ସାରିଲେଣି ତାପରେ ପୁଣି ସୀତାବଧ ? ମହାପାପ.... ମହାପାପ....

ଆପଣ ଭୁଲି ଯାଉଛନ୍ତି ଯେ, ଆପଣ ଜଣେ ରାଜା । କେବଳ ରାଜା ନୁହଁନ୍ତି, ମହାରାଜ ମଧ । ସପ୍ତଦ୍ୱୀପର ରାଜା ଆପଣ । ସୀତା ଜଣେ ନାରୀ ଜଣେ ରାଜା ହିସାବରେ ଆପଣଙ୍କର କର୍ତ୍ତବ୍ୟ କ'ଣ ହେବା ଉଚିତ୍ । ଗୋଟିଏ ନାରୀକୁ ସୁରକ୍ଷା ଦେବା ନା ବଧ କରିବା । କୁହନ୍ତୁ ମହାରାଜ । ନାରୀହତ୍ୟା ଭଳି ମହାପାପ କରି ଲଙ୍କା ସିଂହାସନକୁ କଳଙ୍କିତ କରନ୍ତୁ ନାହିଁ । ଏ ପାପର କଳଙ୍କ କେବେବି ଲିଭିବ ନାହିଁ ।

ତେବେ, ତୁମେ କ'ଣ କହିବାକୁ ଚାହଁ? ମୁଁ କ'ଣ ପୁତ୍ରହନ୍ତାର ପ୍ରତିଶୋଧ ନେବିନି ? ବେଶ୍ ଦମ୍ଭର ସହ ସୁପାର୍ଶ୍ୱ କହୁଥିଲେ । ପ୍ରତିଶୋଧ ନେବାର ଅର୍ଥ ତ ନାରୀହତ୍ୟା ନୁହେଁ। ହେ ରାଜନ୍ ଯେଉଁ ସୀତାଦେବୀଙ୍କ ପ୍ରତି ଆପଣଙ୍କ ଏତେ କ୍ରୋଧାଗ୍ନି ଜଳୁଛି । ସେ ତ ଏବେ ଅଶୋକବନର ବନ୍ଦିନୀ । ତା ଛଡ଼ା ଇନ୍ଦ୍ରଜିତ ବଧ ପାଇଁ ତାଙ୍କର ତ ତିଳେହେଲେ ଦୋଷ ନାହିଁ । ଇନ୍ଦ୍ରଜିତଙ୍କୁ ବଧ କରିବାରେ ତାଙ୍କର ମଧ କୌଣସି ହାତ ନାହିଁ । ତେବେ ଜଣେ ନିର୍ଦ୍ଦୋଷ ନାରୀକୁ ଏମିତି ହତ୍ୟା କରି ଚନ୍ଦ୍ରହାସ ପରି ମହାନ୍ ଅସ୍ତ୍ରକୁ କଳଙ୍କିତ କରନ୍ତୁ ନାହିଁ ମହାରାଜ । ଏହା ମୋର ବିନମ୍ର ନିବେଦନ । ନିଜ ମନକୁ ଶାନ୍ତ କରିଦେଲି । କ୍ଷଣିକ ଉତ୍ତେଜନାର ବଶବର୍ତ୍ତୀ ହୋଇ ଯାହା କରିବାକୁ ଯାଉଥିଲି ସେଥିରୁ ସୁପାର୍ଶ୍ୱ ମୋତେ ନିବର୍ତ୍ତାଇବା ପାଇଁ ପ୍ରୟାସ କରୁଥିଲା । ମୁଁ ସେଦିନ ତା ବିନମ୍ରତାରେ ତରଳି ଯାଇଥିଲି । ତାର ସାହସକୁ ମଧ ପ୍ରଶଂସା ନକରି ରହିପାରିଲି ନାହିଁ । ବାସ୍ତବିକ ସୁପାର୍ଶ୍ୱ ମୋତେ ଠିକ୍ ସମୟରେ ଚେତାଇ ଦେଇ ଅବାଟରେ ଯାଉଥିବା ତାର ମହାରାଜଙ୍କ ହୃଦୟରେ ଚେତନା ଜାଗ୍ରତ କରିପାରିଛି । ମୁଁ ନିଜର ଭୁଲ୍ ବୁଝିପାରି ଅନୁତପ୍ତ ହେଲି । ବାସ୍ତବରେ ମୁହଁ ଖୋଲି ପ୍ରକାଶ ନକଲେ ବି ସୀତା ଯେ ସାଧାରଣ ମାନବୀର ଉର୍ଦ୍ଧ୍ୱରେ ଜଣେ ଦେବୀ ତାହା ମୁଁ ଅନୁଭବ କରିପାରିଥିଲି । ସେଥିପାଇଁ ତ କେବେ ମୁଁ ତାଙ୍କ ଅଂଗ ସ୍ପର୍ଶ କରିବାକୁ ସାହସ କରିନି । ରାଜମହଲରେ ନରଖି ତାଙ୍କ ରହଣୀ ପାଇଁ ଅଶୋକବାଟିକାର ରମଣୀୟ ଉଦ୍ୟାନର ବ୍ୟବସ୍ଥା କରିଥିଲି ।

ଇନ୍ଦ୍ରଜିତ ଓ ଲକ୍ଷ୍ମଣ ଦୁହେଁ କେହି କାହାଠାରୁ କମ୍ ନଥିଲେ । ସେ ଦୁହିଁଙ୍କ ମଧ୍ୟରେ ଯୁଦ୍ଧର ତୀବ୍ରତା ଏତେ ବେଶି ପ୍ରଖର ଥିଲା ଯେ, ସମଗ୍ର ଆକାଶ ଶରରେ ଆଚ୍ଛାଦିତ ହୋଇ ଯାଉଥିଲା । ଆଶା ଥିଲା ଇନ୍ଦ୍ରଜିତ ନିଶ୍ଚିତ କିଛି ଚମତ୍କାରିତା ଦେଖାଇବ । ମାତ୍ର ସବୁ ମୋର ଆଶା ନିଷ୍ଫଳ ହୋଇଯାଇଥିଲା। ଯେବେ ଶୁଣିବାକୁ ପାଇଲି ବିଭୀଷଣଙ୍କ ଯୋଗୁଁ ହିଁ ପ୍ରିୟପୁତ୍ର ମୋର ଯୁଦ୍ଧରେ ବିଜୟୀ ହୋଇ ପାରିଲେ ନାହିଁ । ଶେଷରେ ଲକ୍ଷ୍ମଣଙ୍କ ଶରାଘାତରେ ବୀରପୁତ୍ର ମୋର ସେଇ ରଣକ୍ଷେତ୍ରରେ ବୀରଗତି ହୋଇଗଲେ । ଲକ୍ଷ୍ମଣ ଏକାଧିକ ଅସ୍ତ୍ର ପ୍ରୟୋଗ କରି ଇନ୍ଦ୍ରଜିତର ମସ୍ତକଚ୍ଛେଦନ କରିଥିଲେ । ସବୁଦିନ ପାଇଁ ଲଙ୍କାର ଏକ ଜାଜ୍ୱଲ୍ୟମାନ ଶିଖା ଅସ୍ତମିତ ହୋଇଗଲା ।

ଦୂତ ମୁହଁରୁ ମୁଁ ଯେତେଯେତେ ଯୁଦ୍ଧର ବିବରଣୀ ଶୁଣୁଥିଲି, ବିଭୀଷଣଙ୍କ ପ୍ରତି ମୋ ମନରେ ଘୃଣାଭାବ ଜାଗି ଉଠୁଥିଲା । ଆଖିରେ ମୋର କ୍ରୋଧର ବହ୍ନିକଣା । ଉତ୍ତେଜନାରେ ମୋର ସମଗ୍ର ଶରୀର କମ୍ପି ଉଠୁଥିଲା । ବାସ୍ତବରେ ବିଭୀଷଣ ବିଶ୍ରବା କୁଳର ଏକ କଳଙ୍କ । ଶତ୍ରୁ ଶିବିରରେ ଯାଇ ରାମଙ୍କ ଶରଣାପନ୍ନ ହେବାପରେ ରାମ ତାଙ୍କୁ ଲଙ୍କାର ରାଜା କରିବେ ପ୍ରତିଶ୍ରୁତି ଦେଇଛନ୍ତି। ସେ ଦୃଷ୍ଟିରୁ ବାନରସେନା ତଥା ସ୍ୱୟଂ ରାମଙ୍କ ପାଖରେ ସେ ମହାରାଜ ବିଭୀଷଣ ଭାବେ ପରିଚିତ ଥିଲେ । ତାଙ୍କରି ପାଇଁ ଆମ ଲଙ୍କାରାଜ୍ୟରେ ଏତେ ଏତେ ବୀରମାନଙ୍କ ମୃତ୍ୟୁ ହୋଇଯାଇଛି । କୁମାର କୁମ୍ଭକର୍ଣ୍ଣ ବଧ କରିବା ପାଇଁ ମଧ ବିଭୀଷଣ ହିଁ ଦାୟୀ । ସେ ଯଦି ସମସ୍ତଙ୍କ ମୃତ୍ୟୁର ରହସ୍ୟ ଶତ୍ରୁ ଶିବିରରେ ଉନ୍ମୋଚନ ନ କରିଥାନ୍ତେ ତେବେ ରାମ ପକ୍ଷରେ ଆମକୁ ପରାଜିତ କରିବା ଏତେ ସହଜ ହୋଇନଥାନ୍ତା ।

(କ୍ରମଶଃ)


+ବାରବାଟୀ, ବାଲେଶ୍ୱର
(ମୋ)୯୩୩୭୫୮୦୦୪୫




ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମେଦିନୀ

ଜ୍ୟୋସ୍ନାମୟୀ ପଣ୍ଡା



॥ ଭାଗ-୧୧୮ ॥

ତାହାପରେ ସେ ପଥର ଚଟାଣ ଉପରେ କୋମଳ ପଦ୍ମ ପତ୍ର ବିଛାଇ କଶ୍ୟପଙ୍କୁ ଶୁଆଇ ଦେଲେ ଓ ତାଙ୍କର ପାଦ ମଞ୍ଚାଳନ କରିବାରେ ଲାଗିଲେ ।ଏତେ ଦିନ ପରେ ଦିତିଙ୍କର ଏହି ସେବା ଓ ପରିଚର୍ଯ୍ୟା ପାଇ, ସ୍ୱାମୀ କଶ୍ୟପ ଅତ୍ୟନ୍ତ ସନ୍ତୁଷ୍ଟ ହେଲେ । ଚତୁଃ ପାଶ୍ୱର୍ରେ ନିର୍ଜ୍ଜନ ଏବଂ ଉଦ୍ଦୀପକ ପ୍ରକୃତି ମଧ୍ୟରେ ଦିତିଙ୍କର ସ୍ପର୍ଶ ତାଙ୍କୁ ମିଳନ କାମୀ କରୁଥିଲା। ସେ ଦିତିଙ୍କର କୋମଳ କର ତଳକୁଚୁମ୍ବନ କରି ତାଙ୍କର କଟାକ୍ଷ ଓ ସ୍ମିତରେ ଜର୍ଜରିତ ହୋଇ ଯାଉ ଯାଉ କହିଲେ,'ଦିତି, ତୁମର ଏହି ସେବାରେ ମୁଁ ଅତ୍ୟନ୍ତ ସନ୍ତୁଷ୍ଟ ହୋଇଅଛି । ଯେଉଁ ନାରୀ ବିଷ୍ଣୁଙ୍କୁପୂଜା କରେ ଓ ସ୍ୱାମୀଙ୍କୁ ସେବାରେ ସନ୍ତୁଷ୍ଟକରେ , ତା ପାଇଁ ଅଦେୟ ବୋଲି କିଛି ନଥାଏ । ସ୍ୱାମୀ ହିଁ ନାରୀ ର ଦେବତା ଓ ନାରୀ ହିଁ ପୁରୁଷ ର ଅର୍ଦ୍ଧାଙ୍ଗିନୀ। ଈଷତ ହର୍ଷିତ ତଥା ପ୍ରୀତିପୂର୍ଣ୍ଣ ମନୋଭାବରେ କଶ୍ୟପ ଦିତିଙ୍କୁ କହିଲେ,'ଯେଉଁମାନେ ପତିବ୍ରତା ନାରୀ, ପତିଙ୍କୁ ନିଜ ଆତ୍ମା ସଦୃଶ ମନେ କରନ୍ତି ବେଦ ଚିନ୍ତା, ସ୍ୱାମୀ ଚିନ୍ତା ରେ ଦିନ ନିଅନ୍ତି, ସେମାନେ ସ୍ୱାମୀ ମାନଙ୍କର କୃପା ଲାଭ କରିପାରନ୍ତି। ହେ ସୁନ୍ଦରୀ, ତୁମ ଭାବରେ ମୁଁ ଆଜି ପ୍ରସନ୍ନ ଚିତ୍ତରେ ଅଛି । ତୁମ ସେବାରେ ମୁଁଅତ୍ୟନ୍ତ ପ୍ରୀତ । ତୁମର ଯାହା ବାଂ ଛିତ ଅଛି, ମୁଁ ଶପଥ କରି କହୁଛି ତାହା ନିଶ୍ଚୟ ପୂର୍ଣ୍ଣ କରିବି । ମୁଁ ତୁମକୁ ଯେଉଁ ବର ଦେବି, ତାହା ଅନ୍ୟ ସ୍ତ୍ରୀ ମାନଙ୍କ ପାଇଁ ଦୁର୍ଲ୍ଲଭ ଅଟେ । ଏବେ ବର ମାଗ' ।

ଦିତି ଯେଉଁ ଉଦ୍ଦେଶ୍ୟ ନେଇ କଶ୍ୟପଙ୍କୁ ଅପେକ୍ଷା କରିଥିଲେ, ତାଙ୍କର ସେହି ଇଚ୍ଛା ଏବେ ଫଳବତୀ ହେଲା । ସେ ନିଜର ପୁତ୍ର ମାନଙ୍କ ଦୁର୍ଦ୍ଦଶା କଥା ସ୍ମରଣ କରି ଚକ୍ଷୁ ଛଳ ଛଳ କରିଦେଲେ । ତାହା ପରେ ଦୃଢ଼ ସ୍ୱରରେ କହିଲେ ,'ହେ ପ୍ରଜାପତି, ଯଦି ତୁମେ ମୋ ପ୍ରତି ସଦୟ, ବର ପ୍ରଦାନ କରିବାକୁ ବାସ୍ତବରେ ଇଚ୍ଛୁକ,ତେବେ ମୋତେ ଏହି ବର ଦିଅ ଯେ ତୁମ୍ଭର ଔରସ ରେ ମୋର ଏକ ପୁତ୍ର ହେଉ, ସେ ଅମର ହେଉ ଏବଂ ସେହି ଦୁଷ୍ଟ ଇନ୍ଦ୍ରକୁ ବଧ କରୁ । କାରଣ ସେହି ଇନ୍ଦ୍ର ହିଁ ମୋର ପୁତ୍ର ମାନଙ୍କୁ ନାଶ କରିଛି ।ସେ ମୋତେ ପୁତ୍ର ଶୋକରେ ବାୟାଣୀ କରିଦେଇଛି । ତାହାର ବିନାଶ ବ୍ୟତୀତ ଅନ୍ୟ କୌଣସି ବରରେ ମୋର ପ୍ରୟୋଜନ ନାହିଁ' ।

ଦିତିଙ୍କର ଏହି ବର ପ୍ରାର୍ଥନା ଶୁଣି କଶ୍ୟପ ଚମକି ଉଠିଲେ । ତାଙ୍କର ମନ ଓ ହୃଦୟ ଅନୁତାପ ରେ ପୂର୍ଣ୍ଣ ହୋଇଗଲା । ଦିତିଙ୍କର ପ୍ରେମ ଉପରେ ତାଙ୍କର ଯେଉଁ ବିଶ୍ୱା ସଥିଲା, ତାହା ଭାଙ୍ଗିଗଲା । ସେ ମନେମନେ ଚିନ୍ତା ଚିନ୍ତାକ ଲେ,'ଧୀକ୍ ମୋତେ ! ଆଜି ମାୟାବିନୀ ନାରୀର ମାୟାରେ ପଡି ମୁଁ ହତଜ୍ଞାନ ହୋଇଗଲି ଓ ମୋ ମଧ୍ୟରେ ଅଧର୍ମ ପ୍ରବେଶ କଲା। ମୁଁ ଯେଉଁ ଦୁର୍ବୁଦ୍ଧି କଲି ସେଥିରେ ନିଶ୍ଚୟ ମୋତେ ନର୍କ ଭୋଗ କରିବାକୁ ହେବ । କିନ୍ତୁ ଏଥିରେ ଦିତିଙ୍କର ବା ଦୋଷ କ'ଣ ? ସେ ତ ନାରୀ, ପୁଣି ଜନନୀ । ଯାହାର ବଚନ ସୁଧା ସଦୃଶ ହୋଇପାରେ କିନ୍ତୁ ହୃଦୟ କ୍ଷୁରଧାର ପରି ତୀକ୍ଷ୍ଣ ଘାତୁକୀ ହୋଇପାରେ । ଜନନୀ ତାର ସନ୍ତାନ କୁସନ୍ତାନ ହେଉ କି ସୁସନ୍ତା ନ ହେଉ , ତାର ମମତାରେ ଭଗବାନଙ୍କ ସହିତମଧ ବିଶ୍ୱାସ ଘାତକତା କରିବାକୁ ପଛାଏ ନାହିଁ। ଆଉ ଦିତିତ ନାରୀ ,ଜନନୀ ପୁଣି ସପତ୍ନୀ ! ପୁଣି ସନ୍ତାନର ମୃତ୍ୟୁରେ ଶୋକ ସନ୍ତପ୍ତା ! ମୁଁ ବା ଏତେବ ଡ ବୈଜ୍ଞାନିକ ହୋଇ ପୂର୍ବରୁ କିପରି ଏ ବିଷୟରେ ଚିନ୍ତା କରି ପାରିଲି ନାହିଁ ? ହିଁ, ମୁଁ ଅଙ୍ଗୀକାର କରିଅଛି ଅର୍ଥଏ ସତ୍ୟ ଯୁଗରେ ମୋତେ ବର ସ୍ୱୀକାର କରିବାକୁ ହେବ । ନଚେତ ମୁଁ ସତ୍ୟ ଭ୍ରଷ୍ଟ ହେବି । ଅପରପକ୍ଷରେ ଇନ୍ଦ୍ର ନିଜ ସାଧନା ବଳରେ ସମସ୍ତ ଇନ୍ଦ୍ରିୟ ମାନଙ୍କୁ ଜୟ କରି ଅତ୍ୟନ୍ତ ଶକ୍ତିମୟ ହେବା ପରେ ସ୍ୱର୍ଗ ଭୁବନର ରାଜା ପଦବୀରେ ମନୋନୀତ ହୋଇଛନ୍ତି। ଜଣେ ରାଜା ହିସାବରେ ଦେବତା ମାନଙ୍କର ଶତ୍ରୁ ମାନଙ୍କ ପ୍ରତି ସେ କଠୋର ହେବା ଉଚିତ । ବିଶେଷ କରି ଅସୁର ମାନଙ୍କୁ ଯଜ୍ଞର ହବି ପ୍ରଦାନ କରିବା ନିଷେଧ ଓ ଅନ୍ୟାୟ । ଅନ୍ୟ ପକ୍ଷରେ ଦିତିଙ୍କର ପୁତ୍ର ମାନେ ଅତି ନିଷ୍ଠୁର ଓ ଅତ୍ୟାଚାରୀ ହୋଇଥିବାରୁ ଇନ୍ଦ୍ର ତାଙ୍କ ବିପକ୍ଷରେ ଥାଇ ସେମାନଙ୍କୁ ବଧ କରିଛନ୍ତି । ଏଥିରେ ପୃଥିବୀର ମଙ୍ଗଳ ହେବ ଓ ପୃଥିବୀରେ ଶାନ୍ତି ପ୍ରତିଷ୍ଠା ହେବ । ତେଣୁ ଇନ୍ଦ୍ର ମଧ ମୋର ଆଦରଣୀୟ ପୁତ୍ର ଅଟନ୍ତି । ମୁଁ ଜ୍ଞାନୀ ହୋଇ ଇନ୍ଦ୍ରଙ୍କୁ ବିନାଶ କରିବାର ବର କିପରି ଦେବି ? ତଥାପି ମୋର ବିଶ୍ୱାସ ଅଛି, ଦେବରାଜ ଇନ୍ଦ୍ରଙ୍କୁ ବିଷ୍ଣୁ ନିଶ୍ଚୟ ରକ୍ଷା କରିବେ। ତେଣୁ ମୁଁ ପ୍ରଥମେ ନିଜର ସତ୍ୟ ରକ୍ଷା କରିବା ଉଚିତ୍। ଏହା ଭାବି ସେ ଦିତିଙ୍କୁ କହିଲେ, ' ହେ, ରୂପସୀ ! ସଖୀ ! ନିଶ୍ଚୟ । ତୁମେ ପ୍ରାର୍ଥନା କରୁଥିବା ବର ମୁଁ ସ୍ୱୀକାର କଲି। କେବଳ ତୁମେ ନୁହେଁ, ମୋର ସନ୍ତାନ ମାନଙ୍କ ଦୁର୍ଦ୍ଦଶା ଓ ମୃତ୍ୟୁରେ ଜଣେ ପିତା ଭାବେ ମୁଁ ମଧ ଦୁଃଖିତ ହୋଇଛି । ତେଣୁ ତୁମର ନିଶ୍ଚୟ ଏକ ଅମର ପୁତ୍ର ଜନ୍ମ ହେବ ଓ ସେ ମୋର ଆଉ ଏକ ପୁତ୍ରକୁ ବିନାଶ କରିବ । କିନ୍ତୁ ସେଥିପାଇଁ ତୁମକୁ ଏକ ବ୍ରତ ପାଳନ କରିବାକୁ ହେବ । ଯଦି ବ୍ରତରେ ସାମାନ୍ୟ ବିଘ୍ନ ବି ହୁଏ , ତେବେ ସେ ଦେବତା ମାନଙ୍କର ଶତ୍ରୁ ବଦଳରେ ମିତ୍ର ହୋଇଯିବ ।'

ଅଦିତି କଶ୍ୟପଙ୍କର ପ୍ରବୋଧ ପୂର୍ଣ୍ଣ ସାନ୍ତ୍ୱନା ପାଇ ଅତ୍ୟନ୍ତ ସୁଖୀ ହେଲେ । କାଳ ବିଳମ୍ବ ନକରି ସେ କହିଲେ, ଶୀଘ୍ର ସେହି ବ୍ରତର ବିଧାନ ମୋତେ କୁହନ୍ତୁ । ବ୍ରତ ଖଣ୍ଡନ ନ ହେବା ପାଇଁ ଯାହା ଯାହା ନିଷେଧ ଅଛି ତାହା ମଧ କୁହନ୍ତୁ । ବ୍ରତ ଯେତେ କଠିନ ହେଲେ ମଧ ମୁଁ ତାହା ନିଶ୍ଚୟ ପାଳନ କରିବି । କଶ୍ୟପ ଧୀର ସ୍ୱରରେ କହିଲେ'ଶୁଣ,ଏ ବ୍ରତ ଆଚରଣ କରିବା ସମୟରେ ପ୍ରାଣୀ ମାନଙ୍କୁ ହିଂସା କରିବ ନାହିଁ। କ୍ରୋ ଧ ପରବଶ ହୋଇ କାହାକୁ ଶାପ ଦେବନାହିଁ। ମିଥ୍ୟା କଥା କହିବ ନାହିଁ। ନଖ ବା ଲୋମ ଛେଦନ କରିବ ନାହିଁ । ଅମଙ୍ଗଳ ଦ୍ରବ୍ୟ କୁ କେବେ ସ୍ପର୍ଶ କରିବ ନାହିଁ। ଜଳରେ ପଶି ସ୍ନାନ କରିବ ନାହିଁ। କ୍ରୋଧରେ ବଚନ କହିବ ନାହିଁ। କୁଜନ ସହିତ ଆଳାପ କରିବ ନାହିଁ। ପାପ କରିବ ନାହିଁ। ଅଧୌତ ବସ୍ତ୍ର ବା ମାଳା ପରିଧାନ କରିବ ନାହିଁ। ଆମିଷ ଭୋଜନ କରିବ ନାହିଁ। ହସ୍ତରେ ଜଳପାନ କରିବ ନାହିଁ। ଉଚ୍ଛିଷ୍ଟ ହୋଇ ନଧୋଇ ମୁହୂର୍ତ୍ତେ ମଧ ରହିବ ନାହିଁ। ସନ୍ଧ୍ୟାରେ କେଶ ଖୋଲିବ ନାହିଁ। ବହୁତ କଥା କହିବ ନାହିଁ। ଅସମ୍ଭାଳ ହୋଇ ଖୁବ ଶୀଘ୍ର ବାହାରିବ ନାହିଁ।ଅଧୌତ ବା ଆର୍ଦ୍ର ପଦରେ ଶୟନ କରିବ ନାହିଁ। ଉତ୍ତର ବା ପଶ୍ଚିମ ଦିଗକୁ ମସ୍ତକ କରିବ ନାହିଁ।ସନ୍ଧ୍ୟା ସମୟରେ ବା ଉଲଗ୍ନ ହୋଇ ଶୟନ କରିବ ନାହିଁ। ନିରନ୍ତର ଶୁଚି ହୋଇ ଧୌତ ବସ୍ତ୍ର ପରିଧାନ କରିବ। ପ୍ରାତଃ କାଳରୁ ଉଠି ଲକ୍ଷ୍ମୀ ଓ ନାରାୟଣଙ୍କୁ ପୂଜା କରିବ । ଗୋରୁ ଓ ବ୍ରାହ୍ମଣ ମାନଙ୍କୁ ପୂଜା କରିବ। ସତୀ ସ୍ତ୍ରୀ ମାନଙ୍କୁ ଡାକି ମାଳା ଓ ଚନ୍ଦନ ଦେବ। ଏକ ଧ୍ୟାନ ଓ ଦୃଢ଼ ଚିତ୍ତରେ ସ୍ଥିର ମନରେ ପୂଜା କରିବ। ଏହି ପୁଂସବନ ନାମକ ବ୍ରତକୁ ଆଚରଣ କଲେ ତୁମେ ନିଶ୍ଚୟ ଇନ୍ଦ୍ରହନ୍ତା ପୁତ୍ର ଜନ୍ମ କରିବ।'

'ହଁ , ମୁଁ ନିଶ୍ଚୟ ଏହି ବ୍ରତ ଧାରଣ କରିବି। ଜନନୀ ଦିତି ପୁତ୍ର ହନ୍ତାର ମୃତ୍ୟୁ ପାଇଁ ଦୃଢ଼ ସଂକଳ୍ପ ହେଲେ ଓ ବିଧି ପୂର୍ବକ ବ୍ରତ ଆଚରଣ କଲେ। ସେହି ଦିନ ସେ କଶ୍ୟପଙ୍କର ବୀର୍ଯ୍ୟକୁ ଗର୍ଭରେ ଧାରଣ କଲେ। ସ୍ୱର୍ଗ ଭୁବନର ଇନ୍ଦ୍ର ପୁରୀରେ ଥାଇ ସ୍ୱୟଂ ଇନ୍ଦ୍ର ଦୂତଙ୍କ ମୁଖରୁ ଦିତିଙ୍କର ଏହି ପୁଂସ ବନ ବ୍ରତର କଥା ଶୁଣି ପାରିଲେ। ( ଶ୍ରୀମଦ୍ ଭାଗବତରେ ଗୃହିଣୀ ମାନେ ଏହିପରି ବ୍ରତ ପାଳନ କରିବା କଥା ଲେଖା ଅଛି। ଗୃହସ୍ଥ ଏବଂ ଗୃହିଣୀ ଶୈଶବରୁ ଯୋଗ ସାଧନ କରିବା କଥା ଲେଖାଅଛି ।ଦୁଇ ପୀଢ଼ି ପୂର୍ବରୁ ଓଡ଼ିଶାରେ ଦ୍ୱିତୀୟା ଓଷା, ବାଲି ତୃତୀୟା ଆଦି ଓଷା ଅତି ନିଷ୍ଠା ରେ ପାଳନ କରା ଯାଉଥିଲା। ଏହା ଏକ ପ୍ରକାର ଆତ୍ମ ଶକ୍ତିର ସାଧନା ବା ଯୋଗ ପରି। ମାନସିକ କରିଥିବା ବ୍ରତ ଚାରିଣୀ ଦୁଇ ଦିନ ନିର୍ଜଳା ଉପବାସ କରୁଥିଲେ। ଛେପ ମଧ ଢୋକୁ ନଥିଲେ। ପୋଖରୀ ହୁଡ଼ାରେ ପରା ଯାଇଥିବା ଗୋଟିଏ ଲୁଗାକୁ ସମସ୍ତେ ମାଡ଼ି ପୋଖରୀରୁ ଯାଉଥିଲେ। ସେ ସେହି ବସ୍ତ୍ର ପିନ୍ଧି ଏକ ବଡ଼ ପରିବା ବୋଝ ମୁଣ୍ଡାଇ ଗୋଟିଏ ଗୋଡରେ ଘଣ୍ଟା, ଘଂଟା ଛିଡ଼ା ହୋଇ ରହୁଥିଲେ ବୋଲି ଶୁଣିଛି। ଅବଶ୍ୟ ଜଣେ, ଦୁଇ ଜଣ ତଙ୍କୁ ଧରୁଥିଲେ। ସେ ଗୋଡ ଅଦଳ ବଦଳ କରୁଥିଲେ ବା ମଝିରେ ମଝିରେ ତଳେ ରଖୁଥିଲେ କି ନାହିଁ ଜାଣେନାହିଁ। ସେମାନଙ୍କର ଠାକୁର, ଠାକୁରାଣୀଙ୍କ ଉପରେ ବିଶ୍ୱାସ ଏହି ସାଧନାର ଆଧାର ଥିଲା।)

(କ୍ରମଶଃ)


+ ବାଲିଝରି, କାନପୁର, ବଡ଼ମ୍ବା, କଟକ


## ସ୍ମୃତି ଓ ଶୀତ ସକାଳ

### ପ୍ରଭାତୀ ହୋତା

ପୂରୁବ ଆକାଶେ ଉଇଁଲେ ରବି
କେଡେ ମନଲୋଭା ଦିଶେ
ସୁରୁଜ ଏଠି ମୁରୁଜ ବୁଣେ
ସୁନେଲି ରଙ୍ଗ ସାଥେ
ରଙ୍ଗ ବେରଙ୍ଗର ଫୁଲରେ
ସଜେଇ ହୁଏ ଧରଣୀ ରାଣୀ
ଚିକମିକ ଲାଗେ ଏଇ ପୃଥିବୀ
ସାଥେ ନେଇ ଏକ ନୂଆଁ ସକାଳ
ମନରେ ଭରି ନୂଆଁ ଆଶା, ଉନ୍ମାଦନା
ନୂତନ ଅଧ୍ୟାୟର ହୁଏ ଆରମ୍ଭ
ଓଲଟାଇ ବାକୁ ଇଚ୍ଛା ହୁଏ
ଗୋଟିଏ ପରେ ଗୋଟିଏ ପୃଷ୍ଠା
କେଜାଣି କାହିଁକି ମୁଁ ହଜି ଯାଏ
ମୋ ବ୍ୟସ୍ତତା ଭିତରେ
ଭୁଲିଯାଏ ପୁରୁଣା ପାଠର
ଆଲୋଚନା କରିବାକୁ
ମୋ ଦୁଇ ପାଦ ଥକି ଯାଏ ବୁଝିପାରେନା
ପୁଣି ଦୀର୍ଘ ଶ୍ୱାସ ନେଇ
ସାହସ ଜୁଟାଇ ଆଗକୁ ବଢିଚାଲେ
ଧୀରେ ଧୀରେ ମାଡି ଆସେ
ଅନ୍ଧକାର ରାତି
ଶୂନଶାନ ରାସ୍ତାଘାଟ ସବୁଠି ନିସ୍ତବ୍ଧ
କିଛି ସମୟର ଅନ୍ତରେ
ଦୁଆର ମୁହଁରେ ଠକ ଠକ ଶବ୍ଦ ଶୁଭେ
ଝରକା ଫାଙ୍କକୁ ଯାଇ ଦେଖେ ତୋ
ଦିଗବଳୟରୁ ଛୁଟି ଆସୁଛି ଭସା କୁହୁଡି
ସବୁଜ ଘାସ ଗାଲିଚାରେ ଆଖି ଝଲସି ଉଠେ
ଶୀତ କାକରର ବିନ୍ଦୁ ସବୁ ମୁକ୍ତା ପରି ଦିଶେ
ସତେଜ ହୋଇଯାଏ ସେଇ ପୁରୁଣା ସ୍ମୃତି ସବୁ
ମନେପଡେ ସେଇ ଅତୀତ କଥା
ଶୀତୁଆ ସକାଳର ଆରମ୍ଭ ହୁଏ
ତୁମ ଆଉ ମୋ ହାତରେ ଧରିଥିବା
ଦୁଇ କପ ଗରମ ଚା 'ରୁ
ମିଠା ମିଠା କେଇ ପଦ କଥାରେ
ହଜିଯାଏ ମୁଁ
ତୁମ ପ୍ରେମ ରସେ ଭିଜି ଯାଇ
ନିଜକୁ ଲୁଚେଇ ଦିଏ
ସେଇ ସ୍ୱଚ୍ଛ, ନିର୍ମଳ ପବିତ୍ର ହୃଦୟ କୋଣେ


ସାଗୁନଭାଡ଼ି (ନୂଆପଡା )


## ମଗୁଶୁର ପରବ

### ସୁଶ୍ରୀ ସଙ୍ଗୀତା ସେଠୀ

ଶୀତର ଚୋକେଇରେ ଧାନପେଣ୍ଡା
ସମ୍ଭାରରେ ମଗୁଶୁର ଆସେ,
ଝୋଟିଚିତା ପକା ଅଗଣାରେ
ମା ଲକ୍ଷ୍ମୀଙ୍କ ଆବାହନେ
ସଂସାର ହସେ।

ଓଡ଼ିଶା ଜନଜୀବନ ଚଳଚଞ୍ଚଳ ହୁଏ
ଏ ମଗୁଶୁରେ
ପରବ ଉଲ୍ଲାସେ,
ଶ୍ରୀୟା ସାଜି ସର୍ବ ଗୃହିଣୀ ବ୍ୟଗ୍ର
ମାଙ୍କ ପୂଜା ଅର୍ଚ୍ଚନାରେ
ଗ୍ରାମପଥ ବାସେ !

ଘର ଦୁଆରେ ଝୋଟିର ଧବଳ
ଆଭା ଆଉ ଶୁଦ୍ଧତାରେ
ଅଗଣା ହସେ,
ଧୂପ, ଝୁଣା, ଘଣ୍ଟ , ଅଗୁର ସୁବାସ
ବିଛେଇ ଚଉଦିଗରେ
ମଗୁଶୁର ଆସେ।

ଶୀତର ପ୍ରକୋପ ପାରେନା ପକେଇ
ବାଧା ପରବରେ
ଅବା ବଧୂଙ୍କ ପାଶେ,
ଓଡ଼ିଆ ପରବ ନିଶା ଘାରେ ପ୍ରାଣରେ
ସବୁ ବିଘ୍ନ କାଟି
ମାଣ ବସେ।

ଲକ୍ଷ୍ମୀ ପୁରାଣର କଣ୍ଠ ସୁର ଭାସିଉଠେ ପ୍ରତି ଘରେ
ମଣ୍ଡା ଭୋଗ ବସେ,
ସାଗର ଦୁଲ୍ଲଣୀ ପ୍ରସନ୍ନ
ଏ ଭବ୍ୟ ଦିବ୍ୟ ସ୍ୱାଗତେ
ଧନ ଦୌଲତ ବର୍ଷେ।

ଜାତିଆଣ ଭେଦଭାବ ହଟାଇଲେ ମା
ପାଦ ଥାପି ଶ୍ରୀୟା
ଶ୍ରଦ୍ଧା ବିଶ୍ୱାସେ,
ଜଗତମାତ ବୋଲି ଜୟକାର
ଶୁଭିଲା ପୁରପଲ୍ଲୀରେ
ତାର କରୁଣା ଆଶିଷେ !

ସର୍ବେ ମଗ୍ନ ପରବ ପାଳନେ
ଏ ମାଟି ମହକେ ମାଣବସା
ଗୁରୁବାର ପରଶେ,
ବାର ମାସେ ତେର ପରବ ପାଳି
ଓଡ଼ିଆ ତା ମଥା ଟେକେ
ସମଗ୍ର ବିଶ୍ୱେ !


+ଯାଜପୁର


## ସମ୍ବିଧାନ ଦିବସ

### ଅସୀମା ପ୍ରଧାନ

ଆମ ସମ୍ବିଧାନ ଜଗତେ ମହାନ
ଆସ କରିବା ତାର ଗୁଣଗାନ।

ନଭେମ୍ବର ଛବିଶ ଆଜିର ଦିନେ
ଗଢ଼ାହେଲା ସମ୍ବିଧାନ ତ ଯତନେ।

ଭିମରାଓ ଆମ୍ବେଦକର ସାହେବ
ଲଢି ତ ରଖିଲେ ଦେଶର ଗରବ।

କେତେଯେ ଦେଶର ସମ୍ବିଧାନ ପଢ଼ି
ସୁରକ୍ଷା ଦେଲେ ନୀତି ନିୟମ ଗଢ଼ି।

ସାର୍ବଭୌମ ସହ ସାଧାରଣତନ୍ତ୍ର
ସଂହତି ବଢାଏ ଆମ ଗଣତନ୍ତ୍ର।

ଧର୍ମନିରପକ୍ଷତା ଆଦର୍ଶ ଆମ
ସଭିଏ ସମାନ ଆମର ଧରମ।

ଏଗାର ମାସ ଅଠର ଦିନ ସହ
ଦୁଇ ବରଷରେ ଗଢା ସମ୍ବିଧାନ।

ନୀତି ନିୟମରେ ଲେଖା ଅଭିଧାନ
ଗର୍ବ ଗଉରବ ଆମ ସ୍ୱାଭିମାନ।

ଅଧିକାରକୁ ତ ଉପଭୋଗ କରି
ମୌଳିକ କର୍ତ୍ତବ୍ୟ ଧରିବା ଆବୋରି।

ଦେଶ ଜାତି ପାଇଁ ଦେବା ବଳିଦାନ
ତା ଦାନେ ତ ଆମେ ହୋଇଛେ ମହାନ।

ସମ୍ବିଧାନ ଦିବସେ କର ଶପଥ
ଦେଶର ଉନ୍ନତିରେ ରହୁ ମୋ ହାତ।


+ବୀରମହାରାଜପୁର,
ସୁବର୍ଣ୍ଣପୁର

# ମାଜିଷ୍ଟ୍ରେଟ ଏବଂ ପୁଲିସ ଉପସ୍ଥିତିରେ ଭଙ୍ଗା ଗଲା ତାଲା

## ଦୀର୍ଘ ୨ ବର୍ଷ ଠିକାଦାରଙ୍କ କବଜାରେ ଓଡିଶା ମାଇନିଂ ଆଦର୍ଶ ବିଦ୍ୟାଳୟ ୩ଟି ଶ୍ରେଣୀ କକ୍ଷ

ଜୟପୁର,୨୫/୧୧ (ନି.ପ୍ର): କୋରାପୁଟ ଜିଲ୍ଲା ଜୟପୁର ସହର ନିକସ୍ଥ ଉମୁରୀ ଗ୍ରାମପଂଚାୟତର ଫୁଲବାଡ ଠାରେ ରହିଥିବା ଓଡିଶା ମାଇନିଂ ଆଦର୍ଶ ବିଦ୍ୟାଳୟରୁ ୩ଟି କକ୍ଷ ଦୀର୍ଘ ଦୁଇବର୍ଷ ଏହାର ନିର୍ମାଣ କରିଥିବା ସ୍ଥାନୀୟ ଜୈନିକ ଠିକାଦାରଙ୍କ କବଜାରେ ରହିଥିଲା। ଜୟପୁର ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜୟପୁର ତହସିଲଦରା ତଥା କାର୍ଯ୍ୟକାରୀ ମାଜିଷ୍ଟେଟ ସବ୍ୟସାଚୀ ଜେନା ଏବଂ ସଦରଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ପୁଲିସଦଳର ଉପସ୍ଥିତିରେ ଖଣି ବିଭାଗ ଏବଂ ବିଦ୍ୟାଳୟ କର୍ତ୍ତୃପକ୍ଷ ଠିକାଦାରଙ୍କ କବଜାରେ ରହିଥିବା ଏହି ୩ଟି କକ୍ଷକୁ ଭାଙ୍ଗି ନିଜ ଅକ୍ତିଆରକୁ ନେଇଛନ୍ତି । ପ୍ରକାଶଯେ, ଗତ ୨୦୨୩ ମସିହାରେ ଓଡିଶା ଖଣି (ମାଇନିଂ) ନିଗମ ପକ୍ଷରୁ ଅବିଭକ୍ତ କୋରାପୁଟ ଜିଲ୍ଲାରେ ଖଣି ଖନନ ନିମନ୍ତେ ସ୍ଥାନୀୟ ବିଭିନ୍ନ ଗ୍ରାମର ବିସ୍ଥାପିତ ଗ୍ରାମବାସୀଙ୍କ ସନ୍ତାନ ମାନଙ୍କ ପାଠପଢା ପାଇଁ ଥଇଥାନା ଯୋଜନା ଅନୁଯାୟୀ ଜୟପୁର ଉମରୀ ଗ୍ରାମପଂଚାୟତର ଫୁଲବାଡ ଠାରେ ଓଡିଶା ମାଇନିଂ ଆଦର୍ଶ ଆବାସୀକି ବିଦ୍ୟାଳୟ ଭବନ ନିର୍ମାଣ କାର୍ଯ୍ୟ ଶେଷ ହେବା ପରେ ୨୦୨୩ ମସିହା ଜୁଲାଇ ମାସରେ ପାଠ୍ୟକ୍ରମ ଆରମ୍ଭ ନେଇ ଠିକାଦାରଙ୍କୁ ହସ୍ତାନ୍ତର କରିବା ନେଇ ନିର୍ଦ୍ଦେଶ ଦିଆଯାଇଥିଲେ ସୁଦ୍ଧା ଏହାକୁ ହସ୍ତାନ୍ତର କରୁନଥିଲେ । ଶେଷରେ କୋରାପୁଟ ଜିଲ୍ଲାପାଳ ଏବଂ ପୁଲିସ ଏସ.ପିଙ୍କ ହସ୍ତକ୍ଷପ ପରେ ସମାଧାନ କରାଯାଇ ଏହାକୁ ଓଡିଶା ଖଣି ନିଗମକୁ ହସ୍ତାନ୍ତର ହୋଇଥିଲା । କିନ୍ତୁ ସଂପୃକ୍ତ ଠିକାଦାର ୩ଟି କକ୍ଷରେ ତାଲା ଦେଇ ନିଜ ଅକ୍ତିଆର ରଖିଥିଲେ । କିନ୍ତୁ ଗତ ୨ ବର୍ଷରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ମଧ୍ୟରୁ ନୂତନ ବିଦ୍ୟାର୍ଥୀ ଯୋଗଦେବା ଫଳରେ ଶ୍ରେଣୀ କକ୍ଷର ଅଭାବ ଯୋଗୁଁ ପାଠପଢାରେ ସମସ୍ୟା ସୃଷ୍ଟି ହେଉଥିଲା । ଏହିପରି ଠିକାଦାର ଖଣି ନିଗମର ଆଂଚଳିକ ନିର୍ଦ୍ଦେଶକଙ୍କ ବାରମ୍ବାର ହସ୍ତାନ୍ତର ନେଇ ଚିଠିର ଅଣଦେଖା କରୁଥିବା ଯୋଗୁଁ ଆଂଚଳିକ ନିର୍ଦ୍ଦେଶକ ଗତ ଅକ୍ଟୋବର ୩୧ ତାରିଖରେ ଜୟପୁର ଉପଜିଲ୍ଲାପାଳ ଏ.ଶଶ୍ୟା ରେଡ୍ଡିଙ୍କୁ ଘଟଣା ସମ୍ପର୍କରେ ଲିଖିତ ଭାବେ ଅଭିଯୋଗ ପରେ ଗତକାଲି ଉପଜିଲ୍ଲାପାଳ ସ୍ଥାନୀୟ ତହସିଲଦରା ଏବଂ ସଦରଥାନା ଅଧିକାରୀଙ୍କୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

# ବଲାଙ୍ଗିରରେ ଶ୍ରୀ ସୁରଭି ଗୋ ସେବା ଧାମର ୨ୟ ବାର୍ଷିକ ଉତ୍ସବ

ବଲାଙ୍ଗିର,୨୫/୧୧ (ନି.ପ୍ର): ବିଛୁପାଲି ଅଂଚଳସ୍ଥ ଶ୍ରୀ ସୁରଭି ଗୋ ସେବା ଧାମର ୨ୟ ବାର୍ଷିକ ଉତ୍ସବ ଆଜି ଭବ୍ୟ ଭାବରେ ପାଳିତ ହେଲା। ସକାଳୁ ଆରମ୍ଭ ହୋଇଥିବା ଗୋପୁଜନ, ଗୋସେବା, ସଂକୀର୍ତ୍ତନ ଓ ଧାର୍ମିକ କାର୍ଯ୍ୟକ୍ରମ ଦର୍ଶନ ପାଇଁ ଭକ୍ତମାନଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଉତ୍ସବର ମୁଖ୍ୟ ଅତିଥି ଭାବରେ ସଂପୁର ବ୍ଲକ୍ ଉନ୍ନୟନ ଅଧିକାରୀ (ବିଡିଓ) ସଞ୍ଜୀବ କୁମାର ସାହୁ ଯୋଗଦେଇଥିଲେ। ଏହା ସହିତ ଆନନ୍ଦମାର୍ଗର ବରିଷ୍ଠ ସନ୍ୟାସୀ ଆଚାର୍ଯ୍ୟ ରମେଶ୍ୱରାନନ୍ଦ, ନେଦରଲ୍ୟାଣ୍ଡରୁ ଆସିଥିବା ସମାଜସ୍ୱେୀ ତାସା ଦେବୀ, ଅବସରପ୍ରାପ୍ତ ଜିଲ୍ଲା କୃଷି ଅଧିକାରୀ ସତ୍ୟାନନ୍ଦ ଜେନା ଓ ସମାଜସେବୀ କୈଳାସ ସାହୁ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ମୁଖ୍ୟବକ୍ତା ଭାବେ ସିଧେଶ୍ୱର ମିଶ୍ର ଗୋସେବାର ସାମାଜିକ, ଆର୍ଥିକ ଓ ଧାର୍ମିକ ମହତ୍ୱଉପରେ ଅଲୋଚନା କରିଥିଲେ। ଅନୁଷ୍ଠାନର ସଭାପତି ଶରତ ଚନ୍ଦ୍ର ସେଠ ସଭାପତିତ୍ୱ କରିଥିଲେ ଓ ସମ୍ପାଦକ ତ୍ରିଲୋଚନ ମେହେର ମଂଚ ପରିଚାଳନା କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ସଞ୍ଜୀବ କୁମାର ସାହୁ ଗୋବଂଶ ସୁରକ୍ଷାକୁ "ସମାଜ ଓ ପରିବେଶ ପାଇଁ ଅତ୍ୟାବଶ୍ୟକ" ବୋଲି କହିଥିଲେ। ସେ ଜୀବିକା ଆଧାରିତ ଚାଷ ଉପରେ ମଧ୍ୟ ଗୁରୁତ୍ୱ ଦେଇଥିଲେ । ଅନ୍ୟ ଅତିଥିମାନେ ମଧ୍ୟ ଗୋ ସେବା ଧାମର କାର୍ଯ୍ୟକୁ ପ୍ରଶଂସା କରି, ଗୋବଂଶ ସୁରକ୍ଷା ପାଇଁ ସାମୁହିକ ପ୍ରଚେଷ୍ଟାର ଆହ୍ୱାନ କରିଥିଲେ। ନେଦରଲ୍ୟାଣ୍ଡର ଅତିଥି ତାସା ଦେବୀ ନିଜ ଦେଶରେ ଗୋସେବା ଓ ପଶୁ ସୁରକ୍ଷା ପ୍ରଣାଳୀ ବିଷୟରେ ଅନୁଭବ ନେଇ ସମସ୍ତଙ୍କୁ ସୂଚନା ପ୍ରଦାନ କରିଥିଲେ ଓ ଭାରତର ଗୋପ୍ରେମ ଦେଖି ପ୍ରଶଂସା କରିଥିଲେ। ଶ୍ରୀ ସୁରଭି ଗୋ ସେବା ଧାମ ପକ୍ଷରୁ ଜଣାଯାଇଛି ଯେ, ସେମାନେ ବର୍ତ୍ତମାନ ରାସ୍ତାରେ ଅବହେଳିତ, ଦୁର୍ଘଟଣାଗ୍ରସ୍ତ ଓ ନିସହାୟ ଗୋବଂଶକୁ ଉଦ୍ଧାର କରି ଚିକିତ୍ସା, ଦେଖାଶୁଣା ଓ ଖାଦ୍ୟ ପାନୀୟର ସମ୍ପୂର୍ଣ୍ଣ ବ୍ୟବସ୍ଥା କରୁଛନ୍ତି। ଗୋପୁଜନ, ପ୍ରସାଦ ବିତରଣ ଓ ଭକ୍ତିମୟ ସଂକୀର୍ତ୍ତନ ସହିତ ଉତ୍ସବର ଶେଷ ହେଲା।

# ଉପଖଣ୍ଡସ୍ତରୀୟ ପାଞ୍ଚ ଦିବସୀୟ କର୍ମଶାଳା ଉଦ୍‌ଯାପିତ

ସମ୍ବଲପୁର,୨୫/୧୧ (ନି.ପ୍ର): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ଡିମିରିମୁଣ୍ଡା ସ୍ଥିତ ଭାରତ ମୟ ଆଶ୍ରମ ପରିସରରେ ଗତ ୨୦ ତାରିଖ ଠାରୁ ଆରମ୍ଭ ହୋଇଥିବା କୁଚିଣ୍ଡା ଉପଖଣ୍ଡ ସ୍ତରୀୟ ପାଞ୍ଚ ଦିବସୀୟ କର୍ମଶାଳା ଆଜି ଉଦଯାପିତ ହୋଇଯାଇଛି । ଏହି କର୍ମଶାଳାରେ ପ୍ରାଥମିକ ଶିକ୍ଷା, ଆରୋଗ୍ୟ ଶିକ୍ଷା,ଗ୍ରାମ ବିକାଶ ସିକ୍ଷା, ଜାଗରଣ ଶିକ୍ଷା ଓ ସଂସ୍କାର ଶିକ୍ଷା ଆଦି ପାଞ୍ଚ ଦିବସୀୟ ଶିକ୍ଷା ଉପରେ ତାଲିମ ଦିଆଯାଇଥିଲା । ଉଦଯାପନ ଉତ୍ସବରେ ସମାଜସେବୀ ତଥା ଶିକ୍ଷାବିତ୍ ସୁବାସ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ସମାଜ ଓ ଦେଶ ଗଠନ ପାଇଁ ଏକଲ ଅଭିଯାନର ଆଚାର୍ଯ୍ୟ ଓ ଆଚାର୍ଯ୍ୟମାନେ ଛାତ୍ରଛାତ୍ରୀଙ୍କୁ ଉତ୍ତମ ଆଚରଣ ସହ ସତ୍ ମାର୍ଗରେ ପରିଚାଳିତ ହେବା ଦିଗରେ ସଚେତନ କରିବାକୁ ଆହ୍ୱାନ ଦେଇଥିଲେ । ଭାରତ ମୟ ଆଶ୍ରମର ବାବା ଶିବାନନ୍ଦ ଜୀ ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ପରିବେଶ ସୁରକ୍ଷା ପାଇଁ ସୁଚିନ୍ତିତ ଅଭିଯାନ କାର୍ଯ୍ୟ କରୁ ବୋଲି ପରାମର୍ଶ ଦେଇଥିଲେ । ଅଭିଯାନର ସମ୍ବଲପୁର ଜିଲ୍ଲା ପ୍ରମୁଖ ପ୍ରଦୀପ ସ୍ୱାଇଁଙ୍କ ସଭାପତିତ୍ୱ ଓ ଜମନକିରା ବ୍ଲକ ପ୍ରମୁଖ ଜଗଦୀଶ ବେହେରାଙ୍କ ସଂଯୋଜନାରେ ଆୟୋଜିତ ଏହି କର୍ମଶାଳାରେ ଉପଖଣ୍ଡର ୬୦ ଟି ଅଣ ଆନୁଷ୍ଠାନିକ ଶିକ୍ଷା କେନ୍ଦ୍ରର ଆଚାର୍ଯ୍ୟ ଓ ଆଚାର୍ଯ୍ୟ ମାନେ ପାଞ୍ଚ ଦିନ ଧରି ଶିବିରାର୍ଥି ଭାବରେ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରାଥମିକ ଶିକ୍ଷା ଜିଲ୍ଲା ପ୍ରମୁଖ ଶଶି ନାଏକ, ରାଜ୍ୟକୁ ଯାଇଥିବା ଜିଲ୍ଲାର ପ୍ରତିନିଧି ବିନୟ ପୃଷେଠ, ବାମରା ବ୍ଲକର ପ୍ରମୁଖ ତୁଷାର ନାଏକ ପ୍ରମୁଖ ବିଭିନ୍ନ ବର୍ଗ ଉପରେ ତାଲିମ ଦେଇଥିଲେ । ଶିବିରାର୍ଥି ମାନଙ୍କୁ ମଧ୍ୟରୁ ଉତ୍ତମ ପ୍ରଦର୍ଶନ କରିଥିବା ଶୁଦୀପ ବାଘ, ସୁକମଣୀ କିସାନ ଓ ଜୟନ୍ତୀ ନିଖଣ୍ଡିଆଙ୍କୁ ଅତିଥି ଗଣ ପୁରସ୍କୃତ କରିଥିଲେ । ପ୍ରାରମ୍ଭରେ ଗୁରୁଚରଣ ରଣା ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମର ଶେଷରେ କୁଚିଣ୍ଡା ବ୍ଲକ ସଭାପତି ରମେଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ବେକାରୀ ସମସ୍ୟା : ଯୁବ ଇଞ୍ଜିନିୟର ସାଜିଲେ ପରିବା ବେପାରୀ

ମାଲକାନଗିରି,୨୫/୧୧ (ନି.ପ୍ର): ରାସ୍ତାରେ ବିକ୍ରି ହେଉଛି ଭଳିକି ଭଳି ପରିବା । ହେଲେ ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ପରିବା ବିକୁଥିବା ବ୍ୟକ୍ତି ଜଣକ ଜଣେ ଯୁବ ଇଞ୍ଜିନିୟର । ଭଲ ରୋଜଗାର କରିବେ ଆଉ ବଡ଼ ଚାକିରିଟିଏ କରିବାର ଆଶା ନେଇ ଇଞ୍ଜିନିୟରିଂ ପଢ଼ିଲେ, ସେ ପୁଣି ବି.ଟେକ୍? ପାଠ । ହେଲେ ମିଳିଲାନି ମନପସନ୍ଦର ଚାକିରି । ତେଣୁ ବାଛିନେଲେ ପରିବା ବେପାର। ମାଲକାନଗିରି ଜିଲ୍ଲାରୁ ଆସିଛି ବେକାରି ସମସ୍ୟାର ବିକଳ ଚିତ୍ର । ଚାକିରି ନପାଇ ଉଚ୍ଚ ଶିକ୍ଷିତ ଛାତ୍ର ବିକ୍ରମ ଦେବ ହାଲଦାର ଏବେ ରାସ୍ତା କଡ଼ରେ ବସି ବିକ୍ରି କରୁଛନ୍ତି ପରିବା । ମାଲକାନଗିରି ସହରର ଛାତି ଉପରେ ଜଣେ ଉଚ୍ଚ ଶିକ୍ଷିତ ଛାତ୍ରଙ୍କ ଏପରି ପରିବା ବ୍ୟବସାୟକୁ ନେଇ ଏବେ ସହରରେ ଚର୍ଚ୍ଚା । ବାଲିମେଳା ଛକ କଡ଼ରେ ପରିବା ବିକୁଥିବା ବିକ୍ରମ ୭ ବର୍ଷ ପୂର୍ବେ ବିଟେକ୍ ମେକାନିକାଲ ଡିଗ୍ରୀ ହାସଲ କରିଛନ୍ତି । ଇଞ୍ଜିନିୟରିଂ ପାଠ ସାରିବା ପରେ ଚାକିରି ପାଇଁ ନାନା ସଂଘର୍ଷ କରି ବିଫଳ ହୋଇଥିଲେ । ତେବେ ଜଣେ ଉଚ୍ଚ ଶିକ୍ଷିତ ଯୁବକ ଏମିତି ପରିବା ବିକିବା ଲାଗି ନିଷ୍ପତି ନେବା ନେଇ ସ୍ଥାନୀୟ ଲୋକମାନେ ମଧ୍ୟ ତାଙ୍କ ମନୋବଳ ବଢ଼ାଇଛନ୍ତି । ସବୁଠୁ ବଡ଼ କଥା ହେଉଛି ପୂର୍ବରୁ ମାଲକାନଗିରିରେ ବି.ଟେକ୍ ଛାତ୍ର ବିରିଆନି ବିକ୍ରି କରିଥିଲେ । ଆଉ ଏସବୁ ପଛରେ ବେକାରି ଏକ ବଡ଼ କାରଣ ବୋଲି କୁହାଯାଉଛି ।

# ଚୋରା ମଦ ଜବତ: ୯ କୋର୍ଟ ଚାଲାଣ

କେନ୍ଦ୍ରାପଡା ,୨୫/୧୧ (ନି.ପ୍ର): ଜିଲ୍ଲାପଳଙ୍କ ନିର୍ଦ୍ଦେଶ କ୍ରମେ ବିଶେଷ ସୂତ୍ରରୁ ଖବର ପାଇ କେନ୍ଦ୍ରାପଡ଼ା ଅବକାରୀ ବିଭାଗପକ୍ଷରୁ ଜମ୍ବୁ ମରେଇନ, ରାଜକନିକା ଥାନଅଧିନିସ୍ଥ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ପ୍ରଭାକରପୁର ଗ୍ରାମର ବଚନ ଖିଲାର , ବିଭୁତି ଖିଲାର ଓ ଟୁନି ଖିଲାର ବୟସଙ୍କ ଠାରୁ ୬୦ ଲିଟର ଦେଶୀ ରନ୍ଧା ମଦ ଓ ୨୯୦୦ ଲିଟର ଗୁଡ ପୋଚ, କେନେଙ୍ଗ। ଗ୍ରାମର ଆଦିକାନ୍ତ ମଲିକଙ୍କ ଠାରୁ ୧୮ ଲିଟର ବିଦେଶୀ ମଦ ଓ ଅଛୁତରପୁର ଗ୍ରାମର ଶଶଧର ମଲିକଙ୍କ ଠାରୁ ୨୧ ଲିଟର ବିଦେଶୀ ମଦ, ବରକୋଳି ଖୋଳ ଗ୍ରାମର ସୁନିଲ ମଣ୍ଡଳଙ୍କ ଠାରୁ ୩୫ ଲିଟର ବିଦେଶୀ ମଦ, ହିମାଂଶୁ ମାଇତିଙ୍କ ଠାରୁ ୨୯ ଲିଟର ଦେଶୀ ମଦ, ହାଡୁ ଗିରିଠାରୁ ୩୯ ଲିଟର ବିଦେଶୀ ମଦ, କଜଳପାତିଆ ବଡୀଘର ଗ୍ରାମର ଭିଗୁରାମ ଦାସଙ୍କ ଠାରୁ ୨୨ ଲିଟର ଦେଶୀ ମଦ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇ ଅଛି । ଏମାନଙ୍କ ପାଖରୁ ସମୁଦାୟ ୩୧୨୪ ଲିଟର ବିଦେଶୀ, ଦେଶୀ ଓ ଗୁଡ ପୋଚ ମଦ ଜବତ କରାଯାଇ ୯ ଜଣଙ୍କୁ କୋର୍ଟଚାଲାଣ କରାଯାଇ ଅଛି। ଏହି ଚଢ଼ାଉରେ ଅବକାରୀ ନିରିକ୍ଷକ ହିତାଂଶୁ ଶେଖର ମଲିକ, ଉପନିରିକ୍ଷକ କଳ୍ପନା ରାଉତ, ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର,ମିସ ଋତୁପ୍ରଭା ସ୍ୱାଇଁ, ସହକାରୀ ଉପ ନିରୀକ୍ଷକ ଜଗନ୍ନାଥ ବେଶେରା, ସୁନୀଲ କୁମାର ମିଶ୍ର, ପ୍ରଦୀପ କୁମାର ମଲିକ ଓ ଅନ୍ୟ କର୍ମଚାରି ସାମିଲ ଥିଲେ ।

# ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ସହରାଂଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଉଦ୍‌ଘାଟନ

ମାଲକାନଗିରି,୨୫/୧୧ (ନି.ପ୍ର): ମଙ୍ଗଳବାର ଦିନ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ସହରାଂଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରଧାନିଗୁଡା, ମାଲକାନଗିରିର ଶୁଭ ଉଦଘାଟନ ହୋଇଛି । ଏହି ଉଦଘାଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମାନ୍ୟବର ସାଂସଦ, ନବରଙ୍ଗପୁର ବଳଭଦ୍ର ମାଝୀ ଯୋଗଦେଇଥିଲେ ଓ ସମ୍ମାନିତ ଅତିଥି ଭାବରେ ବିଧାୟକ, ମାଲକାନଗିରି ନରସିଙ୍ଗ ମଡକାମୀ ଏବଂ ଜିଲ୍ଲା ପରିଷଦ ସଭାପତି ସମାରୀ ଟାଙ୍ଗୁଲୁ ଯୋଗଦେଇଥିଲେ ଓ ଏହା ସହ ନବରଙ୍ଗପୁର ସାଂସଦ ପ୍ରତିନିଧି ସଞ୍ଜୟ ସରକାର, ସ୍ଥାନୀୟ କାଉନସିଲର ପେଣ୍ଡରା ପ୍ରସାଦ ପଣ୍ଡା ଉପସ୍ଥିତ ରହିଥିଲେ ଓ ଏହି ଉଦଘାଟନ କାର୍ଯ୍ୟକ୍ରମରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡଓ. ଦୋଳ ମଣି ପ୍ରଧାନ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ ବିଭାଗ) ଡା. ଚୌଧୁରୀ ନିହାର ରଞ୍ଜନ ପ୍ରହରାଜ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ଟିବି) ଡା. ଦିବାକର ମାଝୀ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (କୁଷ୍ଠ) ଡା. ନୀଳମଣି ତିଳକଚାନ୍ଦ ବେହେରା, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳିକ, ଜାତୀୟ ସ୍ୱାସ୍ଥ୍ୟ ମିଶନ, ଡ଼ଓ. ମୌସୁମୀ ମିଶ୍ର ଯୋଗଦେଇଥିଲେ ଓ ଏହି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ସହରାଂଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଟି ଜେଲ ସାହି ମାଲକାନଗିରି ଠାରୁ ପ୍ରଧାନିଗୁଡା, ନୂତନ ନିର୍ମିତ କୋଠା ଗୃହ କୁ ସ୍ଥାନାନ୍ତରିତ ହୋଇଅଛି ଓ ଏହି ଉଦଘାଟନ ଉତ୍ସବରେ ଆଶା କର୍ମୀ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଜିଲ୍ଲା ସ୍ତରୀୟ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଗଣ ଉପସ୍ଥିତ ଅଥିତିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନଓଜ୍ଞାପନ କରିଥିଲେ !ଏହା ପରେ ଅଥିତିଗଣ ପ୍ରଭୁ ଜଗନ୍ନାଥ ନିକଟରେ ଫୁଲ, ଧୂପ, ଦୀପ ଦେଇ ଶିଳାନ୍ୟାସ କରି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ସହରାଂଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରଧାନିଗୁଡା, ମାଲକାନଗିରିର ଶୁଭ ଉଦଘାଟନ କରିଥିଲେ ଓ ଏହା ସହ ବରେଣ୍ୟ ଅଥିତିଗଣ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ବିଭାଗକୁ ପରିଦର୍ଶନ କରିବା ସହ ସ୍ୱାସ୍ଥ୍ୟ କର୍ମୀ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ସ୍ଥାନୀୟ ଜନ ସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗେଇଦେବା ନିମନ୍ତେ ଆଲୋଚନା କରିଥିଲେ।

ଏହାପରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରସଭା ଗୃହରେ ଏକ ସାଧାରଣ ସଭା ଆୟୋ ଜନ କରା ଯାଇଥିଲା ଓ ଏହି ସଭାରେ ମାନ୍ୟବର ସାଂସଦ, ନବରଙ୍ଗପୁର ଉପସ୍ଥିତ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ରରେ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ଏବଂ ସ୍ୱାସ୍ଥ୍ୟ କର୍ମୀ, ସ୍ୱାସ୍ଥ୍ୟ ଅଧିକାରୀ ଙ୍କୁ ନିରବଚ୍ଛିନ୍ନ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ ଓ ମାନ୍ୟବର ବିଧାୟକ, ମାଲକାନଗିରି ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରୁଥିବା ଜନସାଧାରଣ ଯେପରି ସମସ୍ତ ପ୍ରକାର ସ୍ୱାସ୍ଥ୍ୟ ସୁବିଧା ପାଇବେ ସେ ବିଷୟରେ ଉପସ୍ଥିତ ଅଧିକାରୀ ଏବଂ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ଓ ଜିଲ୍ଲା ପରିଷଦ ସଭାପତି, ମାଲକାନଗିରି ଜନସାଧାରଙ୍କ ସ୍ୱାସ୍ଥ୍ୟ ସମସ୍ୟା ଓ ତୁରନ୍ତ ସେବା ଯୋଗାଇଦେବା ସମ୍ପର୍କରେ ବୁଝେଇଥିଲେ ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ମଧ୍ୟ ସ୍ଥାନୀୟ ବାସିନ୍ଦା କିପରି ସରକାରଙ୍କ ପ୍ରାଥମିକ ସ୍ୱାସ୍ଥ୍ୟ ସୁବିଧା ପାଇବେ ଏବଂ ସ୍ୱାସ୍ଥ୍ୟ କେନ୍ଦ୍ରରେ ଉପଲବଧ ବିଭିନ୍ନ ପରୀକ୍ଷଓ ବିଷୟରେ ଉଦବୋଧନ ଦେଇଥିଲେ।

ଏହି ଉଦଘାଟନ କାର୍ଯ୍ୟକ୍ରମରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଡା. ଅଭିଷେକ ମିଶ୍ର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କର୍ମଚାରୀ, ଜିଲ୍ଲା ସ୍ତରୀୟ ଅଧିକାରୀଗଣ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।

# ଡିସେମ୍ବର ୮ରୁ ଚିପିଲିମାରେ ସପ୍ତାହବ୍ୟାପୀ ଧନୁଯାତ୍ରା ଉତ୍ସବ

ସମ୍ବଲପୁର,୨୫/୧୧ (ନି.ପ୍ର): ସମ୍ବଲପୁର ଜିଲ୍ଲା ଧନକୌଡା ବ୍ଲକ ଚିପିଲିମାରେ ୪ର୍ଥ ଧନୁଯାତ୍ରା ଆସନ୍ତା ୮ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ୭ଦିନ ଧରି ମହାସମାରୋହ ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବାବେଳେ ସମସ୍ତ ରୀତିନୀତି ମଧ୍ୟରେ ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ଏହି ଅବସରରେ ଧନୁଯାତ୍ରା କମିଟି ସଭାପତି ସୁଶାନ୍ତ ବୁଢା ଓରପ କାଳିଆଙ୍କ ତତ୍ୱାବଧାନରେ କମିଟି ସଦସ୍ୟମାନେ ଘଂଟେଶ୍ୱରୀ ମାଁଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରି ଅଜ୍ଞାମାଳ ନେଇ ଆସି ଧନୁଯାତ୍ରା ପଡିଆରେ ସ୍ଥାପନ କରିଥିଲେ । ପରେ ସମସ୍ତ ରୀତିନୀତି ମଧ୍ୟରେ ପୂଜାର୍ଚ୍ଚନା ପରେ ଅଂଚଳର ବରିଷ୍ଠ ନାଗରିକମାନଙ୍କ ପାଦଧୋଇ ପୁଷ୍ପମାଲ୍ୟ, ଓପଢ଼ୋକନ ଦେଇ ସମ୍ମାନୀତ କରାଯାଇଥିଲା। କର୍ତ୍ତା ଭାବରେ ଗୌନ୍ତିଆ ଭୀଷ୍ମଦେବ ପଣ୍ଡା ସପତ୍ନୀକ ଦାୟିତ୍ୱ ସମ୍ପାଦନ କରିଥିବାବେଳେ, ସମସ୍ତ ପୂଜାକାର୍ଯ୍ୟକୁ ପଣ୍ଡିତ ସାହିଲ ଦାଶ ପରିଚାଳନା କରିଥିଲେ। ଶୁଭସ୍ଥାପନ କାର୍ଯ୍ୟକ୍ରମରେ କମିଟିର ସମସ୍ତ କର୍ମକର୍ତ୍ତା, ସଦସ୍ୟ ସମେତ ଜନସାଧାରଣ ସହଯୋଗ କରିଥିଲେ । ପ୍ରକାଶ ଥାଉକି ଚଳିତ ଧନୁଯାତ୍ରାରେ ବରଗଡ ଧନୁଯାତ୍ରା ପୂର୍ବତନ କଂସ ମହାରାଜ ହୃଷିକେଶ ଭୋଇ ଦ୍ୱିତୀୟ ଥରପାଇଁ କଂସ ଭୂମିକା ନିର୍ବାହ କରିବେ ବୋଲି ଜଣାପଡିଥିବାବେଳେ, ଏନେଇ ରୀତିନୀତି ଅନୁସାରେ କଂସ ବରଣ ମଧ୍ୟ ଅନୁଷ୍ଠିତ ହୋଇଯାଇଛି।

# କୁମାରବସ୍ତ ଲୋକନାଥଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଯଦୁପୁର ଓ ମଞ୍ଚେଶ୍ୱର ବିଜୟୀ

ଖୋର୍ଦ୍ଧା,୨୫/୧୧ (ନି.ପ୍ର): ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ଖେଳପଡିଆ ଠାରେ ରାଇଜିଙ୍ଗଷ୍ଟାର କ୍ରିକେଟ କ୍ଲବ, କୁମାରବସ୍ତ ଆନୁକୂଲ୍ୟରେ ଲୋକନାଥଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟ ର ପ୍ରଥମ ମ୍ୟାଚରେ ଯଦୁପୁର ଦଳ ଗଙ୍ଗପଡ଼ା ଦଳ କୁ ୫ଓ୍ୱିକେଟରେ ପରାସ୍ତ କରିଛି । ଗଙ୍ଗପଡ଼ା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭର ରେ ୧୦୨ ରନ୍ ସଂଗ୍ରହ କରିଥିଲେ । ଜବାବରେ ଯଦୁପୁର ଦଳ ୧୨ ଓଭର ରେ ଆବଶ୍ୟକ ୧୦୫ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଶ୍ରେଷ୍ଠ ଖେଳାଳି ଏମ ଡି ତବ୍ରିଜ୍ ଙ୍କୁ ସମାଜସେବୀ ନରେନ୍ଦ୍ର ବରାଳ ପୁରସ୍କୃତ କରିଥିଲେ। ଦ୍ୱିତୀୟ ମ୍ୟାଚ (ନନ ଆଧାର) ଟସ୍ ରେ ବିଜୟ ଲାଭ କରି ମଞ୍ଚେଶ୍ୱର ଦଳ ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ମଞ୍ଚେଶ୍ୱର୍ ଦଳ ନିର୍ଦ୍ଧାରିତ ୧୭.୫ ଓଭରରୁ ସମସ୍ତ ଓ୍ୱିକେଟ ହରାଇ ୧୨୮ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ରାକେଶ ସାହୁ ୫୧ ରନ୍ ସଂଗ୍ରହ କରିଥିଲେ। ଜବାବରେ ଢେଙ୍କାନାଳ ଦଳ ନିର୍ଦ୍ଧାରିତ ୧୫ ଓଭର ରେ ସମସ୍ତ ଓ୍ୱିକେଟ ହରାଇ ୮୭ ରନ୍ ରେ ସିମିତ ରହି ପରାଜିତ ହୋଇଥିଲ। ଦଳ ପକ୍ଷରୁ ମନୋଜ ବାରିକ ୩ ଟି ଓ୍ୱିକେଟ ନେଇ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇ ସମାଜସେବୀ ଗୋବର୍ଦ୍ଧନ ହାତୀ, ସଞ୍ଜୟ ପାଇକରାୟଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଖେଳଟିକୁ ପରିଚାଳନା କରୁଥିଲେ ତୁଷାର କାନ୍ତ ସୁନ୍ଦରାୟ, ପ୍ରୀତିରଞ୍ଜନ ବିଜୟିସିଂ,ସାନୁଜ ବିଶ୍ୱାଳ ଓ ଆଲୋକ ରଂଜନ ଜେନା। ସ୍କୋରର ଦାୟିତ୍ୱରେ ପ୍ରକାଶ ସାହୁ,ଅଭିଜିତ ସାମନ୍ତରାୟ ଓ ସୂର୍ଯ୍ୟ ପ୍ରତାପ ଗଜେନ୍ଦ୍ର ରହିଥିଲେ। ଭାଷ୍ୟକାର ଭାବେ ଅବ୍ୟକ୍ତ ହରିହର ଖାଡ଼ୁଙ୍ଗା,ପ୍ରଶାନ୍ତ ନାଟୁଆ ଓ ଅମୀୟ ପ୍ରଧାନ କାର୍ଯ୍ୟ କରିଥିଲେ। କାଜଲ ବଳିୟାର ସିଂ ମ୍ୟାଚ ରେଫରୀ ଦାୟିତ୍ୱ ତୁଲାଇଥିଲେ । ବୁଧବାର ପ୍ରଥମ ମ୍ୟାଚ୍ ସୁଆଙ୍ଗ ବନାମ ମୁକୁନ୍ଦ ପ୍ରସାଦ ଏବଂ ଦ୍ୱିତୀୟ ମ୍ୟାଚ ଅଟ୍ରି ବନାମ ମଞ୍ଚେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ଦୁର୍ଯ୍ୟୋଧନ ପରିଡା ଜଣାଇଛନ୍ତି।

# ନୂଆପଡାରେ ଜିଲ୍ଲାସ୍ତରୀୟ ସଡକ ସୁରକ୍ଷା କମିଟି ଓ ଆମ ବସ୍ ଷ୍ଟାଣ୍ଡ ନୋଡାଲ କମିଟି ବୈଠକ ଅନୁଷ୍ଠିତ

ନୂଆପଡା,୨୫/୧୧ (ନି.ପ୍ର): ନୂଆପଡା ମୁଖ୍ୟାଳୟ ସଭାଗୃହରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ଜିଲ୍ଲାସ୍ତରୀୟ ସଡକ ସୁରକ୍ଷା କମିଟୀ ଓ ଆମ ବସ୍ ଷ୍ଟାଣ୍ଡ ନୋଡାଲ କମିଟି ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଇତ, ଉପ ଜିଲ୍ଲାପାଳ ସୁର୍ମି ସୋରେନ୍, ସି ଡି ଏମ୍ ଓ ଡଃ ଧନେଶ୍ୱର ସେଠୀ, ଆଡିସନାଲ ଏସ୍ ପି ରଣଜିତ୍ ନାୟକ,ଅତିରିକ୍ତ ଜିଲ୍ଲା ଉନ୍ନୟନ ଅଧିକାରୀ କ୍ଷମାନିଧୀ ଭୋଇ , ଡେପୁଟୀ କଲେକ୍ଟର ଶେଖ୍ ନସିମ,ଆଞ୍ଚଳିକ ପରିବହନ ଅଧିକାରୀ ଶର୍ମିଳା ମହାରଣା, ଅବକାରୀ ଅଧିକ୍ଷକ ସଂଘମିତ୍ରା ପ୍ରଧାନ , ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଡଃ ରେଶମ ଲାଲ୍ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଜିଲ୍ଲାପାଳ ସମସ୍ତଙ୍କୁ ସମ୍ବୋଧନ କରି କହିଲେ ଜିଲ୍ଲାରେ ସଡକ ଦୁର୍ଘଟଣାରେ ଚାଲି ଯାଉଥିବା ଅମୂଲ୍ୟ ଜୀବନକୁ ଆମକୁ ବଞ୍ଚାଇବାକୁ ପଡ଼ିବ । ଏଥିପାଇଁ ଆମକୁ ସଚେତନ ହେବା ସହିତ ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କରିବା କୁ ପଡ଼ିବ । ବୈଠକରେ ପୂର୍ତ୍ତବିଭାଗ ଅଧିକ୍ଷଣ ଯନ୍ତ୍ରୀ ଶଶାଙ୍କ ଶେଖର ଶୁକ୍ଳା ପୂର୍ବ ବୈଠକର ବିବରଣୀ ସହ ଆଗାମୀ ମାସର ବହୁବିଧ କାର୍ଯ୍ୟକ୍ରମ ଉପସ୍ଥାପନ କରିଥିଲେ ।ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଗଲା ଯେ ଆଗାମୀ ଦିନରେ ହେଲମ୍ୟାଟ ଚେକିଂ ଉପରେ ଗୁରୁତ୍ୱ ଦେବା ସହ ସପ୍ତାହର ପ୍ରତିଦିନ ହେଲମେଟ ନାହିଁ ତ ପେଟ୍ରୋଲ ନାହିଁ (ନୋ ହେଲମେଟ ନୋ ପେଟ୍ରୋଲ) ଚେକିଂ କଡ଼ାକଡ଼ି କରାଯିବ । ଏହାକୁ ସମସ୍ତ ବିଡ଼ିଓ ତହସିଲଦାର ଓ ଆର୍ ଟି ଓ ତଦାରଖ କରିବେ। ନାବାଳକ ଏବଂ ମଦ୍ୟପ ଗାଡିଚାଳକମାନଙ୍କ ଉପରେ ବିଶେଷ ନଜର ରଖାଯିବ। ଆର୍ ଟି ଓ, ପୋଲିସ୍ ବିଭାଗ ଓ ଅବକାରୀ ବିଭାଗ ଅନେକ ସମୟରେ ମିଳିତ ଭାବରେ ଗାଡ଼ି ଚେକିଙ୍ଗ କରିବେ । ବିଜୁ ଏକ୍ସପ୍ରେସ ଓ୍ୱେ ରେ ଯେଉଁ ଜାଗା ମାନଙ୍କୁ ବେଶି ଦୁର୍ଘଟଣା ହେଉଛି ସେଇଠି ଜନ ସଚେତନତା ସୃଷ୍ଟି କରାଯିବା ସହିତ ସାଇନେଜ୍ ଲଗାଯିବ। ରାସ୍ତା କଡ ସ୍କୁଲ ମାନଙ୍କରେ ପିଲା ମାନଙ୍କୁ ବିଶେଷ ଭାବରେ ସଚେତନ କରାଯିବ । ରାସ୍ତାକଡ ମୁକୁଳା ଡ୍ରେନ ସବୁ ଅତିଶିଘ୍ର ବନ୍ଦ ବନ୍ଦ ହେବ । ଖଡିଆଳ ସହରରେ ଟ୍ରାଫିକ ସିଗ୍ନାଲ ଲାଗିବ କ୍ଷ ସମୀକ୍ଷା ରୁ ଜଣାଗଲା ଯେ ୨୦୨୫ ବର୍ଷରେ ଅକ୍ଟୋବର ପର୍ଯ୍ୟନ୍ତ ୯୪ ଟି ଦୁର୍ଘଟଣା ରେ ୧୧୯ ଜଣ ମୃତ୍ୟୁ ବରଣ କରିଛନ୍ତି ଓ ୬୨ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି । ଅକ୍ଟୋବର ମାସରେ ୨୪ ଜଣ ମଦ୍ୟପ ଡ୍ରାଇଭର ଏବଂ ୪୫୮ ଜଣ ବିନା ହେଲମେଟ ଚାଳକ ଙ୍କୁ ଫାଇନ ପଡ଼ିଛି କ୍ଷ ୫ ଟି ଗାଡ଼ି ଜବତ କରା ଯାଇଛି । ଜିଲ୍ଲାପାଳ କହିଲେ ଯେ ଜିଲ୍ଲାରେ ଦୁର୍ଘଟଣା ରୋକିବା ପାଇଁ ବ୍ୟାପକ କାର୍ଯ୍ୟକ୍ରମ ଗ୍ରହଣ କରିବା ସହିତ ସମସ୍ତଙ୍କୁ ଏ ବିଷୟରେ ସଚେତନ କରିବାକୁ ପଡିବ । ଏଥିରେ ଲୋକ ପ୍ରତିନିଧି, ସ୍ୱେଚ୍ଛାସେବୀ ସଂଗଠନ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଛାତ୍ରଛାତ୍ରୀ ମାନଙ୍କୁ ସାମିଲ ହେବେ । ଆଞ୍ଚଳିକ ପରିବହନ ଅଧିକାରୀ ଶର୍ମିଳା ମହାରଣା ଏହି ଶୂନ୍ୟ ମୃତାହତ ପକ୍ଷ ପାଳନ ଅବସରରେ ବିଭାଗ ଦ୍ୱାରା ନିଆ ଯାଇଥିବା ସଚେତନତା କାର୍ଯ୍ୟକ୍ରମର ସୂଚନା ପ୍ରଦାନ କରିଥିଲେ ।

# ଗୋଷ୍ଠୀ ଭିତ୍ତିକ ଓ ସାମାଜିକ ସଂଗଠନ କର୍ମୀଙ୍କୁ ନେଇ କର୍ମଶାଳା

ମାଲକାନଗିରି,୨୫/୧୧ (ନି.ପ୍ର): ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକ ସଦର ମହକୁମାରେ ଆଇଟିସି ମିଶନ ସୁନହରାକାଲ ସହଯୋଗରେ ପରିଚାଳିତ ଆଇଜିଡି ଏନଜିଓ ପକ୍ଷରୁ ଗୋଷ୍ଠୀ ଭିତିକ ଓ ସାମାଜିକ ସଂଗଠନ କର୍ମୀଙ୍କୁ ନେଇ ଏକ କର୍ମଶାଳା ଆଜି ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ବ୍ଲକ ସମ୍ମିଳନୀ କକ୍ଷରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ କରା ଯାଇ ଗ୍ରାମାଂଚଳରେ ମାତୃ, ଶିଶୁ ସ୍ୱାସ୍ଥ୍ୟ, କିଶୋର ସ୍ୱାସ୍ଥ୍ୟ, କୁପୋଷଣ ଦୂରୀକରଣ, ରକ୍ତହୀନତା ଦୁରୀକରଣ ସହ ସ୍ୱଚ୍ଛତା ବଜାଇ ରଖିବା ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଆଇଜିଡି ଏନଜିଓର ରାଜ୍ୟ ମୁଖ୍ୟ ଡଃ ମୁକେଶ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କାଳିମେଳା ବ୍ଲକର ଶ୍ୟାମ ସୁନ୍ଦର୍ ନାୟକ, ଓଡ଼ିଶା ଜିବିକା ମିଶନର ଅଧିକାରୀ ରତନ ଗୋଲଦାର, ସେବା ସଂସ୍ଥାର ସୁରେନ୍ଦ୍ରନାଥ ବାରିକ, ସୁଷ୍ଟି ସଂସ୍ଥାର ଶ୍ରୀନିବାସ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ଏନଜିଓ ଗୁଡ଼ିକ କିଭଳି ମିଳିତ ଭାବେ ଓ ଜଣେ ଆଉ ଜଣଙ୍କ କିଭଳି ଯୋଡି ହୋଇ ସାମାଜିକ ଉନ୍ନତିରେ ସାମିଲ ହୋଇ ପାରିବେ ସେ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି। ଏଥିସହ ଆଇଜିଡି ସଂସ୍ଥା ପକ୍ଷରୁ ଗ୍ରାମାଂଚଳରେ କୁପୋଷଣ ଓ ରକ୍ତହୀନତା ଦୂରକରିବା ପାଇଁ କ୍ଷୁଦ୍ର ଶସ୍ୟ କୁ ସମସ୍ତେ ନିଜର ଖାଦ୍ୟରେ ସାମିଲ କରିବାକୁ ଆହ୍ୱାନ ଦିଆଯାଇଛି। ଏହି କାର୍ଯ୍ୟକ୍ରମ ଅବସରରେ ପ୍ରତ୍ୟକ ଘରେ ମୋ ବଗିଚା ତିଆରି କରି ସୁଷମ ଖାଦ୍ୟ ଘରେ ଉତ୍ପାଦନ କରିବା ସହ ଆର୍ଥିକ ଭାବେ ମଧ୍ୟ ସମୃଦ୍ଧି ହୋଇପାରିବା ନେଇ ମତ ପ୍ରକାଶ ପାଇଥିଲା ।ସେଥିପାଇଁ ପ୍ରତ୍ୟକ ବ୍ୟକ୍ତିଙ୍କୁ ଅମୃତଭଣ୍ଡା, ଲେମ୍ବୁ, ସଜନା ଚାରା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମ ବେଳେ ପୂଜା ଚକ୍ରବର୍ତ୍ତୀ, ଗୋବିନ୍ଦ ସରଦାର, ଝିଲି ସିଲ, ନୟାମୀ ଖରା ଓ ଅଭୟ ମଣ୍ଡଳ ପ୍ରମୁଖ ସହଯୋଗ କରିଛନ୍ତି।

# ଦୁଇ ସାହି ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟଣା: ଗୋପବନ୍ଧୁ ନଗର ଅଞ୍ଚଳର ୩ ଅଭିଯୁକ୍ତ ଗିରଫ

ଜୟପୁର,୨୫/୧୧ (ନି.ପ୍ର): ଗୋପବନ୍ଧୁନଗର ଓ ବାପୁଜୀନଗର ଦୁଇଗୋଷ୍ଠୀ ମଧ୍ୟରେ ଗତ ଶୁକ୍ରବାର ଅପରାହ୍ନରେ ଏକ ପାରିବାରିକ ବିବାଦକୁ ନେଇ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ଗତକାଲି ଟାଉନଥାନାରେ ବାପୁଜୀନଗର ବାସିନ୍ଦାଙ୍କ ପକ୍ଷରୁ ଗୋପବନ୍ଧୁ ନଗରର ୨୦ ରୁ ଉର୍ଦ୍ଧ ଆକ୍ରମଣକାରୀ ସାମିଲ ହୋଇଥିବା ନେଇ ମାମଲା ରୁଜୁ ହେବା ପରେ ଆଜି ଜୟପୁର ଟାଉନ ପୁଲିସ ଗୋପବନ୍ଧୁ ନଗର ଅଞ୍ଚଳର ୩ଜଣ ଅଭିଯୁକ୍ତ ରମେଶ ମାଛ(୨୩), ରାଜୀବ ଖୋସ୍ଲା(୨୧),ହରି ନାଗ (୨୮)କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏହିପରି ଉଭୟ ସାହିର ସମୁଦାୟ ୬୦ ରୁ ଉର୍ଦ୍ଧ ଆକ୍ରମଣକାରୀ ସାମିଲ ରହିଥିବା ନେଇ ପରସ୍ପର ବିରୋଧରେ ମାମଲା ରୁଜୁ ହୋଇଛି।

# ବଡସାହି ବ୍ଲକସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଯାପିତ




ବଡସାହି , ୨୬/୧୧ (ନି.ପ୍ର): ବଡ଼ସାହି ବ୍ଲକର ବିଜୟ ଉଚ୍ଚ ବିଦ୍ୟାଳୟ ବାଘମରା ରେ ବ୍ଲକ ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଅଛି । ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ମହାନ୍ତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ।ପ୍ରଧାନ ଶିକ୍ଷକ ତଥା ବିଜ୍ଞାନମେଳା ର ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସାହୁ ବିଜ୍ଞାନମେଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ମଧୁସ୍ମିତା ଗିରି ଅଧ୍ୟକ୍ଷତା କରିଥିଲେ ,ମୁଖ୍ୟ ଅତିଥି ଅତିରିକ୍ତ ଶିକ୍ଷା ଅଧିକାରୀ ଗୌତମ ପାତ୍ର ଆନୁଷ୍ଠାନିକ ଭାବରେ ଉଦ୍‌ଘଟାନ କରିବା ସହିତ ପତାକା ଉତ୍ତୋଳନ କରିଥିଲେ , ସ୍ୱତନ୍ତ୍ର ଅତିଥି ସହକାରୀ ପ୍ରାଧ୍ୟାପକ ସରୋଜ କୁମାର ନାୟକ , ମୁଖ୍ୟ ବକ୍ତା ବରିଷ୍ଠ ବୈଜ୍ଞାନିକ ଡି.ଆର.ଡି.ଓ ସୁଭାଶିଶ ମାରାଣ୍ଡି , ସମ୍ମାନୀୟ ଅତିଥି ତହସିଲଦାର ବଡସାହି କରୁଣାକର ଧିନ୍ଦା ସରପଞ୍ଚ ତଅପଇ ସିଂ ଯୋଗଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଅନୁସନ୍ଧାନ ମୋନବୃତ୍ତି ତଥା ବିଜ୍ଞାନ ଚିନ୍ତାଧାରାରେ ଉଦବୋଧ ହେବା ପାଇଁ ପରାମର୍ଶ ଦେଇଥିଲେ । ବିଚାରକ ଭାବରେ ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ସୁଦର୍ଶନ ପଣ୍ଡା , ନଳିନୀ ଚୌଧୁରୀଙ୍କୁ ମୂଲ୍ୟନଙ୍କରେ ଦେବରାଜ ନାୟକ ଓ ତପନ କୁମାର ଦାସ ସହଯୋଗ କରିଥିଲେ । ପୋଷଣୀୟ କୃଷି, ଆବର୍ଜନା ବିନିଯୋଗ , ଆଧୁନିକ ବୈଷୟିକ ବିଜ୍ଞାନ ଓ ଆନନ୍ଦ ଦାୟିକ ଗାଣିତିକ ମୋଟ ୧୪୧ ପ୍ରକଳ୍ପ ବିଭିନ୍ନ ବିଦ୍ୟାଳୟର ଛାତ୍ର ଛାତ୍ରୀ ତଥା ଶିକ୍ଷକ ବୃନ୍ଦ ପ୍ରଦର୍ଶିତ କରିଥିଲେ। କାର୍ଯ୍ୟକ୍ରମକୁ ବାଣୀଶ୍ରୀ ସିଂ , ବିଶ୍ୱନାଥ ସାହୁ , ଜୟନ୍ତ କୁମାର ଜେନା ଓ ନିରୋଦ ସୁନ୍ଦର ଜେନା ମିଳିତ ଭାବେ ମଞ୍ଚ ପରିଚାଳନା କରିଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଉପାଧ୍ୟକ୍ଷ କାଞ୍ଚନ କୁମାର ପ୍ରଧାନ ଏବଂ ସ୍ୱତନ୍ତ୍ର ଅତିଥି ଭାବେ ସହକାରୀ ଗୋଷ୍ଠି ଶିକ୍ଷାଧିକାରୀ ଅଭିରାମ ନାଏକ ଉପସ୍ଥିତ ରହି ବିଜ୍ଞାନର ଅନୁସନ୍ଧାନ ପାଇଁ ଆଗ୍ରହ ଓ ଏକାଗ୍ରତା ରହିବା ପାଇଁ ଛାତ୍ର ଛାତ୍ରୀ ଶିକ୍ଷୟତ୍ରୀ ମାନଙ୍କୁ ଅତିଥି ବୃନ୍ଦ ଅନୁରୋଧ କରିଥିଲେ କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥି ବୃନ୍ଦ ପ୍ରମାଣ ପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ । ବାଘମାରା ଉଚ୍ଚ ବିଦ୍ୟାଳୟର ସଭାପତି ଶିଶିର କୁମାର ଦାସ , ସମସ୍ତ ଶିକ୍ଷକ ଓ ଅଣ ଶିକ୍ଷକ , ବ୍ଲକ ର ସମସ୍ତ ବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟତ୍ରୀ ସି.ଆର.ସି.ସି , ଜନସାଧାରଣ ତଥା ଆଞ୍ଚଳିକ ସ୍ୱେଚ୍ଛାସେବୀ ମାନେ ସହଯୋଗ କରିଥିଲେ ବିଜ୍ଞାନ ମେଳାର ଓଷ୍ଟାର ସମ୍ପାଦକ ଡକ୍ଟର ଡମ୍ବରୁ ଧର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳରେ ସମ୍ବିଧାନ ଦିବସ ପାଳିତ

ଭୁବନେଶ୍ୱର, ୨୬/୧୧ (ନି.ପ୍ର): ପ୍ରତିବର୍ଷ ୨୬ ନଭେମ୍ବରକୁ 'ସମ୍ବିଧାନ ଦିବସ' ଭାବରେ ପାଳନ କରିବା ପାଇଁ ଭାରତ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ, ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଗୁରୁତ୍ୱ ଏବଂ ଗର୍ବର ସହିତ ସମ୍ବିଧାନ ଦିବସ ପାଳନ କରିଛି । ଏହି ପାଳନର ଲକ୍ଷ୍ୟ ସାମ୍ବିଧାନିକ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା ଏବଂ ଭାରତୀୟ ସମ୍ବିଧାନର ଗୁରୁତ୍ୱ ବିଷୟରେ ଗଭୀର ସଚେତନତା ସୃଷ୍ଟି କରିବା ।

ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ଭାରତର ସମ୍ବିଧାନ ପ୍ରସ୍ତାବନାର ସାମୂହିକ ପାଠ । ମଣ୍ଡଳ ରେଳ ପ୍ରବନ୍ଧକ ଆଲୋକ ତ୍ରିପାଠି ରେଳମଣ୍ଡଳ ମୁଖ୍ୟାଳୟରେ ଏହି ପାଳନର ନେତୃତ୍ୱ ନେଇଥିବାବେଳେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ପି. କେ. ବେହେରା ଏବଂ ଶୁଭ୍ରଜ୍ୟୋତି ମଣ୍ଡଳଙ୍କ ସହିତ ସମସ୍ତ ବରିଷ୍ଠ ଶାଖା ଅଧିକାରୀ ଏବଂ କର୍ମଚାରୀମାନେ ଯୋଗ ଦେଇଥିଲେ ।

ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଅଧୀନରେ ଥିବା ସମସ୍ତ କାର୍ଯ୍ୟାଳୟ, ବିଭାଗ, କ୍ଷେତ୍ର ୟୁନିଟ୍, ଷ୍ଟେସନ, ଡିପୋ ଏବଂ ଦୂରବର୍ତ୍ତୀ କାର୍ଯ୍ୟସ୍ଥଳରେ ଏକକାଳୀନ ସମ୍ବିଧାନ ଦିବସ ପାଳନ କରାଯାଇଥିଲା । ବିଭିନ୍ନ ଷ୍ଟେସନ ଏବଂ କାର୍ଯ୍ୟସ୍ଥଳରେ ନିୟୋଜିତ ରେଳ ଅଧିକାରୀ ଏବଂ କର୍ମଚାରୀମାନେ ସେମାନଙ୍କ ନିଜ ନିଜ ସ୍ଥାନରେ ପ୍ରସ୍ତାବନା ପାଠ କରି ସକ୍ରିୟ ଭାବରେ ଅଂଶଗ୍ରହଣ କରି ନ୍ୟାୟ, ସ୍ୱାଧୀନତା, ସମାନତା ଏବଂ ଭ୍ରାତୃତ୍ୱର ଆଦର୍ଶକୁ ବଜାୟ ରଖିବା ପାଇଁ ସେମାନଙ୍କର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଧାରଣ କରିଥିଲେ ।

# ପାରାଦୀପ ବନ୍ଦର ପକ୍ଷରୁ ସମ୍ବିଧାନ ଦିବସ ପାଳିତ



ପାରାଦୀପ, ୨୬/୧୧ (ନି.ପ୍ର): ଭାରତ ସମ୍ବିଧାନ ପ୍ରଣୟନର ୭୬ ବର୍ଷ ପୂର୍ତ୍ତି ପାଳନ ଅବସରରେ ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ଆଜି ଏକ ସ୍ୱତନ୍ତ୍ର ସମାରୋହ ଆୟୋଜିତ ହୋଇଯାଇଛି। ବନ୍ଦର ପ୍ରଶାସନିକ ଭବନ ପରିସରରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ମୁଖ୍ୟ ଅତିଥି ଭାବେ ବନ୍ଦର ଅଧ୍ୟକ୍ଷ ପିଏଲ୍ ହରନାଦ ଯୋଗ ଦେଇ ବନ୍ଦର ଅଧିକାରୀ, କର୍ମଚାରୀମାନଙ୍କ ଉପସ୍ଥିତିରେ ସମ୍ବିଧାନ ପାଠ କରିଥିଲେ । ଦେଶର ଉନ୍ନତି ଓ ପ୍ରଗତିରେ ସମ୍ବିଧାନର ଗୁରୁତ୍ୱ ରହିଛି । ଆମ ଦେଶର ଏକତା, ଅଖଣ୍ଡତା ପାଇଁ ସମ୍ବିଧାନ ଗୁରୁତ୍ୱ ବହନ କରେ ବୋଲି ଅଧ୍ୟକ୍ଷ ଶ୍ରୀ ହରନାଦ ବକ୍ତବ୍ୟ ରେ କହିଥିଲେ । ଆମ ଦେଶର ପୂର୍ବସୂରୀମାନଙ୍କ ଦୂରଦୃଷ୍ଟି ଆମ ଦେଶରେ ଗଣତନ୍ତ୍ରକୁ ଏକ ମଜଭୂତ ସ୍ଥିତ ଦେଇପାରିଛି । ଦେଶର ନାଗରିକମାନଙ୍କ ମୌଳିକ ଅଧିକାରର ସୁରକ୍ଷା ଦେବାରେ ସମ୍ବିଧାନ ଗୁରୁତ୍ୱବହନ କରିଆସିଛି । ଦେଶର ନାଗରିକମାନଙ୍କ ନ୍ୟାୟ, ସ୍ୱାଧୀନତା, ସମାନତା ଓ ଭ୍ରାତୃତ୍ୱ ରକ୍ଷା ଦିଗରେ ଭାରତର ସମ୍ବିଧାନ କାର୍ଯ୍ୟ କରି ଆସୁଛି । ପାରାଦୀପ ବନ୍ଦର ଦେଶର ସମ୍ବିଧାନର ସୁରକ୍ଷା ଦିଗରେ ସବୁବେଳେ କାର୍ଯ୍ୟ କରିଆସିଛି । ଏହି ଅବସରରେ ପାରାଦୀପର କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏକତ୍ରିତ ହୋଇ ସମ୍ବିଧାନ ପାଠ କରିଥିଲେ । ପରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହିତ ଆମ ଦେଶର ଗଣତାନ୍ତ୍ରିକ ଭିତ୍ତିଭୂମି ଉପରେ ଏକ ସ୍ୱତନ୍ତ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା ।

# ପାନଦୋକାନୀ ପୁଅ ହେବେ ବଡବାବୁ: ପରିବାର ସମେତ ଅଞ୍ଚଳରେ ଖୁସିର ଲହର



ନୀଳଗିରି, ୨୬/୧୧ (ନି.ପ୍ର): ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି) ପରିଚାଳିତ ଦୁଇଦୁଇଟି ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଅଞ୍ଚଳପାଇଁ ଗୌରବ ଅର୍ଜନକରିଛନ୍ତି ନୀଳଗିରି ମାଟିର ପୁଅ ଜୀତେନ୍ଦ୍ର ନାୟକ। ଗତ ୨୦୨୫ମସିହା ନଭେମ୍ବର ମାସରେ ପ୍ରକାଶିତ ହୋଇଥିବା ୨୦୨୩/୨୪ ମସିହାରେ ଓଡ଼ିଶା ସିଭିଲସର୍ଭିସ ପରୀକ୍ଷାରେ ବନ୍ୟପ୍ରାଣୀ ଅଧିକାରୀ (ରେଞ୍ଜର) ପଦବୀପାଇଁ ହୋଇଥିବା ପରୀକ୍ଷାର ୨୬ତମ ସ୍ଥାନ ପାଇଥିବା ଶ୍ରୀମାନ ନାୟକ ୨୦୨୪/୨୫ ମସିହାରେ ମଧ୍ୟ ସିଭିଲ ସର୍ଭିସ ପରୀକ୍ଷାଦେଇ ମୃତ୍ତିକା ସଂରକ୍ଷଣ ବିଭାଗର ସହକାରୀ ଅଧିକାରୀ ପଦବୀ ପାଇଁ ୨୦ତମ ସ୍ଥାନ ହାସଲକରି ଏକସଙ୍ଗେ ଦୁଇଦୁଇଟି ପରୀକ୍ଷାରେ କୃତକାର୍ଯ୍ୟ ହୋଇ ପରିବାର ସମେତ ନୀଳଗିରି ପାଇଁ ଗୌରବଅର୍ଜନ କରିଛନ୍ତି ।ସେଦିନ ମୁଣ୍ଡକୁ ତଳକୁ କରି ପଢୁଥିବା ପିଲାଟି ଆଜି ମୁଣ୍ଡକୁ ଉପରକରି ଚାଲିବା ସହିତ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି ।ସାର୍ଥକ ପରିଶ୍ରମ, ଅଦମ୍ୟ ଚେଷ୍ଟା,ଦୃଢ ପ୍ରତୀଜ୍ଞ ସଫଳତାର ସ୍ୱାଦ ଚଖାଇଲା ଭଳି ନୀଳଗିରି ବ୍ଲକ ଅନ୍ତର୍ଗତ କଣ୍ଟାବଣିଆ ଗ୍ରାମରେ ଶ୍ରୀଯୁକ୍ତ ବିଜୟ କୁମାର ନାୟକ ଓ ଶ୍ରୀମତୀ ଆରତୀ ନାୟକଙ୍କ ସୁପୁତ୍ର ଜିତେନ୍ଦ୍ର ଏବେ ଦୃଢ ପ୍ରତିଜ୍ଞାବଦ୍ଧ କଠୋର ସାଧନା ବ୍ରତୀ ଆଶାୟୀ ଛାତ୍ରଛାତ୍ରୀଙ୍କ ପ୍ରତି ଏକ ଉଦାହରଣ। ସେ ଜଣେ ଏମିତି ଏକ ସଫଳବ୍ୟକ୍ତିତ୍ୱ ଯିଏ ଏକକାଳୀନ ଓଡ଼ିଶା ଲୋକସେବା ଆୟୋଗ ପରିଚାଳିତ ଦୁଇଟି ପରୀକ୍ଷାରେ କୃତକାର୍ଯ୍ୟ ହୋଇ ନିଜ ପରିବାର ତଥା ନିଜ ଅଞ୍ଚଳକୁ ଗୌରବାନିତ୍ୱ କରିଛନ୍ତି । ଅଧୁନା ସେ ଉଭୟ ମୃତ୍ତିକା ସଂରକ୍ଷଣ ଏବଂ ବନ୍ୟ ବିଭାଗ ଅଧିକାରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ । ସରକାରୀ ଚାକିରୀ ଖଣ୍ଡିଏ ପାଇବାକୁ ଆହାରୀ ହେଉଥିବା ଆଜିର ପିଢି ପାଇଁ ଏ କୋଉ କମ ବଡ କଥା, ବିଦ୍ୟାର୍ଜନର ମୂଳଦୁଆ ବିଷ୍ଣୁପ୍ରିୟା ବିଦ୍ୟାଳୟରୁ ଆରମ୍ଭ କରି ଡକ୍ଟରେଟ ସମ୍ମାନଜନକ ଉପାଧି ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରୁ ଗ୍ରହଣ କରି ନିଜର ଅଧ୍ୟୟନର ସମାପ୍ତି କରିଥିଲେ । ପରବର୍ତ୍ତୀ ମୂହୁର୍ତ୍ତ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ନିଜର ଶିକ୍ଷକତା ଜୀବନ ଆରମ୍ଭ କରି ଅନେକ ଛାତ୍ରଛାତ୍ରୀଙ୍କ ପ୍ରାଣଙ୍କୁ ଉଦବୁଦ୍ଧ କରିଥିଲେ । ବିଫଳତା କେତେବି ଆଘାତ ଦେଉନା କାହିଁକି ଦୃଢମନୋବଳ ଓ ଅଦମ୍ୟ ଚେଷ୍ଟା, ପରିଶ୍ରମ ଯେ ସଫଳତାର ରାସ୍ତାର ଯାତ୍ରୀ କରାଏ , ତାହା ଆଜି ପ୍ରମାଣିତ । ବାପାଙ୍କର ପ୍ରେରଣା ମା'ର ଆଶୀର୍ବାଦ , ଭଉଣୀ ଜୟଶ୍ରୀ ନାୟକ , ଦେବୀଦତ୍ତା ନାୟକ ଓ ଶୁଭଶ୍ରୀ ନାୟକଙ୍କର ପ୍ରାର୍ଥନା ଆଜି ତାଙ୍କୁ ସଫଳ କରାଇଛି । ଗୋଟେ ପାନଦୋକାନୀର ପୁଅ ଯେ କେବେ ଗୋଟେ ବଡ ଅଫିସର ହେଇ ନିଜ ବାପାଙ୍କ ଝାଳର ମୂଲ୍ୟକୁ ଚରିତାର୍ଥ କରିବ ଓ ମାଆ ଆଖିକୋରଡ଼ର ସ୍ୱପ୍ନ ସବୁକୁ ବାସ୍ତବରେ ରୂପରେଖ ଦେବ ତଥା ସାନ ଭଉଣୀର ଆଶା ଆକାଂକ୍ଷାକୁ ସାକାର କରିବ ତାହା କାହାକୁ ବା ଜଣାଥିଲା ! ଏବେ କିନ୍ତୁ ସାରା ପରିବାର ଜ୍ଞାତିକୁଟୁମ୍ବ ଅଞ୍ଚଳବାସୀ ସଭିଏଁ ଖୁବ ଖୁସି । ଏମିତି ତା ଉପରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ଆଶୀର୍ବାଦ ଓ କୃପାଦୃଷ୍ଟି ବଜାୟ ରହୁ ଏବଂ ତାର ଉତ୍ତରୋତ୍ତର ଉନ୍ନତି ହେଉବୋଲି ସଭିଙ୍କର ଆଶା ଓ ବିଶ୍ୱାସ ।

# ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ଅବସରରେ ଏକତା ପଦଯାତ୍ରା ଅନୁଷ୍ଠିତ

ବାଲେଶ୍ୱର , ୨୬/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ତଥା ଭଦ୍ରକ ସଂସଦୀୟ କ୍ଷେତ୍ରର ସିମୁଳିଆ ନିର୍ବାଚନ ମଣ୍ଡଳୀରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଙ୍କ ୧୫୦ ତମ ଜୟନ୍ତୀ ସମାରୋହ ଅବସରରେ ଏକତା ପଦଯାତ୍ରା ଗାଁ ମର୍କୋଣ। ସ୍କୁଲ ଠାରୁ ଆରମ୍ଭ କରି ବଙ୍ଗର ଖଡିଗଡିଆଠାରେ ସମାପନ ହୋଇଥିଲା । ଏହି ଲୌହ ମାନବ ଙ୍କ ୧୫୦ ତମ ଜୟନ୍ତୀ ପାଳନ ପରିପ୍ରେକ୍ଷୀରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ଭଦ୍ରକ ସାଂସଦ ଶ୍ରୀଯୁକ୍ତ ଅଭିମନ୍ୟୁ ସେଠୀ, ମାନ୍ୟବର ସିମୁଳିଆ ବିଧାୟକ ଶ୍ରୀଯୁକ୍ତ ପଦ୍ମ ଲୋଚନ ପଣ୍ଡା, ବାଲେଶ୍ୱର ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀଯୁକ୍ତ ସୁଧାକର ନାୟକ, ସଦର ବାଲେଶ୍ୱର ଉପ ଜିଲ୍ଲାପାଳ ଶ୍ରୀଯୁକ୍ତ ଶ୍ରି ମାଲବ୍ୟ, ଅନ୍ୟାନ୍ୟ ବରେଣ୍ୟ ସମ୍ମାନୀତ ଅତିଥି ମାନଙ୍କ ମଧ୍ୟରେ ସିମୁଳିଆ ବ୍ଲକର ଅଧ୍ୟକ୍ଷ ଶ୍ରୀଯୁକ୍ତ ବାବାଜୀ ଚରଣ ମଲ୍ଲିକ,ଖଇରା ବ୍ଲକର ଅଧ୍ୟକ୍ଷା ଶ୍ରୀମତୀ ଅଭିଲିପସା ସାହୁ, ବାହାନଗା ବ୍ଲକ ଅଧ୍ୟକ୍ଷ ଶ୍ରୀଯୁକ୍ତ ବିଶ୍ୱନାଥ ମିଶ୍ର, ଜିଲ୍ଲା ପରିଷଦ ସଦସ୍ୟ ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ସାହୁ, ନାଗରିକ ମଞ୍ଚ ପ୍ରତିନିଧି ଶ୍ରୀଯୁକ୍ତ ଈଶ୍ୱର ଚନ୍ଦ୍ର ବେହେରା, ସମାଜସେବୀ ଡ.ଅଂଶୁମାଧବ ପଣ୍ଡା, ସିମୁଳିଆ ବ୍ଲକର ଉପାଧ୍ୟକ୍ଷ। ଶ୍ରୀମତୀ ହିମାଦ୍ରି ନନ୍ଦିନୀ ମହାପାତ୍ର ଏବଂ ସିଭିଲ ସୋସାଇଟି ସଦସ୍ୟ ଶ୍ରୀଯୁକ୍ତ ପର୍ଶୁରାମ ଧଡା ପ୍ରମୁଖ ମଞ୍ଚ ସିନ ଥିଲେ। ଏକତା ପଦଯାତ୍ରା ଶୁଭାରମ୍ଭ ପୂର୍ବରୁ ମୁଖ୍ୟ ଅତିଥି ସମେତ ଅନ୍ୟାନ୍ୟ ବରେଣ୍ୟ ସମ୍ମାନୀତ ଅତିଥି ଗଣ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତୀରେ ଧୂପ,ଦୀପ ଓ ମାଲ୍ୟାର୍ପଣ ଏବଂ ଲୌହ ମାନବ ଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇଥିଲା ସମସ୍ତଙ୍କ ମନରେ ଜାତୀୟତା ବୋଧ ନିମନ୍ତେ ଜାତୀୟ ସଙ୍ଗୀତ ଏବଂ ବନ୍ଦେ ଉତ୍କଳଜନନୀ ବନ୍ଦନା ପରିବେଷଣ କରାଯାଇଥିଲା ।ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ଶ୍ରୀଯୁକ୍ତ ସୁଧାକର ନାୟକ ଆଜିର ଏହି କାର୍ଯ୍ୟକ୍ରମ ସମ୍ପର୍କ ସମ୍ୟକ୍ ବକ୍ତବ୍ୟ ରଖିଥିଲେ। ପରେ ପରେ ସ୍ଥାନୀୟ ବିଧାୟକ ଶ୍ରୀଯୁକ୍ତ ପଦ୍ମ ଲୋଚନ ପଣ୍ଡା ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଙ୍କ ଜୀବନୀ ଦର୍ଶନ ବ୍ୟାଖ୍ୟା କରିବା ସଙ୍ଗେ ସଙ୍ଗେ ସମଗ୍ର ଭାରତକୁ ଏକ ସୂତ୍ରରେ ବାନ୍ଧି ରଖିବା ପାଇଁ ଖଣ୍ଡ ବିଖଣ୍ଡିତ ଭାରତର କୋଣ ଅନୁକୋଣ ଗସ୍ତ କରି ୫୬୨ ଗଡ଼ଜାତ ରାଜ୍ୟ କୁ ମିଶ୍ରଣ କରିବାରେ ତାଙ୍କର ଭୂମିକା ଅବିସ୍ମରଣୀୟ ।ତେଣୁ ତାଙ୍କରି ସମ୍ମାନ ଶ୍ରଦ୍ଧା ପୂର୍ବକ ଏକତା ପଦଯାତ୍ରା ଆୟୋଜନ କରାଯାଉଅଛି ।ଏକ ଭାରତ,ଆତ୍ମ ନିର୍ଭର ଭାରତ ଏବଂ ଆସନ୍ତା ୨୦୩୬ ବିକଶିତ ଓଡ଼ିଶା,ବିକଶିତ ଭାରତ ନାରା ଉପରେ ଆଲୋକପାତ କରିଥିଲେ। ଆଜିର ଦିବସର ମୁଖ୍ୟ ଅତିଥି ମାନ୍ୟବର ଭଦ୍ରକ ସାଂସଦ ଶ୍ରୀଯୁକ୍ତ ଅଭିମନ୍ୟୁ ସେଠୀ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ କି ଆଜି ଆମେ ସମସ୍ତେ ସେଇ ମହାନ୍ ମନୀଷ ମାନଙ୍କ ତ୍ୟାଗପୂତ ଜୀବନ ସ୍ୱାଧୀନତା ସଂଗ୍ରାମର ସଂଘର୍ଷ ,ବଳିଦାନ ଉପରେ ଆଲୋକପାତ କରିଥିଲେ। ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଥିଲେ ଜଣେ ଅସାଧାରଣ ବ୍ୟକ୍ତିତ୍ୱ ଆଧାର ।ସେହି ମହାନ୍ ମନୀଷଙ୍କ ବଳିଷ୍ଠ ନେତୃତ୍ୱରେ ଭାରତ ନିଜର ପରିଚୟ ପାଇଛି ।ଆମେ ଆମ ମାତୃଭୂମି ଭାରତର ରାଷ୍ଟ୍ରୀୟ ସଂହତି ଏକତା ବଜାଇ ରଖିବାରେ ସମସ୍ତେ ଏକତା ସୂତ୍ରରେ ବାନ୍ଧି ହେବା ।ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର କରି ଆତ୍ମ ନିର୍ଭର ଶିଳ ଏବଂ ବିକଶିତ ଭାରତ, ବିକଶିତ ଓଡ଼ିଶା ସ୍ୱପ୍ନକୁ ସାକାର କରିବା ସେଥି ଉପସ୍ଥିତ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ପରେ ପରେ ବରେଣ୍ୟ ଅତିଥି ଗଣ ଏକ ପେଡ ମାକେ ନାମ ପେ ଅଭିଯାନ ରେ ଚାରା ରୋପଣ କରାଯାଇଥିଲା। ଚାରା ରୋପଣ ସମାପନ ମୁଖ୍ୟ ଅତିଥି ଭଦ୍ରକ ସଂସଦୀୟ କ୍ଷେତ୍ରର ମାନ୍ୟବର ସାଂସଦ ଶ୍ରୀଯୁକ୍ତ ଅଭିମନ୍ୟୁ ସେଠୀ ସମେତ ସମସ୍ତ ଅତିଥି ବୃନ୍ଦ ଆଜିର ଏହି ପଦଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ।ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଶ୍ରୀଯୁକ୍ତ ପଦ୍ମ ଲୋଚନ ପଣ୍ଡା ନେତୃତ୍ୱରେ ପରିଚାଳିତ ପଦଯାତ୍ରାରେ ସହସ୍ରାଧିକ ଛାତ୍ର ଛାତ୍ରୀ ଯୁବ ବର୍ଗ ସାଧାରଣ ଜନତା ସାମିଲ ହୋଇ ଗାଁ ମାର୍କୋନା ନୋଡାଲ ସ୍କୁଲ୍ ଠାରୁ ବାହାରି ବାଙ୍ଗର ଖଡିଗଡିଆ ଗ୍ରା. ପ.ନିକଟ ପଡ଼ିଆରେ ସମ୍ମିଳିତ ହୋଇଥିଲେ। ଏହି ଠାରେ ଏହି ପଦଯାତ୍ରା ସମାପନ କାର୍ଯ୍ୟକ୍ରମ ସ୍ଥଳରେ ଆୟୋଜିତ ସମାବେଶରେ ବରେଣ୍ୟ ମୁଖ୍ୟ ଅତିଥି ସମେତ ଅନ୍ୟାନ୍ୟ ବରେଣ୍ୟ ସମ୍ମାନୀତ ଅତିଥି ଗଣ ନିଜ ନିଜର ଅଭିଭାଷଣ ରଖିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ବାଣ ମାରିଲେ...

ଆସନରେ ଥିବେ ବୋଲି କହିଛନ୍ତି ଜୟନାରାୟଣ। ତାଙ୍କ ପୂର୍ବରୁ ସୁଜାତାଙ୍କୁ ନେଇ କିଛି ଏଭଳି କଥା କହିଥିଲେ ବିଜେପି ନେତା ତଥା ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ। ସେ କହିଥିଲେ ଯେ ବିଜେଡି ଏକ ଅସ୍ତଗାମୀ ସୂର୍ଯ୍ୟ। ଓଡ଼ିଶା ମାଟିରେ ଆଉ କେବେ ବି ଏହାର ଉଦୟ ହୋଇ ପାରିବ ନାହିଁ। ବିଜେଡି ୨୦୨୪ରେ ହିଁ ଅସ୍ତମିତ ହୋଇସାରିଛି। ପାଣ୍ଡିଆନଙ୍କ ଦେହରେ ଯେଉଁ କଳଙ୍କ ଲାଗିଛି ତାକୁ ସୁଜାତା କାର୍ତ୍ତିକେୟନ କେବେବି ଲିଭାଇ ପାରିବେ ନାହିଁ । ପାଣ୍ଡିଆନ ହୁଅନ୍ତୁ କି ସୁଜାତା, ଯିଏ ବି ଦାୟିତ୍ୱ ନିଅନ୍ତୁ ବିଜେଡି ଆଉ ଉଧେଇ ପାରିବ ନାହିଁ। ଯଦି ସୁଜାତା ଦାୟିତ୍ୱ ନିଅନ୍ତି, ତା'ହେଲେ ତାହା ବିଜେପି ପାଇଁ ଅଧିକ ସୁବିଧା ହେବ। ଏହା ସହିତ ବିଜେଡିର ୮୦ ଭାଗ ନେତା ଏବେ ବିଜେପି ସହ ଯୋଗାଯୋଗରେ ଥିବା ଦାବି କରିଥିଲେ ସାଂସଦ ପ୍ରଦୀପ ପୁରୋହିତ। ଦଳରେ ଆଉ ଭବିଷ୍ୟତ ନାହିଁ ବୋଲି ବିଜେଡି ନେତାମାନେ ଜାଣିସାରିଲେଣି ବୋଲି ସେ କହିଥିଲା। ୨୦୨୯ ସାଧାରଣ ନିର୍ବାଚନ ପୂର୍ବରୁ ବିଜେଡି ଓଡ଼ିଶାରେ ଇତିହାସ ହୋଇଯିବ ବୋଲି ଶ୍ରୀ ପୁରୋହିତ କହିଥିଲେ। ସୂଚନାଯୋଗ୍ୟ, ଗତକାଲି ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ କହିଥିଲେ ଯେ ସେ ନବୀନ ପଟ୍ଟନାୟକଙ୍କ ଛଡ଼ା ଆଉ କାହାକୁ ଦଳର ମୁଖ୍ୟ ଭାବେ ଗ୍ରହଣ କରିପାରିବେ ନାହିଁ। ସେହିଭଳି ପୂର୍ବତନ ରାଜ୍ୟସଭା ସାଂସଦ ଭୂପିନ୍ଦର ସିଂହ କହିଥିଲେ ଯେ ବର୍ତ୍ତମାନ ନବୀନଙ୍କ ଉତ୍ତରାଧିକାରୀ ଚୟନ କରିବାର କିଛି ଆବଶ୍ୟକତା ନାହିଁ। ସେମାନଙ୍କ ପୂର୍ବରୁ ସୋମବାର ବିଜେଡି ବିଧାୟକ ମନୋହର ରନ୍ଧାରୀ ଓ ପ୍ରଦୀପ ଦିଶାରୀ ରୋକଠୋକ କହିଥିଲେ ଯେ ଏବେ ନବୀନ ପଟ୍ଟନାୟକଙ୍କ ଉତ୍ତରାଧିକାରୀ ବାଛିବାର ଆବଶ୍ୟକତା ନାହିଁ।

### ଏଣିକି ଗୁଣ୍ଡିଚା...

ତେବେ ଶୀତ ଦିନେ ନଭେମ୍ବର ମାସରୁ ଫେବ୍ରୁଆରୀ ପର୍ଯ୍ୟନ୍ତ ମନ୍ଦିର ସକାଳ ୬ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଖୋଲା ରହିବ। ସେହିପରି ବିଭିନ୍ନ ନୀତିକାନ୍ତି ଥିବାରୁ ରଥଯାତ୍ରା ସମୟରେ ଦେବ ସ୍ନାନ ପୂର୍ଣ୍ଣିମା ଠାରୁ ନୀଳାଦ୍ରୀ ବିଜେ ପର୍ଯ୍ୟନ୍ତ ଶ୍ରୀଗୁଣ୍ଡିଚା ମନ୍ଦିର ବନ୍ଦ ରହିବ ବୋଲି ଶ୍ରୀ ମନ୍ଦିର ମୁଖ୍ୟ ପ୍ରଶାସନ ଅରବିନ୍ଦ ପାଢ଼ୀ କହିଛନ୍ତି। କୋଭିଡ୍ ପରଠାରୁ ଶ୍ରୀଗୁଣ୍ଡିଚା ମନ୍ଦିର ଭକ୍ତ ପାଇଁ ବନ୍ଦ ରହିଛି। କେବଳ ରଥଯାତ୍ରା ସମୟରେ ୯ ଦିନ ଗୁଣ୍ଡିଚା ମନ୍ଦିର ଖୋଲାଯାଇଥାଏ। ତେବେ ପୁଣି ଥରେ ଏହା ଖୋଲିବାକୁ ଯାଉଥିବାରୁ ଶ୍ରଦ୍ଧାଳୁମାନେ ଖୁସି ପ୍ରକଟ କରିଛନ୍ତି।

### କବିତା କବିତାରେ...

ଅନୁପ୍ରାଣିତ ବୋଲି ଦାବି କରୁଥିଲେ, ଆଉ ବିଜୁବାବୁଙ୍କ ସମୟରୁ ରାଜନୀତି କରୁଛୁ ବୋଲି ଗର୍ବ କରୁଥିଲେ, ଆମମାନଙ୍କୁ ବିଜୁବାବୁଙ୍କ ଆଦର୍ଶର କଥା କହୁଥିଲେ ସେହି ଆଗଧାଡ଼ିର ନେତାମାନେ ଆଜି ନିରବ କାହିଁକି ? ବିଜୁବାବୁଙ୍କ ନାମରେ ଗଠିତ ରାଜନୀତିକ ଦଳରେ ରହି ନିଜ ସ୍ୱାଭିମାନ ଓ ଆଦର୍ଶ ସହ ସାଲିସ୍ କ'ଣ ପାଇଁ ? ଏବେ ପୁଣି କେଉଁ ଭୟ ଘାରିଛି ? ଦଳର ଦୟନୀୟ ସ୍ଥିତି ପରେ ମଧ୍ୟ ସୁଧାରିବା ପାଇଁ ମୁହଁ ଖୋଲିବାକୁ ଡର କାହିଁକି ? କିଛି ନେତା ତ କେବଳ ମୁଣ୍ଡ ବିକ୍ରି କରି ଚୁପ୍ ରହିନାହାନ୍ତି ବରଂ ତାମିଲ ଆଦର୍ଶକୁ ସୁହାଇଲା ଭଳି ଆଚରଣ ବି କରୁଛନ୍ତି। ତାମିଲ ବୋହୂ ହାତରେ ଦଳକୁ ଟେକି ଦେବା ପାଇଁ ଏବେ ସଂଘବଦ୍ଧ ରଣନୀତି ଆରମ୍ଭ କରିଦେଇଛନ୍ତି। ଯେ କ'ଣ ଆପଣମାନଙ୍କର ବିଜୁ ଆଦର୍ଶ ?'

### ତାମିଲନାଡୁ ନିର୍ବାଚନ...

ସେହିଭଳି ସୋନଗୋଥାୟନଙ୍କ ପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ପାଳିତ ପୁତୁରା ତଥା ଦିନାକରଣ ମଧ୍ୟ ବିଜୟଙ୍କ ଟିଭିକେଙ୍କ ସହ ମେଣ୍ଟ କିମ୍ବା ତାଙ୍କ ଦଳକୁ ମିଶ୍ରଣ କରାଇପାରନ୍ତି । ଏହାଛଡା ପୂର୍ବତନ ମୁଖ୍ୟମନ୍ତ୍ରୀ ପନିର ସେଲଭମ ମଧ୍ୟ ବିଜୟଙ୍କ ଟିଭିକେ ସହ ମେଣ୍ଟର ସୂଚନା ଦେଇଛନ୍ତି । କିଛି ଦିନ ପୂର୍ବରୁ କରୁର ଦଳାଚକଟା ନେଇ ବିତର୍କରେ ଥିବା ବିଜୟଙ୍କ ଟିଭିକେ ପାଇଁ ଏହି ୩ ନେତାଙ୍କ ଯୋଗ ମେଣ୍ଟ ରାଜନୀତି ଦୃଷ୍ଟିରୁ ଫାଇଦା ଆଣିପାରେ । ମାତ୍ର ଡିଏମକେ ମେଣ୍ଟ ବିରୋଧରେ ସମସ୍ତ ରାଜନୈତିକ ଦଳକୁ ଏକାଠି ଆଣିବାକୁ ଚେଷ୍ଟା କରୁଥିବା ବିଜେପି ପାଇଁ ଏହା ଭଲ ଖବର ନହୋଇପାରେ ।

### ଓଡ଼ିଶା ସଙ୍ଗୀତ ନାଟକ...

ସଙ୍ଗୀତ କ୍ଷେତ୍ରରେ ସୁଗମ ସଙ୍ଗୀତ ପାଇଁ ବିଷ୍ଣୁଚରଣ ନାୟକ (ସୌରଭ) , ସଙ୍ଗୀତ ନିର୍ଦ୍ଦେଶନା ପାଇଁ ମନ୍ମଥ କୁମାର ମିଶ୍ର ଓ ପ୍ରଫୁଲ କୁମାର ମିତ୍ର ଏବଂ ଓଡ଼ିଶୀ କଣ୍ଠ ସଙ୍ଗୀତ ପାଇଁ ମହାପାତ୍ର ମିନତି ଭଞ୍ଜଙ୍କୁ ଚୟନ କରାଯାଇଛି । କବିଚନ୍ଦ୍ର କାଳିଚରଣ ଯୁବପ୍ରତିଭା ସମ୍ମାନ ୨୦୨୪ ପାଇଁ ଓଡ଼ିଶୀ କଣ୍ଠ ସଙ୍ଗୀତରେ ହିମାଂଶୁ ଶେଖର ସ୍ୱାଇଁ , ଓଡ଼ିଶୀ ନୃତ୍ୟରେ ଗୌରୀଶଙ୍କର ଦାଶ ଏବଂ ଛଉନୃତ୍ୟରେ ଶିବଚରଣ ମହାନ୍ତ ପୁରସ୍କାର ପାଇଛନ୍ତି । ୨୦୨୩ ବର୍ଷ ପାଇଁ ଅଭିନୟ କ୍ଷେତ୍ରରେ ଡ. ସମିତାରାଣୀ ମହାନ୍ତି , ପ୍ରେମାଞ୍ଜନ ପରିଡ଼ା ଓ ଅନୁଜ କୁମାର ପଟ୍ଟନାୟକଙ୍କୁ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଛି । ନାଟ୍ୟ ରଚନା ପାଇଁ ନୀଳାଦ୍ରି ଭୂଷଣ ହରିଚନ୍ଦନ ଏବଂ ନିର୍ଦ୍ଦେଶନା ପାଇଁ ଲଲାଟେନ୍ଦୁ ରଥ ଓ ସତ୍ୟ ନାରାୟଣ ଜେନା ପୁରସ୍କୃତ ହୋଇଛନ୍ତି । ସଙ୍ଗୀତ ବିଭାଗରେ ଭକ୍ତି ସଙ୍ଗୀତ ପାଇଁ ଦୁଃଖୁଶ୍ୟାମ ତ୍ରିପାଠୀ , ସୁଗମ ସଙ୍ଗୀତ ପାଇଁ ଆଦ୍ୟାଶା ଦାସ , ଓଡ଼ିଶୀ କଣ୍ଠ ସଙ୍ଗୀତ ପାଇଁ ଅଲେଖ ଚନ୍ଦ୍ର ସାମଲ ଏବଂ ସଙ୍ଗୀତ ନିର୍ଦ୍ଦେଶନା ପାଇଁ ରମେଶ ମହାନନ୍ଦ ଓ ଓମ୍ ପ୍ରକାଶ ମହାନ୍ତିଙ୍କୁ ଚୟନ କରାଯାଇଛି । କବିଚନ୍ଦ୍ର କାଳିଚରଣ ଯୁବପ୍ରତିଭା ସମ୍ମାନ ବର୍ଗରେ ଓଡ଼ିଶୀ କଣ୍ଠ ସଙ୍ଗୀତ ପାଇଁ ରୂପକ କୁମାର ପରିଡ଼ା , କଣ୍ଠ ସଙ୍ଗୀତ ପାଇଁ ଡାକ୍ତର ଚନ୍ଦନ କୁମାର ଗନ୍ତାୟତ ଓ ଓଡ଼ିଶୀ ନୃତ୍ୟ ପାଇଁ ପ୍ରଭାତ କୁମାର ସ୍ୱାଇଁ ଓ ରାଜଶ୍ରୀ ପ୍ରହରାଜଙ୍କୁ ସମ୍ମାନିତ କରାଯାଇଛି । ସେହିପରି ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତରେ ସୁନନ୍ଦା ପଟ୍ଟନାୟକ ସମ୍ମାନ ଯଥାକ୍ରମେ ରଞ୍ଜିତ କୁମାର ମହାପାତ୍ର (୨୦୨୩) , କରୁଣାକର ନାୟକ ଓ ରାଜେଶ ଷେଣ୍ଢ (୨୦୨୪) ଓ ଚନ୍ଦନ କୁମାର ଜେନା (୨୦୨୫) ଙ୍କୁ ପ୍ରଦାନ କରାଯାଇଛି । କଳା କ୍ଷେତ୍ରରେ ଗବେଷଣା ପାଇଁ କୀର୍ତ୍ତନ ନାରାୟଣ ପାଢ଼ୀ , ଡକ୍ଟର ଶ୍ୟାମସୁନ୍ଦର ଧର , ଶୁଭକାନ୍ତ ପାଢ଼ୀ ଏବଂ ଡ. ପ୍ରସନ୍ନ ମିଶ୍ର ସମ୍ମାନିତ ହୋଇଛନ୍ତି । କଳା ସଂଗଠନ କ୍ଷେତ୍ରରେ ୨୦୨୫ ପାଇଁ ପୁରୀର ଅନ୍ନପୂର୍ଣ୍ଣା ଥିଏଟର 'ଏ' ଗ୍ରୁପ୍ ଏବଂ ବଲାଙ୍ଗୀରର ଦୁଲଦୁଲି କଳାପରିଷଦକୁ ସମ୍ମାନିତ କରାଯାଇଛି ।

### ଓଡ଼ିଶାରୁ ଅଧିକ...

ଲକ୍ଷ ମେଟ୍ରିକ୍ ଟନ୍ କରାଯାଇଛି । ସେ କହିଛନ୍ତି, ଡବଲ ଇଞ୍ଜିନ ସରକାର ସବୁବେଳେ 'ଅନ୍ନଦାତା'ଙ୍କ କଲ୍ୟାଣକୁ ପ୍ରାଥମିକତା ଦେଇ ଆସିଛନ୍ତି । ଧାନ କିଣା ଲକ୍ଷ୍ୟରେ ୮ ଲକ୍ଷ ମେଟ୍ରିକ୍ ଟନ୍ ବୃଦ୍ଧି ତଥା ମୋଟ ୫୮ ଲକ୍ଷ ମେଟ୍ରିକ୍ ଟନ୍ ଧାନ କିଣିବା ନିଷ୍ପତି ଓଡ଼ିଶାର ଚାଷୀମାନଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବ । ସେହିପରି ରବି ଫସଲ ପାଇଁ ଏହି ଲକ୍ଷ୍ୟକୁ ୧୦ ଲକ୍ଷ ମେଟ୍ରିକ୍ ଟନରୁ ବୃଦ୍ଧି କରି ୧୧ ଲକ୍ଷ ମେଟ୍ରିକ୍ ଟନ୍ କରିବା ପାଇଁ ଆକଳନ କରାଯାଇଛି । ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ଏଥିପାଇଁ ଧନ୍ୟବାଦ ଜଣାଇଛନ୍ତି । ସେ କହିଛନ୍ତି, ଡବଲ ଇଞ୍ଜିନ ସରକାର ସବୁବେଳେ 'ଅନ୍ନଦାତା'ଙ୍କ କଲ୍ୟାଣକୁ ପ୍ରାଥମିକତା ଦେଇ ଆସିଛନ୍ତି । ଧାନ କିଣା ଲକ୍ଷ୍ୟରେ ୮ ଲକ୍ଷ ମେଟ୍ରିକ୍ ଟନ୍ ବୃଦ୍ଧି ତଥା ମୋଟ ୫୮ ଲକ୍ଷ ମେଟ୍ରିକ୍ ଟନ୍ ଧାନ କିଣିବା ନିଷ୍ପତି ଓଡ଼ିଶାର ଚାଷୀମାନଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବ । ମୋଦୀ ସରକାରଙ୍କ ଏହି ସମୟୋଚିତ ନିଷ୍ପତି ରାଜ୍ୟର ଅର୍ଥନୀତି ଓ ଆମ ଚାଷୀ ଭାଇଭଉଣୀଙ୍କ ହାତମୁଠାକୁ ମଜଭୂତ୍ କରିବ । ପ୍ରକାଶ ଥାଉ କି, କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଗତ ଅଗଷ୍ଟ ୪ ତାରିଖରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଯୋଶୀଙ୍କୁ ଭେଟି ଏ ବିଷୟରେ ଆଲୋଚନା କରିଥିଲେ । ବିଶେଷ ଭାବରେ ଓଡ଼ିଶାରେ ଖରିଫ ଋତୁ ଓ ରବି ଋତୁ ପାଇଁ ଉଷୁନା ଚାଉଳ ଉଠାଣ ସହ ନିର୍ଦ୍ଧାରିତ ଲକ୍ଷ୍ୟ ଠାରୁ ଅଧିକ ଧାନ ସଂଗ୍ରହ କରିବା ପାଇଁ ଆଲୋଚନା କରିବା ସହ ଚିଠି ଦେଇଥିଲେ ।

OFFICE OF THE SUPERINTENDING ENGINEER
BALASORE (ROADS & BUILDINGS ) DIVISION-I
AT/PO- PADHUANPADA , BALASORE
CONTACT NO :- 06782262045
E Mail ID :- ee_blsrb@yahoo.co.in

BID INVITATION NO. SE (R and B) BLS-Divn-1- 29 / 2025-26
Letter No 8333 Date 18.11.2025

| | | | |
|---|---|---|---|
| 1 | The Superintending Engineer , Balasore (R & B) Division-I , Balasore on behalf of the Governor of Odisha invites Percentage rate bids to be received in **ONLINE MODE** only for Electrical and Building works | | |
| 2 | No. of Work | : | 3 Nos |
| 3 | Nature of work : | : | Building & Electrical works of Balasore (R&B)Division-I |
| 4 | Class of Contractor : | : | "D"."C" , "MV" & "HT" Class Contractor |
| 5 | Approx. value of work | : | Rs. 6.79 Lakh to 21.79 Lakh |
| 6 | Tender Cost. : | : | Rs. 4000/- & 6000/- |
| 7 | Availability of Bid Documents in the website : | : | **From 10.00 Hours of dt. 24.11.2025 to 16:00 hours of dt. 04.12.2025** |
| 8 | Date of Opening of Bid : | : | Dt. **05.12.2025** at 10:00 Hours |
| 9 | Other details can be seen in the Bidding documents from the website : https://tendersorissa.gov.in | | |

Superintending Engineer,
Balasore (R&B) Division-I

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ନୂତନ ଦୁର୍ଗା ମଣ୍ଡପ ପାଇଁ କାଉମାରୀରେ ଭୂମି ପୂଜନ କାର୍ଯ୍ୟକ୍ରମ

ଲଙ୍ଗଳେଶ୍ୱର, ୨୬/୧୧ (ନି.ପ୍ର): ନବରାତ୍ର ପୂଜା ପରିଷଦ ତଥା କାଉମାରୀ ଗ୍ରାମ ବାସୀଙ୍କ ମିଳିତ ସହଯୋଗ କ୍ରମେ କାଉମାରୀ ଗ୍ରାମରେ ନୂତନ ସ୍ଥାୟୀ ଦୁର୍ଗା ମଣ୍ଡପର ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମର ଅଧକ୍ଷ୍ୟ ପ୍ରିୟବ୍ରତ ପଣ୍ଡାଙ୍କ ପୌରହିତ୍ୟରେ ଗ୍ରାମମୁଖ୍ୟ ଶ୍ରୀଯୁକ୍ତ ଅନାଦି କୁମାର ପଣ୍ଡା , ଉପମୁଖ୍ୟ ଭୂପତି ଗିରି, ପରିଷଦର ସଭାପତି ନାରାୟଣ ପାଣିଗ୍ରାହୀ, ଉପସଭାପତି ଶ୍ରୀଯୁକ୍ତ ଦିବାକର ସାମନ୍ତରାୟ , ବରିଷ୍ଠ ସଦସ୍ୟ ଶ୍ରୀଯୁକ୍ତ ସୃଷ୍ଟିଧର ଦାସ, ପ୍ରଦୀପ ସାମନ୍ତରାୟ, ଗଦାଧର ପଡିଧାରୀ, ଗୈରାଙ୍ଗ ମାଝୀ, ନନ୍ଦ ସାମନ୍ତରାୟ, ଯୁବ ଉଦ୍ୟୋଗୀ ଶ୍ରୀହରି ମାଝୀ, ହରିହର ପଡିଧାରି, ଅକ୍ଷୟ ସାମନ୍ତ,ଗୈରଗୋପାଲ ଜେନା, ଅଶୋକ ଜେନା, ଯୋଗେନ୍ଦ୍ର ନାଥ ମହାନ୍ତି, ସରୋଜ ସାମଲ, ହରିହର ବେହେରାଙ୍କ ସମେତ, ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ । ଗତ ୨୦୨୩ ମସିହା ଠାରୁ ଏହି ନବରାତ୍ର ପୂଜା ପ୍ରାୟତ ଆମ ଅଞ୍ଚଳରେ ପ୍ରଥମତ ଗଢିଉଠିଛି । ଏଣୁ ସ୍ଥାୟୀ ମଣ୍ଡପ ନିର୍ମାଣର ଆବଶ୍ୟକତାକୁ ବିଚାର କରି ବିଶେଷତ ପରିଷଦର ବରିଷ୍ଠ ସଦସ୍ୟ ଶ୍ରୀଯୁକ୍ତ ବୃନ୍ଦାବନ ପଡିଆରି ମୁଖ୍ୟ ଜଜ୍ ମାନ ଭାବେ ଉକ୍ତ ଭୂମି ପୂଜନ କାର୍ଯ୍ୟକ୍ରମକୁ ସମ୍ପାଦନା କରିଥିଲେ ।



# ଦେଶୀ ମଦ ଭର୍ତ୍ତି ପିକଅପ ଭ୍ୟାନ ଜବତ: ଚାଳକ ଫେରାର




ବସ୍ତା, ୨୬/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ରୁପସା ଥାନା ଲଛମନ ଖୁଣ୍ଟାରୁ ଏକ ପିକଅପ ଭ୍ୟାନ ଭର୍ତି ଦେଶୀ ମଦ ଜବତ ଡ୍ରାଇଭର ଫେରାର । ସୂଚନା ଥାଉ କି ଯେ, ଆଜି ଦିନ୧୨ ଘଟିକା ସମୟରେ ୩୦ ମି ସମୟରେ ବୈଶିଙ୍ଗା ରୁପସା ରାସ୍ତାରେ ଏକ ଦେଶୀ ମଦ ଭର୍ତି ପିକଅପ ଭ୍ୟାନ ନମ୍ବର ଓ ଆର ୦୧କେ ୦୦୯୨ ଆସୁଥିବା ବେଳେ, ବୈଶିଙ୍ଗା ଥାନା ଥାନା ଅଧିକାରୀ ଉକ୍ତ ଗାଡି କୁ ପିଛା କରୁଥିଲେ. ତେବେ ଗାଡି ଡ୍ରାଇଭର ଇତସ୍ତତ ହୋଇ ଦ୍ରୁତ ଗତିରେ ଗାଡିକୁ ରୁପସା ଥାନା ଅନ୍ତର୍ଗତ ଲଛମନଖୁଣ୍ଟା ଗ୍ରାମର ଡାକଘର ଭିତରକୁ ପଶି ଯାଇଥିବା ବେଳେ ଘରର ଏକ ଭାଙ୍ଗିବା ସହିତ ଘର ସମ୍ମୁଖରେ ଛିଡା ହୋଇଥିବା ଏକ ମୋଟରସାଇକେଲ ଧକ୍କା ଦେଇଥିଲା । ତେବେ ପାର୍ଶ୍ୱ ଦୋକାନ ସମ୍ମୁଖରେ ସ୍କୁଲ ପିଲା ଓ ଗ୍ରାହକ ମାନଙ୍କୁ କିଛି ଅଘଟଣ ଘଟିଥିଲା, ହେଲେ ଏହି ଘଟଣାଟିକୁ ବୈଶିଙ୍ଗା ଥାନା ଅଧିକାରୀ ରୁପସା ଥାନାକୁ ଖବର ଦେଇ ଫେରିଥିଲେ । ରୁପସା ଥାନା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଏଏସ ଆଇ ବିକାଶ ସେଠିଙ୍କ ସହିତ ଏକ ଟିମ ଲଛମନ ଖୁଣ୍ଟା ଗ୍ରାମରେ ପହଞ୍ଚି କରି ପିକଅପ ସହ ମଦ ଜବତ କରିଥିବା ବେଳେ ଡ୍ରାଇଭର କୌଶଳ କ୍ରମେ ସେଠାରୁ ଖସି ପଳାଇବାରେ ସଫଳ ହୋଇଥିଲେ । ପୋଲିସ କେଶ୍ ନମ୍ବର ୧୩୨/୨୫ ମୂଳେ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଥିବା ଜଣାପଡିଛି ।

## ନିର୍ମଳ ଷଡଙ୍ଗୀଙ୍କ ବିୟୋଗରେ ରାଜ୍ୟ ବିଜେପିର ଶୋକ

ଭୁବନେଶ୍ୱର, ୨୬/୧୧ (ନି.ପ୍ର): ସ୍ୱଦେଶୀ ଆନ୍ଦୋଳନର ଜଣେ ପ୍ରଖୋର ଯୋଦ୍ଧା, ଛାତ୍ର ସଂଗଠନ ଏବିଭିପିର ପୂର୍ବତନ ପ୍ରଦେଶ ସଂଗଠନ ମନ୍ତ୍ରୀ ତଥା ସ୍ୱଦେଶୀ ଜାଗରଣ ମଂଚର ପ୍ରଦେଶ ସଂଯୋଜକ ନିର୍ମଳ ଷଡଙ୍ଗୀଙ୍କ ଅକାଳ ବିୟୋଗ ଘଟିଛି । ତାଙ୍କ ପରଲୋକରେ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ଗଭୀର ଶୋକବ୍ୟକ୍ତ କରିଛନ୍ତି ।

ସ୍ୱର୍ଗତଃ ଷଡଙ୍ଗୀ ଜଣେ ସ୍ୱାଧୀନତା ସଂଗ୍ରାମୀ ପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ଜନ୍ମସ୍ଥାନ ପୁରୀ ଜିଲ୍ଲା କାକଟପୁର । ସେ ଜଣେ ସୁସଂଗଠକ, ବନ୍ଧୁବତ୍ସଳ ବ୍ୟକ୍ତି ଭାବରେ ଜନସାଧାରଣଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲେ । ସ୍ୱଦେଶୀ ଆନ୍ଦୋଳନର ଜଣେ ପ୍ରଖୋର ଯୋଦ୍ଧାଙ୍କୁ ଆମେ ଆଜି ହରାଇଛୁ । ସ୍ୱର୍ଗତଃ ଷଡଙ୍ଗୀଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଏଭଳି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗ ଏବଂ ବନ୍ଧୁଜନଙ୍କୁ ଅସୀମ ଧୈର୍ଯ୍ୟ ପ୍ରଦାନ କରିବା ପାଇଁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ରାଜ୍ୟ ସଭାପତି ଶ୍ରୀ ସାମଲ ପ୍ରାର୍ଥନା କରିଛନ୍ତି ।

# ମୁନିଲାଲ ହାଇସ୍କୁଲରେ ବେତନଟୀ ବ୍ଲକସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ



ବୈଶିଙ୍ଗା, ୨୬/୧୧ (ନି.ପ୍ର): ବୈଶିଙ୍ଗା ମୁନିଲାଲ ହାଇସ୍କୁଲ ପରିସରରେ ବେତନଟୀ ବ୍ଲକସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ଉଦଘାଟନୀ ଉତ୍ସବରେ ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ଶଶୀଧର ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ ପୂର୍ବକ ଅନୁଷ୍ଠାନିକ ଭାବେ ବିଜ୍ଞାନ ମେଳାକୁ ଉଦଘାଟନ କରିଥିଲେ । ପ୍ରାରମ୍ଭରେ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପରେ ଅନୁଷ୍ଠିତ ସଭାରେ ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀ ବିପ୍ଲବ କର, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଅପର୍ଣ୍ଣା ସାହୁ, ବ୍ଲକ ବିଜ୍ଞାନ ପରିଦର୍ଶକ କିଶୋର କୁମାର ଆଚାର୍ଯ୍ୟ, ବିଜ୍ଞାନ ମେଳାର ସାଂଗଠନିକ ସଂପାଦକ ଦେବେନ୍ଦ୍ର ମୁର୍ମୁ ଓ ଶିକ୍ଷକ ସଂଘର ସଭାପତି ସୁନୀଲ କୁମାର ବୋଡେ ମଞ୍ଚାସୀନ ରହି ମାର୍ଗଦର୍ଶନ କରିଥିଲେ । ମୁନିଲାଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ । ଏହାପରେ ପୂର୍ବତନ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଜଗନ୍ନାଥ ସାହୁଙ୍କ ନେତୃତ୍ୱରେ ଅନ୍ୟ ୪ ଜଣ ଅଭିଜ୍ଞ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ମୂଲ୍ୟାୟନ କରାଯାଇଥିଲା । ଗୋଷ୍ଠୀ ଶିକ୍ଷାଧିକାରୀ ବିପ୍ଲବ କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ମୁଖ୍ୟଅତିଥି, ପ୍ରତିରକ୍ଷା ଓ ଗବେଷଣା ସଂସ୍ଥାର ବରିଷ୍ଠ ବୈଜ୍ଞାନିକ ଶୁଭାଶିଷ ମାର୍ଣ୍ଡି ମୁଖ୍ୟବକ୍ତା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଅପର୍ଣ୍ଣା ସାହୁ, ବ୍ଲକ ବିଜ୍ଞାନ ପର୍ଯ୍ୟବେକ୍ଷକ କିଶୋର କୁମାର ଆଚାର୍ଯ୍ୟ, ବିଜ୍ଞାନ ମେଳାର ସାଂଗଠନିକ ସଂପାଦକ ଦେବେନ୍ଦ୍ର ମୁର୍ମୁ ମଞ୍ଚାସୀନ ଥିଲେ । ଏଥିରେ ମୋଟ ୧୦୫ଟି ପ୍ରକଳ୍ପ ସ୍ଥାନ ପାଇଥିବାବେଳେ ବିଭିନ୍ନ ବିଭାଗରୁ ୭ଟି ପ୍ରକଳ୍ପ ଜିଲ୍ଲାସ୍ତର ପାଇଁ ମନୋନୀତ ହୋଇଥିଲା । ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା । ଉଦଘାଟନ ଓ ଉଦଯାପନ ଉତ୍ସବରେ ଶିକ୍ଷକ ତୁଷାର କୁମାର ପାତ୍ର ଓ ରବୀନ୍ଦ୍ର ମହାନ୍ତ ଯଥାକ୍ରମେ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିବାବେଳେ ସିଆରସିସି ବିଶ୍ୱଜିତ ଦେବରଞ୍ଜନ ଜେନା ଭଜନ ପରିବେଷଣ କରିଥିଲେ । ପୂର୍ବତନ ବିଜ୍ଞାନ ପରିଦର୍ଶକ ଜଗନ୍ନାଥ ସାହୁ ପିଲାମାନଙ୍କୁ ବିଜ୍ଞାନ ଭିତ୍ତିକ ମ୍ୟାଜିକ ଦେଖାଇ ମନମୁଗ୍ଧ କରିଥିଲେ । ବରିଷ୍ଠ ଶିକ୍ଷକ ଶୈଳେନ୍ଦ୍ର କୁମାର ପଣ୍ଡା, ମୀନକେତନ ସ୍ୱାଇଁ, ସତ୍ୟରଞ୍ଜନ ରାଉତ, ଗୋବିନ୍ଦ ଚନ୍ଦ୍ର ମହାନ୍ତ, ନୀଳକଣ୍ଠ ଦାସ, ପ୍ରଫୁଲ୍ଲ ଦାସ, ପ୍ରଦୀପ ମହାନ୍ତି ଓ ବୀରଭଦ୍ର ମହାନ୍ତ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।

# ଜନ କଲ୍ୟାଣକାରୀ ସଂଗଠନ 'ଚେତନା'ର କାର୍ଯ୍ୟକ୍ରମ




ବାଲେଶ୍ୱର, ୨୬/୧୧ (ନି.ପ୍ର): ଜିଲ୍ଲାର ଅଗ୍ରଣୀ ସାମାଜିକ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଚେତନା' ସଂଗଠନ ତରଫରୁ ସହରସ୍ଥିତ ନିଉ ଫ୍ଲାଏ ଅଭରବ୍ରିଜ୍ (ବିଦ୍ୟୁତମାର୍ଗ)ଠାରେ ଗରୀବ, ଅବହେଳିତ, ଅସହାୟ ପୁରୁଷ ଓ ସ୍ତ୍ରୀ ଲୋକମାନଙ୍କୁ ଶୀତବସ୍ତ୍ର, କମ୍ବଳ, ବିସ୍କୁଟ, ଚା ଇତ୍ୟାଦି ପ୍ରଦାନ କରାଯାଇଛି । ୧୨୦ରୁ ଉର୍ଦ୍ଧ୍ୱ ଅସହାୟ ଲୋକମାନେ ଏହା ଦ୍ୱାରା ଉପକୃତ ହୋଇଛନ୍ତି । 'ଚେତନା' ସଂଗଠନର ସଂପାଦକ ପର୍ଶୁରାମ ପ୍ରଧାନ, ବରିଷ୍ଠ ଉପଦେଷ୍ଟା କବି ପ୍ରଶାନ୍ତ ଦାସ, ବିରେନ୍ଦ୍ର ବାରିକ୍, ରୋଟାରିଆନ ତଥା ଏଡଭୋକେଟ ଯଶୋଦା ନଂଦନ ଆଶ୍, ବିଚାର ବିଭାଗୀୟ କର୍ମଚାରୀ ଅନଙ୍ଗ ମଂଜରୀ ବେହେରା, ଉଷାରାଣୀ ପଣ୍ଡା, ଶିକ୍ଷାବିତ ମୁରଲୀଧର ନାଏକ, ତୁଷାର ମହାପାତ୍ର, ଶରତ ପଣ୍ଡା, ସଂଜୟ ସାହୁ, ଜ୍ୟୋର୍ତିମୟ ରାଉଳ, ସମାଜସେବୀ ସୁଧାଂଶୁ ଶେଖର ରାଉଳ, ଶିବ ନାରାୟଣ ଜେନା, ପ୍ରାକ୍ତନ ବ୍ୟାଙ୍କ ଅଧିକାରୀ ପିତାମ୍ବର ଶତପଥି, ତାପସ ପ୍ରଧାନ, ସାଇ ଆଶ୍ରୀତ ପ୍ରଦାନ, ପୁର୍ଣ୍ଣେନ୍ଦୁ ମହାନ୍ତି, ରାଜିବ ବେହେରା, ଜିଡଇଆନ ସାଇମନ୍ ତଥା ସଂଗଠନ ସମସ୍ତ ସଦସ୍ୟ ସଦସ୍ୟା ଏଥିରେ ଉପସ୍ଥିତ ହୋଇ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପାଳନ କରିଥିଲେ । ପ୍ରକାଶ ଯେ ବିଗତ ୨/୩ ଦଶନ୍ଧି ଧରି ସହରର ବିଭିନ୍ନ ଲୋକାଭିମୁଖି ସାମାଜିକ କାର୍ଯ୍ୟକ୍ରମରେ ଲିପ୍ତ ଆଗକୁ ଏଭଳି କାର୍ଯ୍ୟ ଜାରି ରଖିବ ବୋଲି କର୍ମକର୍ତ୍ତା ପ୍ରକାଶ କରିଥିବା ବେଳେ ସାଧାରଣରେ ଭୂୟସୀ ପ୍ରଶଂସା କରାଯାଇଛି ।

# ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ସମ୍ବିଧାନ ଦିବସ ନିମିତ୍ତ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ, ୨୬/୧୧ (ନି.ପ୍ର): ରାଜ୍ୟ ଆଇନ୍‌ସେବା ପ୍ରାଧିକରଣ କଟକଙ୍କ ନିର୍ଦ୍ଦେଶକ୍ରମେ ସମ୍ବିଧାନ ଦିବସ ନିମିତ୍ତ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ, ଭଦ୍ରକର ଅଧକ୍ଷ ଶ୍ରୀ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ସମ୍ବିଧାନର ଆମୁଖ (ପ୍ରିଏମ୍ବଲ) ପାଠ କରାଯାଇଥିଲା । ଏଥିରେ ଜିଲ୍ଲା ନ୍ୟାୟାଳୟର ସମସ୍ତ ବିଚାରପତି ବୃନ୍ଦଙ୍କ ସମେତ ସମସ୍ତ କର୍ମଚାରୀଗଣ ମଧ୍ୟ ସମ୍ବିଧାନ ପାଠରେ ଯୋଗ ଦେଇଥିଲେ । ଏହା ସହିତ ଚିଙ୍ଗୁଡ଼ିପୁରସ୍ଥିତ ଜଗନ୍ନାଥ ଉଚ୍ଚ ବିଦ୍ୟାପୀଠର, ଭଦ୍ରକ ଠାରେ ସମ୍ବିଧାନ ଦିବସ ପାଳନ ନିମିତ୍ତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ସଚିବ ଶ୍ରୀ ପୂଣ୍ୟଶ୍ଳୋକ ରଥ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସମ୍ବିଧାନ ଅଧିକାର ଓ କର୍ତ୍ତବ୍ୟ ସଂପର୍କିତ ନିଜ ବକ୍ତବ୍ୟ ମାଧ୍ୟମରେ ସମ୍ବିଧାନ ପ୍ରତି ପ୍ରତ୍ୟେକ ନାଗରିକମାନଙ୍କର ମର୍ଯ୍ୟାଦା ଓ ବିଶ୍ୱାସକୁ ଅଖଣ୍ଡ ରଖିବା ତଥା ଭାରତର ଏକତା ଓ ଅଖଣ୍ଡତାକୁ ବଜାୟ ରଖିବା ଇତ୍ୟାଦି ବିଷୟରେ ପ୍ରତିପାଦନ କରି ଉପସ୍ଥିତ ଥିବା ଅନ୍ୟ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ଅତିଥିମାନଙ୍କ ମଧ୍ୟରେ ଶ୍ରୀ ସଂଗ୍ରାମ ପଟ୍ଟନାୟକ, ଇନ୍‌ସପେକ୍ଟର, ଭଦ୍ରକ, ଡ଼. ତାପସ କୁମାର ମହାନ୍ତି, ବହ୍ନିଶିଖା ବିଶ୍ୱାଳ, ସହାୟକ ଏଲ୍.ଏ.ଡ଼ି୍.ଏସ୍, ନ୍ୟାୟରକ୍ଷକ ଭଦ୍ରକ, ଶ୍ରୀ ଅଜୟ କୁମାର ନନ୍ଦ, ପ୍ରଧାନଶିକ୍ଷକ, ଗୀତ ରୋଜାଲିନ୍, ସହାୟକ ପ୍ରଧାନଶିକ୍ଷକ, ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ, ଚିଙ୍ଗୁଡ଼ିପୁର, ଭଦ୍ରକ ତଥା ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗଦେଇ କାର୍ଯ୍ୟକ୍ରମଟିକୁ ସଫଳ କରାଇଥିଲେ । ପରିଶେଷରେ ଭଲ ବକ୍ତୃତା ଦେଇଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ସ୍ୱରୂପ ପୁସ୍ତକ ଓ କଲମ ପ୍ରଦାନ କରାଯାଇଥିଲା ଏବଂ ତତ୍‌ସହିତ ଭବିଷ୍ୟତରେ ଜଣେ ଜଣେ ଭଲ ଛାତ୍ର ହେବା ପାଇଁ ଉପସ୍ଥିତ ଅତିଥିମାନେ ସେମାନଙ୍କ ବକ୍ତବ୍ୟ ମାଧ୍ୟମରେ ଉତ୍ସାହିତ କରିଥିଲେ ।




## ସମାଜସେବୀ ଗଗନ ବିହାରୀ ସେଠୀଙ୍କ ପରଲୋକ



ବାସୁଦେବପୁର , ୨୬/୧୧ (ନି.ପ୍ର): ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ଚୁଡ଼ାମୁଣି ଗ୍ରାମପଞ୍ଚାୟତ ବାସିନ୍ଦା ଜଣେ ସୁ ପରିଚିତ ବ୍ୟକ୍ତିତ୍ୱ,ସମାଜ ସେବୀ ତଥା ଏକାଧାରରେ ଜଣେ ସୁ ସାହିତ୍ୟିକ,କବି ଲେଖକ ଗଗନ ବିହାରୀ ସେଠୀଙ୍କ ଅକାଳ ବିୟୋଗ ହୋଇଯାଇଛି ସୂଚନା ମିଳେ ଯେ ଭୁବନେଶ୍ୱର ରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ହେଉଥିବା ସମୟରେ ବୁଧବାର ଦିନ ସକାଳେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କଲେ ।ଖବର ପାଇ ବାସୁଦେବପୁର ରେ ଶୋକର ଛାୟା ଖେଳିଯାଇଛି । ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ,ବିଜେପି ନେତା ବାଣୀକଲ୍ୟାଣ ମହାନ୍ତି, ଦିନ ବନ୍ଧୁ ପତି,ଉଦୟ ନାରାୟଣ ମଲ୍ଲିକ ସମାଜ ସେବୀ ମମତା ଜେନା ଶିକ୍ଷାବିତ୍ ଦୁଃଶାସନ ରାଉତ , ନବ ନିର୍ମାଣ ସେନା ଅଧକ୍ଷ ଜୟ ପ୍ରକାଶ ମଲ୍ଲିକ, ସମ୍ବିତ ମହାନ୍ତି, ଆଡଭୋକେଟ ପ୍ରଦୀପ ମହାନ୍ତି, ରଞ୍ଜନ ନାୟକ, ସୀତା ରାଣୀ ଦାସ, ବାସୁଦେବପୁର ପ୍ରେସ୍ କ୍ଲବ୍ ର ସଦସ୍ୟ ନବନିର୍ମାଣ ର ସଦସ୍ୟ ତଥା ବିଭିନ୍ନ ସଂଗଠନ ଜନ ସାଧାରଣଙ୍କ ତରଫରୁ ଗଭିର ଶୋକ ପ୍ରକାଶ କରାଯାଇଛି ।ଏହି ଅବସର ରେ ଏକ ଶୋଭାଯାତ୍ରା ବାସୁଦେବପୁର ବଜାର ପରିକ୍ରମା କରିବା ପରେ ତାଙ୍କ ଜନ୍ମ ମାଟି ଚୁଡ଼ାମୁଣୀ ଠାରେ ଶେଷ କୃତ୍ୟ ସଂପନ୍ନ ହୋଇଛି ।

## ଦିଲ୍ଲୀ ବୋମା ବିସ୍ଫୋରଣ ମାମଲାରେ ଆତଙ୍କବାଦୀ ଓମର ଇନ୍ ନବୀର ସହଯୋଗୀ ଗିରଫ

ନୂଆଦିଲ୍ଲୀ, ୨୬/୧୧: ଜାତୀୟ ତଦନ୍ତ ଏଜେନ୍ସି (ଏନ୍ଆଇଏ) ଦିଲ୍ଲୀର ଲାଲକିଲା ନିକଟରେ ଘଟିଥିବା କାର ବୋମ୍ ବିସ୍ଫୋରଣ ମାମଲାରେ ଆତଙ୍କବାଦୀ ଉମର ଉନ୍ ନବୀକୁ ଆଶ୍ରୟ ଦେଇଥିବା ଫରିଦାବାଦ ବାସିନ୍ଦା ସୋଏବକୁ ଗିରଫତାର କରିଛି । ତଦନ୍ତରେ ଜଣାପଡ଼ିଛି ଯେ ବିସ୍ଫୋରଣ ପୂର୍ବରୁ ସୋଏବ ଉମରଙ୍କୁ ଲଜିଷ୍ଟିକ୍ ସହଯୋଗ ମଧ୍ୟ ଦେଇଥିଲେ । ଏନ୍ଆଇଏ ଅନୁସାରେ, ସୋଏବ ଏହି ମାମଲାରେ ୭ମ ଗିରଫ ହୋଇଥିବା ଅଭିଯୁକ୍ତ । ଏହା ପୂର୍ବରୁ ଏଜେନ୍ସି ଉମରଙ୍କ ୬ ଅନ୍ୟ ସହଯୋଗୀଙ୍କୁ ଗିରଫ କରିଥିଲା । ଏନ୍ଆଇଏ କହିଛି ଯେ ମାମଲାର ଗଭୀର ତଦନ୍ତ ଚାଲିଛି ଏବଂ ଅନ୍ୟ ରାଜ୍ୟଗୁଡ଼ିକର ପୋଲିସ୍ ମଧ୍ୟ ତଲାସୀ ଅଭିଯାନ ଚାଲାଉଛନ୍ତି । ଉଲ୍ଲେଖନୀୟ ଯେ, ୧୦ ନଭେମ୍ବରରେ ଲାଲକିଲା ବାହାରେ ଘଟିଥିବା ଏହି କାର ବୋମ୍ ବିସ୍ଫୋରଣରେ ୧୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା ଏବଂ ଅନେକ ଆହତ ହୋଇଥିଲେ ।

# ଡାକ୍ତର ତ୍ରିନାଥ ପାଲଙ୍କ ସ୍ମୃତିରେ ଡାକ୍ତରଖାନା ସଫେଇ ଓ ସ୍ମୃତିସଭା ଅନୁଷ୍ଠିତ



ନୀଳଗିରି, ୨୬/୧୧ (ନି.ପ୍ର): ସେବା ହିଁ ଧର୍ମ । ସମୟାନୁବର୍ତ୍ତିତାକୁ ବିଶ୍ୱାସ ବୋଲି ଜୀବନରେ ଗ୍ରହଣକରି କର୍ମମୟ ସଂସାରରେ କର୍ମ କରୁଥିବା ସମୟରେ ନୀଳଗିରି ଉପଖଣ୍ଡ ସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ରର ଡ଼ାକ୍ତର ତ୍ରିନାଥ ପାଲଙ୍କ ଦେହାନ୍ତ ପରେ ଆଜି ଏକାଦଶ ଦିବସରେ ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟ ଯୁଥ୍ ରେଡ୍ କ୍ରସ ଓ ରେଡ ରିବନ କ୍ଲବର ଛାତ୍ରୀ ମାନଙ୍କ ତରଫରୁ ସ୍ୱାସ୍ଥ୍ୟକେନ୍ଦ୍ର ସଫେଇ ଓ ସ୍ମୃତିଚାରଣ ସଭା ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତସଭାରେ ନୀଳଗିରି ସବ୍ ଡିଭିଜନ ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରମୁଖ ଡାକ୍ତର ସରୋଜିନି ପ୍ରଧାନ, ଡାକ୍ତର ଶୁଭ୍ରାଂଶୁ ଶେଖର ପରିଡ଼ା, ସନ୍ତରାଗଡିଆ ସି ଏଚ୍ ଏସ ର ଡାକ୍ତର ଦେବୀପ୍ରସାଦ ପଣ୍ଡା, ମହାବିଦ୍ୟାଳୟର ଅଧକ୍ଷା ପ୍ରଫେସର ମଞ୍ଜୁଶ୍ରୀ ପଣ୍ଡା, ବରିଷ୍ଠ ଅଧାପିକା ମମତା ବରାଳ, ଅଧାପିକା ନିରୁପମା ନାୟକ , ନୀଳଗିରି ରକ୍ତଦାତା ସଂଘର ମୁଖ୍ୟ ଉପଦେଷ୍ଟା ପତ୍ରକାର ରବି ରାଉତ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସମ୍ପାଦକ ମାୟାଧର ମହାନ୍ତି, ଯୋଗଦାନ କରିଥିବାବେଳେ ଯୁଥ୍ ରେଡ କ୍ରସର କାଉନସେଲର ଅଧାପକ ଡ. ପ୍ରଦୀପ୍ତ କୁମାର ମିଶ୍ର ମଞ୍ଚ ସଞ୍ଚାଳନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ଓ ନୀଳଗିରି ରକ୍ତଦାତା ସଂଘର ସଭାପତି ଗୋପାଳଚନ୍ଦ୍ର ମହାପାତ୍ର, ସମ୍ପାଦକ ବିଜୟ କୁମାର ପାତ୍ର ସହଯୋଗ କରିଥିଲେ । ଏପରି କାର୍ଯ୍ୟକ୍ରମକୁ ନୀଳଗିରି ହସ୍ପିଟାଲ ପରିସରରେ ଥିବା ରୋଗୀ ଓ ରୋଗୀଙ୍କ ଅଭିଭାବକ ମାନଙ୍କ ସହ ବହୁତ ବୁଦ୍ଧିଜୀବୀ ପ୍ରଶଂସା କରିଥିଲେ ।

# ବାରିପଦାଠାରେ ସମ୍ବିଧାନ ଦିବସ -୨୦୨୫ ପାଳିତ




ବାରିପଦା, ୨୬/୧୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ସ୍ଥିତ ସମ୍ମିଳନୀ କକ୍ଷ ଠାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦୁଖବନ୍ଧୁ ନାୟକଙ୍କ ସଭାପତିତ୍ୱରେ ସମ୍ବିଧାନ ଦିବସ ୨୦୨୫ ପାଳିତ ହୋଇଯାଇଛି. ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ତା'ଙ୍କ ଅଭିଭାଷଣ ରେ ବ୍ୟକ୍ତ କରିଥିଲେ କି ଆଜିର ଏହି ଦିବସ ଆମ ଦେଶବାସୀଙ୍କ ପାଇଁ ଏକ ମହତ୍ୱପୂର୍ଣ୍ଣ ତଥା ଗୁରୁତ୍ୱପୂର୍ଣ୍ଣ ଦିନ.୧୯୪୯ ମସିହା ନଭେମ୍ବର ୨୬ତାରିଖ ରେ ଆମେ ଆମ ନିଜକୁ ଶାସନ କରିବା ପାଇଁ ଆମର ଚିର ସ୍ମରଣୀୟ ମହାମନୀଷୀ ଡ଼କ୍ଟର ବାବାସାହେବ ଭୀମରାଓ ଆମ୍ବେଦକରଙ୍କ ସଭାପତିତ୍ୱରେ ପ୍ରସ୍ତୁତ ହୋଇଥିବା ପୃଥିବୀର ସର୍ବ ବୃହତ ସମ୍ବିଧାନକୁ ଅଙ୍ଗୀକାର କରିବାକୁ ସହମତି ପ୍ରକାଶ କରିଥିଲୁ ଏବଂ ଏହି ସମ୍ବିଧାନ ହେଉଛି ଆମ ଦେଶର ଆତ୍ମା । ଏହି ସର୍ବ ବୃହତ ସମ୍ବିଧାନକୁ ସଂଗେ ସଂଗେ ପଢି ବୁଝିବା କଷ୍ଟକର । କିନ୍ତୁ ଆମେ ସମସ୍ତେ ଆମ ଦେଶର ଆତ୍ମାକୁ ଜାଣିବା ଉଚିତ । ସମ୍ବିଧାନର ପ୍ରଥମ ଅନୁଚ୍ଛେଦ ରେ ଥିବା ପ୍ରସ୍ତାବନାକୁ ଯଦି ଆମେ ଭଲ ଭାବରେ ବ୍ୟାଖ୍ୟା କରିବା ତେବେ ଆମେ ଆମ ଦେଶର ସମ୍ପୂର୍ଣ୍ଣ ଶାସନ ବ୍ୟବସ୍ଥା ସମ୍ବନ୍ଧରେ ଜାଣିପାରିବା । ଏହାପରେ ଅତିରିକ୍ତ ଜିଲ୍ଲାପାଳ ଉପସ୍ଥିତ ଥିବା ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ସମ୍ବିଧାନର ପ୍ରସ୍ତାବନାକୁ ପାଠ କରାଇଥିଲେ । ଅନୁଷ୍ଠିତ କାର୍ଯ୍ୟକ୍ରମରେ ପି ଏ ଆଇ ଟି ଡି ଏ କପ୍ତିପଦା, କରଞ୍ଜିଆ, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ସମେତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବିଭିନ୍ନ ସେକ୍ସନର ଡେପୁଟି କଲେକଟର, ସହକାରୀ ଜିଲ୍ଲାପାଳ ଓ କର୍ମଚାରୀ ମାନେ ଉପସ୍ଥିତ ରହି ସମ୍ବିଧାନର ପ୍ରସ୍ତାବନାକୁ ପାଠ କରିଥିଲେ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida